R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୭୪
ତିଥି: ଦ୍ୱାଦଶୀ
୩୦ ମାର୍ଚ୍ଚ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 174
30 March 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ପେଣ୍ଟାଗନ ଲଢୁଆ ବିମାନକୁ ଖସାଇଲା ଇରାନ



ତେହେରାନ,୨୯।୩: ଇରାନ ଶୁକ୍ରବାର ସାଉଦି ଆରବର ପ୍ରିନ୍ସ ସୁଲତାନ ଏୟାରବେସ୍ ଉପରେ ଭୟଙ୍କର ଆକ୍ରମଣ କରି ଆମେରିକା ସେନାର ଅନେକ ଏକ ଗୁରୁତ୍ୱପୂର୍ଣ୍ଣ ବିମାନକୁ ନଷ୍ଟ କରିଦେଇଥିଲା। ଏଥିରେ ନିରୀକ୍ଷଣ ବିମାନ ଇ-୩ ଏଡବ୍ଲୁଏସିଏସ୍ କମାଣ୍ଡ ଓ କଣ୍ଟ୍ରୋଲ ବିମାନ ରହିଛି। ଇରାନ ୬ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ଓ ୨୯ଟି ଡ୍ରୋନ୍ ଦ୍ୱାରା ଆକ୍ରମଣ କରିଥିବା ଇରାନର ପ୍ରେସ୍ ଟିଭି ପ୍ରକାଶ କରିଛି।ଇରାନ ଆକ୍ରମଣ ଯୋଗୁ ଆମେରିକାର ଅନେକ ରିଫିଉଲିଂ ବିମାନ ସହିତ ୟୁଏସ୍ ଏମ୍ୟୁ୯ ଡ୍ରୋନ ଓ ଏଫ୍-୧୬ ଜେଟ୍ ନଷ୍ଟ ହୋଇଥିବା ପ୍ରେସ୍ ଟିଭି ପ୍ରକାଶ କରିଛି। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ମଧ୍ୟ ଏହାର ରିପୋର୍ଟରେ ବୋଇଂ ଇ-୩ ସେଣ୍ଟ୍ରି ବିମାନ କ୍ଷତିଗ୍ରସ୍ତ ହୋଇଥିବା କହିଛି। ଏହା ଏକ ଏୟାରବର୍ଣ୍ଣ ୱାର୍ଣ୍ଣିଂ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ ବିମାନ। ଏହି ବିମାନ ଉନ୍ନତ ରାଡାର ମାଧ୍ୟମରେ ଶହ ଶହ କିଲୋମିଟର ଦୂର ପର୍ଯ୍ୟନ୍ତ ବିମାନ ଓ କ୍ଷେପଣାସ୍ତ୍ରର ନିରୀକ୍ଷଣ କରିପାରେ ଓ ସେନାକୁ ରିୟଲ ଟାଇମ ସୂଚନା ପ୍ରଦାନ କରିପାରେ।ଶୁକ୍ରବାର ଇରାନ ପକ୍ଷରୁ ହୋଇଥିବା ଆକ୍ରମଣରେ ୧୨ ଆମେରିକା ସୈନ୍ୟ ଆହତ ହୋଇଥିଲେ, ଯେଉଁମାନଙ୍କ ମଧ୍ୟରେ ଦୁଇଜଣଙ୍କ ଅବସ୍ଥା ଗୁରୁତର ରହିଛି। ରିପୋର୍ଟ ଅନୁଯାୟୀ, ଇରାନ ଉପରେ ଆକ୍ରମଣ ପୂର୍ବରୁ ଆମେରିକା ନିକଟରେ ୧୬ଟି କାର୍ଯ୍ୟକ୍ଷମ ଇ-୩ ସେଣ୍ଟ୍ରି ବିମାନ ରହିଥିଲା। ଏହି ବିମାନର ତୁରନ୍ତ ସହଜ ବିକଳ୍ପ ମିଳିପାରିବ ନାହିଁ ବୋଲି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ପ୍ରକାଶ କରିଛି। ଇ-୩ ଏଡବ୍ଲୁଏସିଏସ୍ର ବିକଳ୍ପ ଇ-୭ ୱେଜଟେଲର ମୂଲ୍ୟ ୭୦୦ ନିୟୁତ ଡଲାର ବା ପାଖାପାଖି ୫୮୦୦ କୋଟି ଟଙ୍କା ବୋଲି କୁହାଯାଇଛି।

# ଆମେରିକା ଟାର୍ଗେଟରେ ଇରାନର ସ୍ଥଳସେନା

## ହର୍ମୁଜ ଓ ଖାର୍ଗକୁ କବ୍ଜା କରିବାକୁ ଯୋଜନା

ୱାସିଂଟନ,୨୯।୩: ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ପଞ୍ଚମ ସପ୍ତାହରେ ପ୍ରବେଶ କରିଛି। ଇତିମଧ୍ୟରେ ଇରାନକୁ ଶେଷ ତଥା ନିର୍ଣ୍ଣାୟକ ଜବାବ୍ ଦେବାକୁ ପେଣ୍ଟାଗନ୍ ବଡ଼ଧରଣର ପ୍ରସ୍ତୁତି କରୁଛି। ଇରାନରେ ସ୍ଥଳଭାଗ ଅପରେସନ କରିବାକୁ ସପ୍ତାହେରୁ ଅଧିକ ସମୟ ହେଲା ଯୋଜନା କରିଆସୁଛି। ଖାର୍ଗ ଦ୍ୱୀପ ଓ ହର୍ମୁଜ ପ୍ରଣାଳୀର ଉପକୂଳ ନିକଟବର୍ତ୍ତୀ ଅଞ୍ଚଳରେ ଚଢ଼ଉ କରିବାକୁ ପ୍ରସ୍ତୁତ ହେଉଛି। ମଧ୍ୟପ୍ରାଚ୍ୟରେ ଆମେରିକା ଏହାର ସାମରିକ କ୍ଷମତା ବୃଦ୍ଧି କରିବାରେ ଲାଗିଛି। ହଜାର ହଜାର ଆମେରିକା



ମେରିନ୍ ଓ ସୈନ୍ୟ ପୂର୍ବରୁ ନିଜ ନିଜର ସ୍ଥାନରେ ଅବସ୍ଥାପିତ ହୋଇସାରିଛନ୍ତି, ଯଦ୍ୱାରା କି ଯଦି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ ପାଇଁ ଅନୁମତି ଦିଅନ୍ତି ତେବେ ସେମାନେ ତୁରନ୍ତ ଆକ୍ରମଣ କରିପାରିବେ। ତେବେ ଏହା ପୂର୍ଣ୍ଣସ୍ତରର ଆକ୍ରମଣ ନ ହୋଇ ସୁନିଶ୍ଚିତ ଉଚ୍ଚ ପ୍ରଭାବଶାଳୀ ମିଶନ ପରି ହେବ।

ଆମେରିକାର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସ୍ୱତନ୍ତ୍ର ଅପରେସନ ବାହିନୀ ଓ ପାରମ୍ପରିକ ପଦାତିକ ବାହିନୀ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଟାର୍ଗେଟଗୁଡ଼ିକ ଉପରେ ତୁରନ୍ତ (୯ ପୃଷ୍ଠାରେ)

### ୱ ଡବ୍ଲ୍ୟୁଟିଓ ମନ୍ତ୍ରୀସ୍ତରୀୟ ସମ୍ମିଳନୀ

## ଚୀନ ପ୍ରସ୍ତାବକୁ ଭାରତର ବିରୋଧ

ନୂଆଦିଲ୍ଲୀ,୨୯।୩: ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ର ୧୪ତମ ମନ୍ତ୍ରୀସ୍ତରୀୟ ସମ୍ମିଳନୀରେ ଚୀନ୍ର ନିବେଶ ସମ୍ପର୍କିତ ଏକ ପ୍ରସ୍ତାବକୁ ଭାରତ ସଫଳତା ସହ ଅଟକାଇଛି। ଉକ୍ତ ପ୍ରସ୍ତାବକୁ ୧୨୮ଟି ଦେଶର ସମର୍ଥନ ଥିଲା। ତଥାପି ଭାରତ ମୁଣ୍ଡ ନୁଆଁଇନଥିଲା। ଚୀନ୍ର ଏହି ପ୍ରସ୍ତାବ ବିରୋଧରେ ଭାରତ ଏକାକୀ ଠିଆ ହୋଇଛି। ପୂର୍ବରୁ ଏହାକୁ ବିରୋଧ କରୁଥିବା ଦକ୍ଷିଣ ଆଫ୍ରିକା ଓ ତୁର୍କୀ ନିଜ ମତ ବଦଳାଇ ସମର୍ଥନ କରିଛନ୍ତି। ଚୀନ୍ ସମର୍ଥିତ ବିକାଶ ପାଇଁ ନିବେଶ ସୁବିଧା (ଆଇଏଫଡି) ପ୍ରସ୍ତାବକୁ ଡବ୍ଲ୍ୟୁଟିଓ ଢାଞ୍ଚାରେ ସାମିଲ କରିବାକୁ ଉଦ୍ୟମ ହେଉଛି। ଭାରତ ତାହାକୁ ଦୃଢ଼ ବିରୋଧ କରୁଛି। ଏହା ଡବ୍ଲ୍ୟୁଟିଓର କାର୍ଯ୍ୟକାରିତାକୁ ପ୍ରଭାବିତ କରିପାରେ ଓ ଏହାର ମୌଳିକ ନୀତିକୁ ଦୁର୍ବଳ କରିପାରେ ବୋଲି ଭାରତ କହୁଛି। କାମେରୁନର ୟାଉଣ୍ଡେରେ ଚାଲିଥିବା ଡବ୍ଲ୍ୟୁଟିଓର ୧୪ତମ ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗେଦଇଥିବା ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତ ଯେ ବିକାଶ ପାଇଁ ନିବେଶ ସୁବିଧା ଚୁକ୍ତିନାମାର ବିବାଦୀୟ ପ୍ରସଙ୍ଗ ବିରୋଧରେ ଭାରତ ଏକାକୀ ଠିଆ ହେବାର ସାହସ ଦେଖାଇଛି। (୯ ପୃଷ୍ଠାରେ)

### ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍

## ସମ୍ବଲପୁରର ସୁଜାତା ମହିଳା ସଶକ୍ତିକରଣର ଅନନ୍ୟ ଦୃଷ୍ଟାନ୍ତ

ସମ୍ବଲପୁର/ନୂଆଦିଲ୍ଲୀ,୨୯।୩ (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ମନ୍ କି ବାତ କାର୍ଯ୍ୟକ୍ରମରେ ସମ୍ବଲପୁରର ସୁଜାତା ଭୂୟାଁଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ମହିଳା ସଶକ୍ତିକରଣର ଉଦାହରଣ ବୋଲି କହିଛନ୍ତି। ସୁଜାତା ଜଣେ ଗୃହିଣୀ ହୋଇଥିବା ବେଳେ ମାଛ ଚାଷ କରି ପରିବାର ଉନ୍ନତିରେ ଭାଗିଦାରୀ ହେବାକୁ ଚିନ୍ତା କରିଥିଲେ। ହୀରାକୁଦ ଜଳଭଣ୍ଡାରରେ ୨୦୨୨ ମସିହାରେ ଫିସ୍ ଫାର୍ମ ଆରମ୍ଭ କରିଥିଲେ। ତେବେ ପାଣିପାଗ ଓ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ଅନେକ ଅସୁବିଧାର ସମ୍ମୁଖିନ ହୋଇଥିଲେ। ସଫଳତାର ସହ ମତ୍ସ୍ୟ ଚାଷ ଓ ପରିବାର ଦାୟିତ୍ୱ ତୁଲାଇଥିଲେ। ଏଭଳିସ୍ଥଳେ ସେ ଏହି ସଫଳତା ହାସଲ କରିଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମାନଙ୍କ ପାଇଁ ମଧ୍ୟ ରୋଜଗାରର ପନ୍ଥା ସୃଷ୍ଟି କରିଛନ୍ତି। ତେଲାପିଆ କିସମର ମାଛ ଚାଷ କରୁଥିବା ବେଳେ ବର୍ଷକୁ ୨୫ରୁ ୩୦ଟନ୍ ମାଛ ଉପିାଦନ ହେଉଛି। ରାଜ୍ୟ ବାହାରକୁ ମାଛ ପଠାଇ ସେ ଚର୍ଚ୍ଚା ସାଉଁଟିଛି"। ଏହା ଆନ୍ଧ୍ରପ୍ରଦେଶ, ଛତିଶଗଡ ଓ ପଶ୍ଚିମବଙ୍ଗକୁ ରପ୍ତାନୀ କରାଯାଉଛି।



ସମ୍ବଲପୁର ସହର ମୁଦିପଡା ଏଲ୍ଆଇସି କଲୋନୀର ସିକନ୍ଦର ଭୂୟାଁଙ୍କ ସ୍ତ୍ରୀ ସୁଜାତା ଭୂୟାଁ ହୀରାକୁଦ ଜଳଭଣ୍ଡାରରେ ୩ଟି କେଜ୍ କଲଚର ପଦ୍ଧତିରେ ମତ୍ସ୍ୟ ଚାଷ କରୁଛନ୍ତି। ସେ ଦିନେ ହୀରାକୁଦ ଜଳଭଣ୍ଡାରକୁ ବୁଲିବାକୁ ଯାଇଥିଲେ। ସେଠାରେ ମାଛ ଚାଷ ହେଉଥିବା ଦେଖି ମତ୍ସ୍ୟ ବିଭାଗ ସହ ଯୋଗାଯୋଗ କରିଥିଲେ। ପରେ ମତ୍ସ୍ୟ ବିଭାଗ ପକ୍ଷରୁ ତାଲିମ ନେଇ ମାଛ ଚାଷ ଆରମ୍ଭ କରିଥିଲେ। ପ୍ରଥମେ ବ୍ୟାଙ୍କରୁ ଲୋନ୍ ନେଇ ଚାଷ କରିଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସରକାରଙ୍କ ପକ୍ଷରୁ ପ୍ରାୟ ୩୨ଲକ୍ଷ୪୦ହଜାର ଟଙ୍କାର ଲୋନ୍ ଉପରେ ସବ୍ସିଡି ତାଙ୍କୁ ଏହି ବ୍ୟବସାୟରେ ଆଗକୁ ନେବାରେ ସାହାର୍ଯ୍ୟ କରିଛି। ପ୍ରଥମ ବର୍ଷ ସେ ୬ଲକ୍ଷ ଟଙ୍କା ଉପାର୍ଜନ କରିଥିଲେ। ତାଙ୍କର ଏହି ସଫଳତା ଆଜିର ଦିନରେ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିଛି। ପ୍ରଧାନମନ୍ତ୍ରୀ ତାଙ୍କ ନାଁ ନେଇଥିବାରୁ ସେ ନିଜର ଖୁସିବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ଓ ମତ୍ସ୍ୟ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର (୯ ପୃଷ୍ଠାରେ)

### ତହସିଲଦାରଙ୍କୁ ସ୍ୱାମୀଙ୍କ ହତ୍ୟା ଧମକ

## ବିଧାୟିକାଙ୍କ କ୍ୱାର୍ଟର୍ସରେ ପୋଲିସ ଚଢ଼ାଉ

ଭୁବନେଶ୍ୱର,୨୯।୩:(ସବ୍ୟୁ) : ବିଧାୟିକାଙ୍କ ସ୍ୱାମୀ ତହସିଲଦାରଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା କେସିଙ୍ଗା ଥାନାରେ ଅଭିଯୋଗ ହୋଇଛି । ତହସିଲଦାରଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଛି । ବିଧାୟିକାଙ୍କ ଅଭିଯୁକ୍ତ ସ୍ୱାମୀ ଦୁର୍ଗାପ୍ରସାଦ ମହାନ୍ତିଙ୍କୁ ପୋଲିସ ଖୋଜଖବର କରୁଥିବା ବେଳେ ରବିବାର ତାଙ୍କ ଭୁବନେଶ୍ୱରସ୍ଥିତ



ସରକାରୀ କ୍ୱାର୍ଟର୍ସକୁ ଆସିଥିଲା । କ୍ୱାର୍ଟର୍ସରେ ଚଢାଉ ବେଳେ ନର୍ଲା ବିଧାୟିକା ମନୋରମା ମହାନ୍ତି ନଥିଲେ । ତାଙ୍କ ଝିଅ ଓ ସହାୟିକାଙ୍କୁ ପୋଲିସ ଗାଳିଗୁଲଜ କରିଥିବା ସେ ଅଭିଯୋଗ କରିଥିବା ବେଳେ କଳାହାଣ୍ଡି ଏସ୍ପି ଅଭିଯୋଗକୁ ଖଣ୍ଡନ କରିଛନ୍ତି ।

ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ (୯ ପୃଷ୍ଠାରେ)

## ବ୍ୟାଙ୍କ ଆକାଉଣ୍ଟରେ ୧୦ କୋଟି ଟଙ୍କା ଜମା ଦେଖି ମହିଳା ବିଚଳିତ

ନୂଆଦିଲ୍ଲୀ,୨୯।୩: ଉତ୍ତରପ୍ରଦେଶର ମୈନପୁରୀ ଜିଲ୍ଲାରେ ଜଣେ ମହିଳା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରାୟ ୧୦ କୋଟି ଟଙ୍କା ଜମା ହୋଇଥିବା ଜାଣିବା ପରେ ଏହାକୁ ବିଶ୍ୱାସ କରିପାରି ନ ଥିଲେ। ମହିଳା ଜଣକ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଶାଖାରେ ଆକାଉଣ୍ଟ ରଖିଛନ୍ତି। ତାଙ୍କ ପରିବାର ଲୋକଙ୍କ କହିବା ଅନୁସାରେ, ଏହି ଆକାଉଣ୍ଟରେ ୯,୯୯,୪୯,୫୮୬ ଟଙ୍କା ଅପ୍ରତ୍ୟାଶିତ ଭାବେ ଜମା ହୋଇଥିଲା, ଯାହା ସେମାନଙ୍କୁ ସ୍ତବ୍ଧ କରିଦେଇଥିଲା। ମହିଳାଙ୍କ ପୁଅ ଅରୁଣ କୁମାର କହିଛନ୍ତି ଯେ, ସେ ଏଟିଏମ୍କୁ ଯାଇ ପିନ୍ ଜେନେରେଟ୍ କରି ବାଲାନ୍ସ ଯାଞ୍ଚ କରିଥିଲେ। ଏଥିରେ ଥିଲା ପ୍ରାୟ ୧୦ କୋଟି ଟଙ୍କା। ଏହା କାହାର ଟଙ୍କା ତାହା ଆମେ ଜାଣିନାହୁଁ ବୋଲି କହିଛନ୍ତି ଅରୁଣ। ସେ କହିଛନ୍ତି, ବ୍ୟାଙ୍କ ଶାଖା ଖୋଲିବା ପରେ ଆମେ ଯାଇ ଏ ବିଷୟରେ ବୁଝିବୁ। ସୀତା ନାମକ ମହିଳା କହିଛନ୍ତି ଯେ ଏହି କାରବାର ବିଷୟରେ ତାଙ୍କର କୌଣସି ଜ୍ଞାନ ନାହିଁ। ଆମେ ଜାଣିନାହୁଁ ଏହି ଟଙ୍କା କେମିତି ଆସିଲା। ଏ ଟଙ୍କା ଯାହାର ସେ ଏହାକୁ ଫେରାଇ ନେବା ଉଚିତ। ତାଙ୍କ ସ୍ୱାମୀ ଫରଜାନ ମଧ୍ୟ ସମାନ ଭାବନାକୁ ପ୍ରତିପାଦିତ କରି କହିଛନ୍ତି ଯେ କୃଷି ଉପରେ ନିର୍ଭର କରୁଥିବା ପରିବାରର ପାଣ୍ଠି ଉପରେ କୌଣସି ଦାବି ନାହିଁ। ଯେତେବେଳେ ବ୍ୟାଙ୍କ ଖୋଲିବ, ଆମେ ଯାଇ ଟଙ୍କା ଫେରସ୍ତ କରିବୁ। ଏହା ପରେ ଏଟିଏମ୍ ବାଲାନ୍ସ ଚେକ୍ର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯାହା ବ୍ୟାପକ ଦୃଷ୍ଟି ଆକର୍ଷଣ କରିଛି। ବ୍ୟାଙ୍କ ଅଫ୍ ଇଣ୍ଡିଆର ସୁଲତାନଗଞ୍ଜ ଶାଖାର ଅଧିକାରୀମାନେ ଏହି ଘଟଣାକୁ ଏକ ଯାନ୍ତ୍ରିକ ତ୍ରୁଟି ବୋଲି ଦର୍ଶାଇଛନ୍ତି।

## ଭୀମସାରରେ ପିଜି ଛାତ୍ରୀଙ୍କ ଜୀବନ ହାରିବା ଉଦ୍ୟମ

ସମ୍ବଲପୁର,୨୯।୩(ସବ୍ୟୁ): ବୁର୍ଲା ଭୀମସାରରେ ଜଣେ ପିଜି ପ୍ରଥମ ବର୍ଷ ଛାତ୍ରୀ ମାତ୍ରାଧିକ ବଟିକା ସେବନ କରି ଗୁରୁତର। ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଗତକାଲି ଘଟିଥିବା ଘଣାପଡିଛି।। ବର୍ତ୍ତମାନ ସେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି ଓ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି। ତେବେ କାହିଁକି ସେ ଏପରି ଚରମ ନିଷ୍ପତ୍ତି ନେଲେ ସେ ନେଇ ପରିବାର ଲୋକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ତାଙ୍କ ସ୍ୱାମୀ କଟକର ଏସିବି ମେଡିକାଲ୍ କଲେଜ୍ ରେ ପିଜି କରୁଥିବା ଜଣାପଡିଛି। ଅନ୍ୟପଟେ ଏହି ଘଟଣାକୁ ନେଇ ବୁର୍ଲା ପୋଲିସ ନିକଟରେ ଏପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ହୋଇନଥିବା ପୋଲିସ କହିଛି। ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ପରିବାର ଲୋକ ଏନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

## ପୋଲିସ ଏନକାଉଣ୍ଟରରେ ନକ୍ସଲ ନିହତ

ମାଲକାନାଗିରି,୨୯।୩:(ସବ୍ୟୁ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ପୁଲିସ ଓ ନକ୍ସଲ ମଧ୍ୟରେ ଗୁଳିବିନିମୟ ଘଟିଛି। ଜିଲ୍ଲାର ପୋଲମପଲ୍ଲୀ ଥାନା ଅନ୍ତର୍ଗତ ଜଂଗଲରେ ମାଓବାଦୀଙ୍କ ଉପସ୍ଥିତି ସଂପର୍କରେ ପୁଲିସକୁ ସୂଚନା ମିଳିଥିଲା। ସୁକମାର ଡିଆରଜି ଯବାନ ସେହି ଅଂଚଳକୁ ସର୍ଚ୍ଚ ଅପରେସନ ପାଇଁ ବାହାରିଥିଲେ। ଆଜି ଭୋର ସକାଳୁ ଯବାନଙ୍କୁ ଦେଖି ନକ୍ସଲ ଅତର୍କିତ ଗୁଳି ଚଳାଇଥିଲେ। ଦୀର୍ଘ ସମୟ ଧରି ଗୁଳିବିନିମୟ ଘଟିଥିଲା। ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଣେ ମାଓବାଦୀର ଶବକୁ ଉଦ୍ଧାର କରାଯାଇଛି। ମୃତ ନକ୍ସଲ ଜଣକ ପିପିସିଏମ ସଦସ୍ୟ ମାଚାକି କୈଳାଶ। କୈଳାଶ ନାମରେ ସରକାର ୫ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିଲେ। କୈଳାଶ ନାମରେ ବହୁ କେଶ ରହିଥିବା ପୁଲିସ କହିଛି। ସରକାରଙ୍କ ଟାର୍ଗେଟକୁ ଆଉ ମାତ୍ର ୩ ଦିନ (୯ ପୃଷ୍ଠାରେ)

SIKSHA 'O' ANUSANDHAN
SAAT-2026
Empowering students for a brighter future
AGRICULTURAL PROGRAMMES
B.Sc. (H) Agriculture
M.Sc. Agriculture
APPROVAL & RECOGNITIONS
Approved by UGC
Accredited by ICAR
Re-accredited by NAAC with A++ Grade
Granted with Category-1 Graded Autonomy by UGC
NIRF INDIA RANKINGS 2025
15th Best in University Category
25th Best in Overall Category
INTERNATIONAL RANKINGS 2026
Ranked in QS World Rankings 2026
Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ୩ ଗୁଣା ଚଢ଼ାଦରରେ ଆଳୁ ବିକ୍ରୀ

- କୋମାରେ ଯୋଗାଣ ବିଭାଗ
- ଚଢ଼ାଉ କରୁନାହାନ୍ତି ଏନଫୋର୍ସମେଣ୍ଟ ଟିମ୍
- ପାଇକାରୀରେ ଆଳୁଦର ୪ ଟଙ୍କା, ଖୁଚୁରାରେ ୧୭



ଭୁବନେଶ୍ୱର,୨୯।୩,(ସବ୍ୟୁ) : ରାଜ୍ୟରେ ଆଳୁ ଦର ସମ୍ପୂର୍ଣ୍ଣ ଖସି ଯାଇଛି। ଏବେ ଗୋଟିଏ ଅଙ୍କରେ ସୀମିତ ଅଛି। ହେଲେ ଖୁଚୁରା ବଜାରରେ ୩ ଗୁଣା ଚଢ଼ା ଦରରେ ବିକ୍ରି ହେଉଛି। ଏହା ଉପରେ ରୋକ ଲଗାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏପରିକି ଯୋଗାଣ ବିଭାଗ କୋମାରେ । ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ଟିମ୍ ରାଜ୍ୟର କୌଣସି ବି ସ୍ଥାନରେ ଚଢ଼ାଉ କରୁନାହାନ୍ତି। ଫଳରେ ଖାଉଟି କ୍ଷତି ସହୁଛନ୍ତି। ରାଜ୍ୟ ସରକାର ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନର ଚେତବନା ଦେଇଛନ୍ତି ଖାଉଟି।

ରାଜ୍ୟକୁ ଆଳୁର ଆମଦାନୀ କ୍ଷେତ୍ରରେ ଆଉ ଅଭାବୀ ନାହିଁ। ପଶ୍ଚିମବଙ୍ଗରୁ ପ୍ରଚୁର ପରିମାଣର ଆଳୁ ପହଞ୍ଚୁଛି। ରାଜ୍ୟର ଦୈନିକ ୪୦୦୦ରୁ ୪୫୦୦ ଟନ୍ ଆବଶ୍ୟକ ପଡୁଥିବା ବେଳେ ସେହିପରିମାଣରେ ଆଳୁ ଆମଦାନୀ ହେଉଛି। ହୋଲସେଲ ବା ପାଇକାରୀ ବଜାରରେ ଆଳୁକେଜି ପ୍ରତି ୨.୫୦ରୁ ୪.୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ହେଲେ ଏହି ଦର ଖୁଚୁରା ବଜାରରେ ୩ ଗୁଣା ହୋଇଯାଉଛି। ଖୁଚୁରାରେ ଆଳୁ କେଜି ପ୍ରତି ୧୭ରୁ ୨୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି।

ଭୁବନେଶ୍ୱରର ୟୁନିଟ୍-୧ ହାଟରେ ଆଳୁ କେଜି ପ୍ରତି ୧୫ ଟଙ୍କାରେ ବିକ୍ରି ହୋଇଥିବା (୯ ପୃଷ୍ଠାରେ)

# ଡି ହାଇଡ୍ରେସନ



ଖରାଦିନ ଆସିଲେ ସମସ୍ତଙ୍କର ଡିହାଇଡ୍ରେସନ ଚିନ୍ତା ବଢ଼ିଥାଏ । ଏହା ଏପରି ଏକ ଅବସ୍ଥା ଯେତେବେଳେ ଶରୀରରେ ଜଳ ଏବଂ ଜରୁରୀ ଇଲେକ୍ଟ୍ରୋଲାଇଟ୍ସର ଅଭାବ ଦେଖାଦିଏ। ଝାଳ, ପରିସ୍ରା, ବାନ୍ତି କିମ୍ବା ଝାଡ଼ା ମାଧ୍ୟମରେ ଶରୀରରୁ ଅଧିକ ତରଳ ପଦାର୍ଥ ବାହାରିଗଲେ ଜଳର ସନ୍ତୁଳନ ବିଗିଡ଼ିଯାଏ, ଯାହାକୁ ଡିହାଇଡ୍ରେସନ୍ କୁହାଯାଏ।

**ଶରୀର ପାଇଁ ଜଳର ଆବଶ୍ୟକତା:**

ଆମ ଶରୀରର ପ୍ରାୟ ୬୦-୭୦% ଅଂଶ ଜଳରେ ଗଠିତ। ବିଭିନ୍ନ ଅଙ୍ଗରେ ଏହାର ପରିମାଣ ବାଣ୍ଟି ହୋଇ ରହିଥାଏ ।

ମସ୍ତିଷ୍କ ଓ ହୃଦୟରେ ପ୍ରାୟ ୭୩%, ମାଂସପେଶୀ ଓ କିଡନୀରେ ପ୍ରାୟ ୭୯%, ଚର୍ମରେ ୬୪%, ଫୁସଫୁସରେ ପ୍ରାୟ ୮୩% ଜଳ ରହିଥାଏ ।

**ଜଳର କାର୍ଯ୍ୟ**

- ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିଥାଏ।
- ଦୂଷିତ ପଦାର୍ଥ (ଟକ୍ସିନ୍ସ) ବାହାର କରିବାରେ ସାହାଯ୍ୟ କରେ।
- ପାଚନ ପାଇଁ ଲାଳ ପ୍ରସ୍ତୁତ କରେ।
- ଗଣ୍ଠିଗୁଡ଼ିକର କାର୍ଯ୍ୟଦକ୍ଷତା ବଢ଼ାଏ।
- ମସ୍ତିଷ୍କର ହରମୋନ୍ ଓ ନ୍ୟୁରୋଟ୍ରାନ୍ସମିଟରକୁ ସକ୍ରିୟ ରଖେ।
- ଶରୀରର ସବୁ ଅଂଶକୁ ଅମ୍ଳଜାନ ପହଞ୍ଚାଇବାରେ ସାହାଯ୍ୟ କରେ।

**ଗ୍ରୀଷ୍ମଋତୁରେ ରିସ୍କ**

- ଅଧିକ ତାପମାତ୍ରା ଯୋଗୁଁ ଶରୀରକୁ ଥଣ୍ଡା ରଖିବା ପାଇଁ ଅଧିକ ଝାଳ ବାହାରେ।
- ଝାଳ ସହ ପାଣି ଓ ଇଲେକ୍ଟ୍ରୋଲାଇଟ୍ସ ଶରୀରରୁ ବାହାରିଯାଏ।
- ଯଦି ଠିକ୍ ସମୟରେ ପର୍ଯ୍ୟାପ୍ତ ପାଣି ପିଆ ନଯାଏ, ତେବେ ଏହି ସମସ୍ୟା ଗୁରୁତର ହୁଏ।

**ଲକ୍ଷଣ**

- ଶିଶୁଙ୍କ କ୍ଷେତ୍ରରେ ପାଟି ଓ ଜିଭ ଶୁଖିଯିବା, ଶିଶୁମାନେ କାନ୍ଦିବା ସମୟରେ ଆଖିରୁ ଲୁହ ନବାହାରିବା, ୩ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଡାଇପର୍ ଓଦା ନହେବା, ଆଖି ଓ ଗାଲ ବସିଯିବା।



- ବୟସ୍କଙ୍କ କ୍ଷେତ୍ରରେ ପ୍ରବଳ ଶୋଷ ଲାଗିବା, ପରିସ୍ରା କମ୍ ହେବା କିମ୍ବା ଗାଢ଼ ହଳଦିଆ ରଙ୍ଗର ହେବା, କ୍ଲାନ୍ତି ଅନୁଭବ କରିବା, ମୁଣ୍ଡ ବୁଲାଇବା ଏବଂ ମାନସିକ ଦ୍ୱନ୍ଦ୍ୱ ଦେଖାଦେବା। ତେଣୁ ଯଦି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସେହିଭଳି ଖରାଦିନେ ଯେପରି ପାଣି ପିଆରେ ଅଭାବ ନରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ ।

# ଓଜନ ନିୟନ୍ତ୍ରଣର ନୂଆ ଉପାୟ

ଏକ ଗବେଷଣାରେ ମିଳିଥିବା ତଥ୍ୟ ଅନୁସାରେ ପ୍ରତିଦିନ ସମାନ ଖାଦ୍ୟ ଖାଇବା ଦ୍ୱାରା ଶୀଘ୍ର ଓଜନ କମିପାରେ। 'ହେଲ୍ଥ ସାଇକୋଲୋଜି' ଜର୍ଣ୍ଣାଲରେ ପ୍ରକାଶିତ ଏକ ନୂତନ ଗବେଷଣା ଅନୁଯାୟୀ, ପ୍ରତିଦିନ ସମାନ ପ୍ରକାରର ଖାଦ୍ୟ ଖାଇବା ଏବଂ କ୍ୟାଲୋରୀ ଗ୍ରହଣର ପରିମାଣକୁ ସ୍ଥିର ରଖିବା ଦ୍ୱାରା ଓଜନ ଶୀଘ୍ର ହ୍ରାସ ପାଇଥାଏ। ଓରେଗନ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ଗବେଷକମାନେ ୧୧୨ ଜଣ ଅଧିକ ଓଜନ ବିଶିଷ୍ଟ ବ୍ୟକ୍ତିଙ୍କ ଉପରେ ୧୨ ସପ୍ତାହ ଧରି କରିଥିବା ଏହି ଅନୁଧ୍ୟାନରୁ ଏହି ତଥ୍ୟ ପାଇଛନ୍ତି। ସୂଚନା ଅନୁସାରେ ଯେଉଁମାନେ ନିଜ ଖାଦ୍ୟରେ ବିଭିନ୍ନତା ଅପେକ୍ଷା ସମାନତା ରଖିଥିଲେ, ସେମାନଙ୍କ ଓଜନ ଅନ୍ୟମାନଙ୍କ ତୁଳନାରେ ପ୍ରାୟ ୫.୯% ହ୍ରାସ ପାଇଥିଲା । ଗବେଷଣା ଅନୁଯାୟୀ, ପ୍ରତିଦିନ କ୍ୟାଲୋରୀ ପରିମାଣରେ ୧୦୦ କ୍ୟାଲୋରୀର ପରିବର୍ତ୍ତନ ହେଲେ ଓଜନ ହ୍ରାସ ପ୍ରକ୍ରିୟା ପ୍ରାୟ ୦.୬% କମିଯାଏ ।



ବିଶେଷଜ୍ଞଙ୍କ ମତରେ, ଖାଦ୍ୟକୁ ନେଇ ଏକ ନିର୍ଦ୍ଦିଷ୍ଟ ରୁଟିନ୍ ପ୍ରସ୍ତୁତ କଲେ ବାରମ୍ବାର ନୂଆ ନିଷ୍ପତ୍ତି ନେବାର ମାନସିକ ଚାପ କମିଥାଏ ଏବଂ ସୁସ୍ଥ ବିକଳ୍ପ ବାଛିବା ସହଜ ହୁଏ। ତେବେ ଗବେଷକମାନେ ଏହା ମଧ୍ୟ ସତର୍କ କରାଇଛନ୍ତି ଯେ, ସ୍ଥିରତା ଜରୁରୀ ହେଲେ ହେଁ ଶରୀର ପାଇଁ ଆବଶ୍ୟକ ପୋଷକ ତତ୍ତ୍ୱ ପାଇବାକୁ ବିଭିନ୍ନ ପ୍ରକାରର ପନିପରିବା ଓ ଫଳକୁ ନିଜର ଏହି ନିୟମିତ ଖାଦ୍ୟ ତାଲିକାରେ ସାମିଲ କରିବା ଆବଶ୍ୟକ। ତେବେ କୌଣସି ଡାଏଟକୁ ଅନୁକରଣ କରିବା ଆଗରୁ ଡାକ୍ତରଙ୍କ ପରାମର୍ଶ ଜରୁରୀ ହୋଇଥାଏ ।

# ସାପଙ୍କ ଦ୍ୱୀପ



ବ୍ରାଜିଲର ସାଓ ପାଉଲୋ ଉପକୂଳରୁ ପ୍ରାୟ ୩୩ କିଲୋମିଟର ଦୂରରେ ଅବସ୍ଥିତ 'ସ୍ନେକ୍ ଆଇଲ୍ୟାଣ୍ଡ' ବା ସାପଙ୍କ ଦ୍ୱୀପ ବିଶ୍ୱର ସବୁଠାରୁ ବିପଜ୍ଜନକ ସ୍ଥାନ ଭାବେ ପରିଗଣିତ । ଏହି ଦ୍ୱୀପରେ ସାଧାରଣ ଲୋକଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ପ୍ରାୟ ୪.୩ ଲକ୍ଷ ବର୍ଗ ମିଟର ପରିମିତ ଏହି ଦ୍ୱୀପରେ ହଜାର ହଜାର ସଂଖ୍ୟାରେ ଅତ୍ୟନ୍ତ ବିଷାକ୍ତ 'ଗୋଲ୍ଡେନ୍ ଲାନ୍ସହେଡ୍ ଭାଇପର୍' ସାପ ବାସ କରନ୍ତି । ଏମାନଙ୍କର ବିଷ ଏତେ ଶକ୍ତିଶାଳୀ ଯେ ଏହା ନିମିଷକ ମଧ୍ୟରେ ମଣିଷର ହାଡ଼କୁ ତରଳାଇ ଦେବାର କ୍ଷମତା ରଖେ । ପ୍ରାୟ ୧୦-୧୨ ହଜାର ବର୍ଷ ପୂର୍ବେ ସମୁଦ୍ର ପତ୍ତନ ବୃଦ୍ଧି ହେତୁ ଏହି ଦ୍ୱୀପ ମୁଖ୍ୟ ଭୂଭାଗରୁ ଅଲଗା ହୋଇଯାଇଥିଲା । ଯାହାପରେ ଏଠାରେ ରହୁଥିବା ସାପମାନେ ନିଜକୁ ନୂଆ ପରିବେଶ ଅନୁଯାୟୀ ଗଢି ତୋଳିଛନ୍ତି । ବର୍ତ୍ତମାନ ଏଠାରେ ପ୍ରତି ୭୫ ବର୍ଗ ମିଟରରେ ହାରାହାରି ଗୋଟିଏ ସାପ ଦେଖିବାକୁ ମିଳୁଛନ୍ତି । ବ୍ରାଜିଲ ସରକାରଙ୍କ ଦ୍ୱାରା କଡ଼ା ସୁରକ୍ଷା ବଳୟରେ ରଖାଯାଇଥିବା ଏହି ଦ୍ୱୀପକୁ କେବଳ ସ୍ୱତନ୍ତ୍ର ଅନୁମତି ପାଇଥିବା ବୈଜ୍ଞାନିକମାନେ ହିଁ ଗବେଷଣା ପାଇଁ ଯାଇଥାଆନ୍ତି ।



ରୋଗୀ: ଡାକ୍ତରବାବୁ, ମୋତେ ଯାହା ବି ହେଉଛି ସବୁ ଭୁଲିଯାଉଛି । କିଛି ମନେ ରହୁନି।

ଡାକ୍ତର: ଏମିତି କେବେଠୁ ହେଉଛି?

ରୋଗୀ: କ'ଣଟା କେବେଠୁ ହେଉଛି ସାର୍ ?

ହାଃହାଃ

# ସୋସିଆଲ କୋଟ୍ସ



ତାଙ୍କ ପାଇଁ ମୁଁ ସବୁବେଳେ ଗର୍ବ ଅନୁଭବ କରିଥାଏ । ତାଙ୍କର ସମସ୍ତ ପୁରସ୍କାର ମୁଁ ନିଜେ ଆଣିବାକୁ ଯିବି, ଏହା ମୋ ପାଇଁ ଗର୍ବର ବିଷୟ ହେବ ।

ହେମା ମାଳିନୀ, ଅଭିନେତ୍ରୀ



ମୁଁ ଏବେ ଯାଏ ଧୁରନ୍ଧର ୨ ଦେଖିନାହିଁ । ହେଲେ ଚାରିଆଡେ ଏହାର ପ୍ରଶଂସା ଶୁଣିଛି । ଫିଲ୍ମଟି ଖୁବ ଭଲ ହୋଇଥିବ ବୋଲି ବିଶ୍ୱାସ ରହିଛି । ପୂରା ଟିମକୁ ଶୁଭେଚ୍ଛା ।

ଆମିର ଖାନ୍, ଅଭିନେତା



ଜୀବନରେ ଅନେକ ନାରାଶା ଭାବ ଦେଖିଛି । ଖୁବ କମ ବୟସରେ ଚନ୍ଦାପଣ ଆତ୍ମବିଶ୍ୱାସକୁ ଭାଙ୍ଗି ଦେଇଥିଲା । ସେହିଭଳି ସୁପରଷ୍ଟାର ହେବାର ଆଶା ମଧ୍ୟ ଆଶାରେ ରହିଯାଇଥିଲା ଯାହା ଖୁବ କଷ୍ଟ ଦେଇଥିଲା ।

ଅକ୍ଷୟ ଖାନ୍ନା, ଅଭିନେତା

# ମନ୍ଦାନାଙ୍କ ପ୍ରତିକ୍ରିୟା



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇରାନୀୟମାନଙ୍କ ସହ ଆଲୋଚନା ସମ୍ପର୍କିତ ବୟାନ ଉପରେ ବମନ ଇରାନୀ ଏକ ମଜା ଭିଡିଓ ସୋସିଆଲ ମିଡିଆରେ ସେୟାର କରିଥିଲେ। ଏହି ପୋଷ୍ଟରେ ସେ ନିଜ ସହ ସ୍ମୃତି ଇରାନୀ ଓ ଅରୁଣା ଇରାନୀଙ୍କ ନାମ ନେଇ ମଧ୍ୟ ମଜାକ କରିଥିଲେ। କିନ୍ତୁ ଏହାକୁ ନେଇ ଅଭିନେତ୍ରୀ ମନ୍ଦାନା କରିମୀ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି । 'ବିଗ୍ ବସ୍' ଫେମ୍ ମନ୍ଦାନା ଅସନ୍ତୋଷ ପ୍ରକାଶ କରି ଲେଖିଛନ୍ତି ଯେ, ବର୍ଷ ବର୍ଷ ଧରି ଯେତେବେଳେ ଇରାନରେ ଲୋକଙ୍କୁ ଗିରଫ କରାଯାଉଥିଲା, ଫାଶୀ ଦିଆଯାଉଥିଲା ଏବଂ ସେମାନଙ୍କ ସ୍ୱର ଚାପି ଦିଆଯାଉଥିଲା, ସେତେବେଳେ ବମନ କେଉଠିଥିଲେ। ପାର୍ସୀ ସମ୍ପ୍ରଦାୟ ଇରାନ ସହିତ ଜଡ଼ିତ ହୋଇଥିଲେ ସୁଦ୍ଧା ସେତେବେଳେ ଚୁପ୍ ରହି ଏବେ ରାଜନୀତି ଓ ଗ୍ୟାସ ସିଲିଣ୍ଡର ଭଳି ପ୍ରସଙ୍ଗରେ ମଜାକ କରିବା ଗ୍ରହଣ ଯୋଗ୍ୟ ନୁହେଁ ବୋଲି ବମନ ମତ ଦେଇଛନ୍ତି । ତେବେ ମନ୍ଦାନାଙ୍କ ଏହି ପ୍ରତିକ୍ରିୟା ଉପରେ ବମନ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ରଖିନାହାନ୍ତି ।

# ଇତିହାସ

୧୮୪୨- ଚେତାଶୂନ୍ୟରେ ବ୍ୟବହୃତ ମେଡ଼ିସିନ୍ ଇଥରର ପ୍ରଥମ ଥର ପାଇଁ ପ୍ରୟୋଗ କରାଗଲା ।

୧୮୯୯- ଭାରତ-ପାକିସ୍ତାନ ବିଭାଜନର ରୂପରେଖ ପ୍ରସ୍ତୁତ କରିଥିବା ସାଇରିଲ ରେଡ୍‌କ୍ଲିଫ୍‌ଙ୍କ ଜନ୍ମ ।

୧୯୪୯- ରାଜସ୍ଥାନର ସ୍ଥାପନା କରାଗଲା ଏବଂ ଜୟପୁରକୁ ରାଜ୍ୟର ରାଜଧାନୀ କରାଗଲା । ତେଣୁ ଏହି ଦିନକୁ ରାଜସ୍ଥାନ ଦିବସ ରୂପେ ପାଳନ କରାଯାଏ ।

୧୯୮୨- ନାସାର ମହାକାଶ ଯାନ କୋଲମ୍ବିଆ ଏସ୍‌ଟିଏସ୍-୩ ମିଶନ ପୂରା କରି ପୃଥିବୀପୃଷ୍ଠକୁ ଫେରିଲା ।

୨୦୦୨- ପ୍ରସିଦ୍ଧ ସଙ୍ଗୀତଜ୍ଞ ଆନନ୍ଦ ବକ୍ସିଙ୍କ ଦେହାନ୍ତ ।

୨୦୦୫- ଲୋକପ୍ରିୟ କାର୍ଟୁନିଷ୍ଟ ତଥା ଲେଖକ ଓ.ଭି ବିଜୟନଙ୍କ ପରଲୋକ ।



**ମେଷ:** କର୍ମେ ଆନନ୍ଦ, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ସହଯୋଗ, ବନ୍ଧୁ କଷ୍ଟ, ଶତ୍ରୁ ସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଶାରୀରିକ ସୁସ୍ଥତା, ବିଦେଶ ଭ୍ରମଣ ଯୋଗ, ସନ୍ତାନ ଲାଭ। ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୬, ଆରାଧନା- ଲକ୍ଷ୍ମୀନାରାୟଣ।

**ବୃଷ:** ଶରୀର ଅସୁସ୍ଥ, ବିଭିନ୍ନ କାର୍ଯ୍ୟରେ ସମସ୍ୟା, ଶତ୍ରୁ ସମସ୍ୟା, ଲୋକସମ୍ପର୍କ ହାନି, ବ୍ୟବସାୟରେ କଷ୍ଟ, ବନ୍ଧୁଙ୍କ ସହାୟତା, ବାକି ଧନ ଫେରସ୍ତ, ନୂତନ କର୍ମ ପ୍ରତି ଆଗ୍ରହ, ପରିବାରରେ ଉତ୍ସବ, ବିଦ୍ୟାରେ ସଫଳତା। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମୀ, ସଂଖ୍ୟା-୮, ଆରାଧନା- ମା' ବଗଳାମୁଖୀ।

**ମିଥୁନ:** ଦ୍ରବ୍ୟ ଲାଭ, ବନ୍ଧୁ ସହଯୋଗ, ବ୍ୟବସାୟରେ ଉନ୍ନତି କଳହ ସମାଧାନ, ଶତ୍ରୁ ପରାଜିତ, ଗୃହେ ସହଯୋଗ, ନୂତନ କର୍ମ ପ୍ରତି ଆଗ୍ରହ, ସମ୍ମାନ ପ୍ରାପ୍ତି, ଶରୀର ସୁସ୍ଥ, ସନ୍ତାନ ସମସ୍ୟା। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ।

**କର୍କଟ:** ସୁସମ୍ବାଦ ଲାଭ, ଦ୍ରବ୍ୟ କ୍ରୟ, ଶତ୍ରୁ ସମସ୍ୟା ସମାଧାନ, ଲୋକସମ୍ପର୍କ ବୃଦ୍ଧି, ଧନ ଲାଭ, ଗୃହେ ଅତିଥି ସତ୍କାର, ଶାରୀରିକ ସ୍ୱଳ୍ପ ଅସୁସ୍ଥ, ଭୂସମ୍ପତ୍ତି ଲାଭ, ବିଦ୍ୟାରେ ସଫଳତା। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ୍, ସଂଖ୍ୟା-୧୦, ଆରାଧନା- ପ୍ରଭୁ ହନୁମାନ।

**ସିଂହ:** ବନ୍ଧୁ ସହଯୋଗ, କର୍ମକ୍ଷେତ୍ରରେ ସଫଳତା, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଲାଭ, ସନ୍ତାନ ଖୁସି, ଅର୍ଥ ଲାଭ, ଗାଡ଼ି ଚଳାଚଳରେ ସାବଧାନ, ଶତ୍ରୁ ଦେଖାଦେବେ, ଗୃହେ କଳହ, ଲୋକସମ୍ପର୍କ ବୃଦ୍ଧି, କିଛି କିଣାକିଣି କରିବେ। ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ଶ୍ରୀରାମ।

**କନ୍ୟା:** ଆୟ ଅପେକ୍ଷା ବ୍ୟୟ ଅଧିକ, ଶରୀର ଅସୁସ୍ଥ, ଅସତ୍ କାର୍ଯ୍ୟ ପ୍ରତି ଆଗ୍ରହ, ମାଲିମକଦମାରେ କଷ୍ଟ, କାର୍ଯ୍ୟ ସଫଳ, ବନ୍ଧୁ ମନାନ୍ତର, ବ୍ୟବସାୟରେ ଶତ୍ରୁତା, ନିଜ ଲୋକଙ୍କଠାରୁ ବିରୋଧ, ପିଲାଙ୍କ ସମସ୍ୟା। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମୀ, ସଂଖ୍ୟା-୪, ଆରାଧନା- ଲକ୍ଷ୍ମୀନୃସିଂହ।

**ତୁଳା:** ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ଉତ୍ସବ, ନୂତନ ବନ୍ଧୁ ଲାଭ, ଅର୍ଥ ସମସ୍ୟା ସମାଧାନ, ପୁରାତନ ବିମାନ, ପିଲାଙ୍କସ ମସ୍ୟା, ନୂ ତନ ଦ୍ରବ୍ୟ ଲାଭ, କଚେରି ମାମଲାର ସମାଧାନ। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୭, ପ୍ରତିକାର- ମାତାପିତାଙ୍କ ସେବା।

**ବିଛା:** ଅର୍ଥ ସମସ୍ୟା, ଥଣ୍ଡାଜନିତ ରୋଗ, ଗୃହେ ସହଯୋଗ, ପୁରୁଣା ମାମଲା ସମାଧାନ, ବନ୍ଧୁ ବିଦ୍ରୋହ, ଅଚାନକ ଖୁସି ଖବର, ନୂତନ ବନ୍ଧୁ ଦର୍ଶନ, ସମସ୍ୟା ସମାଧାନ, ଆଶା ପୂର୍ଣ୍ଣରେ ବିଳମ୍ବ, ଗୁରୁଜନେ ଖୁସି। ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ପ୍ରଭୁ ଜଗନ୍ନାଥ।

**ଧନୁ:** ଆଭୁଷଣ ପ୍ରାପ୍ତି, ବିବାଦ ସମାଧାନ, ଜାନବାହନ କ୍ରୟ, କିଛି କାର୍ଯ୍ୟରେ ବିଳମ୍ବ, ଅଧିକାରୀଙ୍କ ସହିତ ଆଲୋଚନା, ଶତ୍ରୁ କଷ୍ଟ, ବିଦେଶୟ ଗ୍ରସ୍ତ, କର୍ମ କ୍ଷେତ୍ରରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ଅର୍ଥ ଲାଭ, ସୁମିଷ୍ଟ ଭୋଜନ ମିଳିତ, ବିଦ୍ୟାରେ ସଫଳତା। ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୨, ପ୍ରତିକାର- ବୟସ୍କ ଲୋକଙ୍କୁ ସାହାଯ୍ୟ କରନ୍ତୁ।

**ମକର:** ମନସ୍ତାପ, ଦୂର ଯାତ୍ରା ଅସଫଳ, ଶରୀର ପିଡ଼ା, ଗୃହ ଶତ୍ରୁ, ଖର୍ଚ୍ଚାନ୍ତ ଯୋଗ, ଧାର୍ମିକ କାର୍ଯ୍ୟରେ ଆନନ୍ଦ, ବ୍ୟବସାୟରେ ସ୍ୱଳ୍ପ ଲାଭ, କଚେରି ମାମଲାରେ କଷ୍ଟ, ବିଦ୍ୟାରେ ସଫଳତା। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମୀ, ସଂଖ୍ୟା-୨, ଆରାଧନା- ମା' ଦକ୍ଷିଣକାଳୀ।

**କୁମ୍ଭ:** ଯାତ୍ରାରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ପାରିବାରିକ ଖୁସି, ମକଦମାରେ ବିଜୟ, ଆଶା ପୂର୍ଣ୍ଣରେ ବିଳମ୍ବ, ପରିଶ୍ରମଜନିତ କ୍ଲାନ୍ତି, ପିଲାଙ୍କ ଚିନ୍ତା। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ।

**ମୀନ:** ଆୟ ବୃଦ୍ଧି, ଦ୍ରବ୍ୟ ପ୍ରାପ୍ତି, ସନ୍ତାନ ସୁଖ, ଦୂର ଯାତ୍ରା, ନୂତନ କାର୍ଯ୍ୟ ପ୍ରତି ଆଗ୍ରହ, ବିବିଧ ସମସ୍ୟାର ସମାଧାନ, ଶତ୍ରୁ ନାଶ, ସମ୍ମାନ ପ୍ରାପ୍ତି, କିଣାକିଣି ଯୋଗ, ବିଦ୍ୟା ଲାଭ, ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା- ମା' ଭଗବତୀ।

**ଚୈତ୍ର ଶୁକ୍ଳପକ୍ଷ, ଦ୍ୱାଦଶୀ**

**୩୦.୩.୨୦୨୬ ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ବହୁଚର୍ଚ୍ଚିତ ସ୍କୁଲ ୱାର୍ଡେନ ହତ୍ୟାକାଣ୍ଡ ମାମଲାର ପର୍ଦ୍ଦାଫାସ କଲା ପୁଲିସ**

# ପ୍ରେମ ବ୍ୟାପାରକୁ ବିରୋଧ କରିବାରୁ ଦୁର୍ବୃତ୍ତ ରଚିଥିଲେ ହତ୍ୟାକାଣ୍ଡ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନରେ ଚଳିତ ମାସ ୨୦ ତାରିଖରେ ଗଡଦେଉଳିଆ ଠାରେ ହୋଇଥିବା ବହୁଚର୍ଚ୍ଚିତ ସ୍କୁଲ ୱାର୍ଡେନ ହତ୍ୟାକାଣ୍ଡ ମାମଲାର ପର୍ଦ୍ଦାଫାଶ କଲା ବୈଶିଙ୍ଗା ପୁଲିସ । ନାବାଳିକା ଛାତ୍ରୀଙ୍କ ସହିତ ପ୍ରେମ ବ୍ୟାପାରକୁ ବିରୋଧ କରିବାରୁ ଦୁର୍ବୃତ୍ତ ରଚିଥିଲେ ହତ୍ୟାର ଘଟଣା । ରବିବାର ଗିରଫ ମୁଖ୍ୟ ଅଭିଯୁକ୍ତ ଦୁଇ ଭାଇଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଏହି ଘଟଣାରେ ଜଡିତ ଥିବା ଅନ୍ୟ ଜଣେ ନାବାଳକକୁ ପଚରାଉଚରା ଜାରି ରଖିଛି ବୈଶିଙ୍ଗା ପୁଲିସ । ଘଟଣାକୁ ଆଧାର କରି ରବିବାର ଅପରାହ୍ନ ସମୟରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଜୟ ବାରିକ ଓ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଏକ ପ୍ରେସ ମିଟ ଅନୁଷ୍ଠିତ ହୋଇଥିଲା। ପୁଲିସ ସୂଚନା ମୁତାବକ ପ୍ରାୟ ଏକ ବର୍ଷ ହେବ ଗିରଫ ଅଭିଯୁକ୍ତ କଳମା ନିକଟସ୍ଥ କଲୋନୀସାହି ର ରତିକାନ୍ତ ଜେନାଙ୍କ ଦୁଇ ପୁଅ ସୁକଦେବ ଜେନା ଓରଫ ବାପୁନ (୨୧) ଏବଂ ସନ୍ୟାସୀ



ଜେନା ଓରଫ ସୋନୀ (୧୯) ସେହି ବିଦ୍ୟାଳୟର ଜନୈକା ନବମ ଶ୍ରେଣୀ ଛାତ୍ରୀ ସହିତ ପ୍ରେମରେ ପଡ଼ିଥିଲେ । ବିଭିନ୍ନ ସମୟରେ ତାକୁ ଚକଲେଟ , ପ୍ରେମପତ୍ର ଦେବାର ପ୍ରକ୍ରିୟା ମଧ ଜାରି ରଖିଥିଲେ । ଏହି ଘଟଣାକୁ ଜାଣିପାରି ବିଦ୍ୟାଳୟର ଅଧକ୍ଷା ଉଭୟ ଅଭିଯୁକ୍ତ ଏବଂ ଛାତ୍ରୀ ଙ୍କୁ ଗାଳିଗୁଲଜ କରିବା ସହ ଉକ୍ତ ଛାତ୍ରୀଙ୍କୁ ମଧ ଏଥିରୁ ନିବୃତ୍ତ ରହିବା ପାଇଁ କହିଥିଲେ । ଏହି ଘଟଣାକୁ ନେଇ ବିଦ୍ୟାଳୟର ଅଧକ୍ଷା , ସମସ୍ତ କର୍ମଚାରୀ ଅଭିଯୁକ୍ତ ମାନଙ୍କୁ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରିବା ପାଇଁ ମନା ମଧ କରିଥିଲେ । ସର୍ବସମ୍ମୁଖରେ ଗାଳିଗୁଲଜ କରିବାକୁ ନେଇ ଉଭୟ ଦୁଇ ଭାଇ ପ୍ରତିଶୋଧ ପରାୟଣ ହୋଇପଡିଥିଲେ । ଯୋଜନାବଦ୍ଧ ଭାବେ ୨୦ ତାରିଖ ଶୁକ୍ରବାର ରାତ୍ରି ସମୟରେ ୧୮ ନଂ ଜାତୀୟ ରାଜପଥର ଗଡଦେଉଳିଆ ଛକ ନିକଟସ୍ଥ ବାଲିଚିତରୀ ଠାରେ ଥିବା ଅରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୱାର୍ଡେନ ସନ୍ୟାସୀ ଦାସ (୪୭) ବାଇକ ଯୋଗେ ଅଧକ୍ଷା କାଦମ୍ବିନୀ ରାଉତଙ୍କୁ ସାଙ୍ଗରେ ନେଇ କଳମା ଅଭିମୁଖେ ଯାଉଥିଲେ । ସେହି ସମୟରେ ରାସ୍ତାରେ ଅଟକାଇବା ସହ ଧାରୁଆ ଛୁରୀରେ ଅଧକ୍ଷା ଏବଂ ୱାର୍ଡେନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅଧକ୍ଷାଙ୍କୁ ଆକ୍ରମଣ କରୁଥିବା ବେଳେ ୱାର୍ଡେନ ସନ୍ୟାସୀ ଦାସ ସମସ୍ତ ଅଭିଯୁକ୍ତଙ୍କୁ ଗାଡ଼ି ଲାଇଟ ଯୋଗେ ଚିହ୍ନି ନେଇଥିଲେ । ସନ୍ୟାସୀ ଦାସ ଚିହ୍ନା ପିଲା ହୋଇ କାହିଁକି ମାରୁଛ କହି ପ୍ରତିବାଦ କରିବାରୁ ସମସ୍ତ ଅଭିଯୁକ୍ତ ସନ୍ୟାସୀଙ୍କ ଗଳାକୁ କାଟି ଦେଇ ତାଙ୍କୁ ହତ୍ୟା କରିଥିଲେ । ଏହି ସମୟରେ ଅଧକ୍ଷା ଜଣକ ଗୁରୁତର ଅବସ୍ଥାରେ ବିଦ୍ୟାଳୟକୁ ଜୀବନ ବିକଳରେ ଦୌଡ଼ି ପଳାଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଡାକ୍ତରଖାନା ନେଇଥିଲେ ସୁଦ୍ଧା ସନ୍ୟାସୀଙ୍କ ମୃତ୍ୟୁ ହୋଇଯାଇଥିଲା । ଏହି ଘଟଣାକୁ ନେଇ ୧୪୧/୨୬ର ଏକ ମାମଲା ରୁଜୁ କରାଯାଇ ତଦନ୍ତ ପୂର୍ବକ ରବିବାର ଦୁଇ ଅଭିଯୁକ୍ତ ଭାଇଙ୍କୁ କ୍ରାଇମ ରିକ୍ରିଏସନ ପରେ କୋର୍ଟ ଚାଲାଣ କରିଛି ବୈଶିଙ୍ଗା ପୁଲିସ । ସେମାନଙ୍କ ନିକଟରୁ ଏଥିରେ ବ୍ୟବହୃତ ଦୁଇଟି ଛୁରୀ, ପ୍ଲାଷ୍ଟିକ ପାଇପ , ବୁଲେଟ ଗାଡ଼ି ସହ ନଗଦ ୨୮୮୨୩ ଟଙ୍କା ଜବତ କରିଛି । ଏହି ହତ୍ୟା ଘଟଣାରେ ଜଡିତ ଥିବା ସେହି ବିଦ୍ୟାଳୟରେ ଅଧ୍ୟୟନରତ ନବମ ଶ୍ରେଣୀ ଜନୈକ ନାବାଳକ ଛାତ୍ରଙ୍କୁ ପୁଲିସ ପଚରାଉଚରା ଜାରି ରଖିଛି । ପରିବାର ମଧ୍ୟରେ ରୋଜଗାରକ୍ଷମ ବ୍ୟକ୍ତି ସନ୍ୟାସୀଙ୍କ ମୃତ୍ୟୁ ପରେ ତାଙ୍କର ବିଧବା ସ୍ତ୍ରୀ , ଦୁଇ ଛୁଆଙ୍କ ଶୋକରେ ଭାଙ୍ଗି ପଡ଼ିଥିବା ବେଳେ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇ ପଡିଛି ।

**ବିଜୁଙ୍କ ପ୍ରତି ନିଶିକାନ୍ତ ଦୁବେଙ୍କ ଅପମାନଜନକ ମନ୍ତବ୍ୟ**

# ଷ୍ଟାଣ୍ଡିଂ କମିଟିରୁ ଇସ୍ତଫା ଦେଲେ ସସ୍ମିତ ପାତ୍ର

ଭୁବନେଶ୍ୱର (ସବ୍ୟୁ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିରୋଧରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ଅପମାନସୂଚକ ମନ୍ତବ୍ୟ ପ୍ରତିବାଦରେ ବିଜେଡ଼ି ସାଂସଦ ସସ୍ମିତ ପାତ୍ର ଯୋଗଯୋଗ ଏବଂ ଆଇଟି ବିଭାଗୀୟ ଷ୍ଟାଣ୍ଡିଂ କମିଟିର ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଏହି କମିଟିର ଅଧ୍ୟକ୍ଷ ଥିଲେ ନିଶିକାନ୍ତ ଦୁବେ । ରାଜ୍ୟସଭା ଅଧ୍ୟକ୍ଷଙ୍କୁ ସସ୍ମିତ ତାଙ୍କ ଇସ୍ତଫା ପତ୍ର ପଠାଇ ଦେଇଛନ୍ତି ।



ସୂଚନା ଯୋଗ୍ୟ ନିଶିକାନ୍ତ ଦୁବେ ଜବାହାରଲାଲ୍ ନେହେରୁ ଓ ବିଜୁ ପଟ୍ଟନାୟକଙ୍କ ସଂପର୍କରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ, ୧୯୬୨ ଚିନ୍ ଯୁଦ୍ଧରେ ଆମେରିକାରୁ ପଇସା ଆଣି ନେହେରୁ ଯୁଦ୍ଧ ଲଢ଼ିଥିଲେ। ଆମେରିକା ଓ ଭାରତ ମଧ୍ୟରେ ଏହି ଯୋଜନା ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମଧ୍ୟସ୍ଥି ସାଜିଥିଲେ। ନେହେରୁ ଆମେରିକାକୁ କହିଥିଲେ ଯେ, ଚାରବାଟିଆ ବାୟୁସେନା ବେସ୍‌ରେ ଆମେରିକା ବିମାନକୁ ଲୁଚାଇ ରଖାଯାଉଥିଲା। ଆମେରିକା ସରକାର ଓ ସିଆଇଏ ମଧ୍ୟରେ ନେହେରୁ ସେତୁ ଭଳି କାମ କରୁଥିଲେ। ଏଥିରେ ବିଜୁ ପଟ୍ଟନାୟକଙ୍କର ବଡ ଭୂମିକା ରହିଥିଲା। ତେବେ ଏଭଳି ମନ୍ତବ୍ୟକୁ ସାଂସଦ ଶ୍ରୀ ପାତ୍ର ତୀବ୍ର ପ୍ରତିବାଦ କରିଛନ୍ତି। ସୋସିଆଲ ମିଡ଼ିଆରେ ଉଲ୍ଲେଖ କରିଛନ୍ତି ଯେ, ବିଜୁ ପଟ୍ଟନାୟକଙ୍କୁ ଅପମାନ କରି ଏଭଳି ମିଛ ଏବଂ ଦାୟିତ୍ୱହୀନ ମନ୍ତବ୍ୟ ଦିଆଯାଇଛି। ବିଜୁ ପଟ୍ଟନାୟକ ହେଉଛନ୍ତି ଜଣେ ଦୂରଦୃଷ୍ଟି ସଂପନ୍ନ ନେତା ଓ ସ୍ୱାଧୀନତା ସଂଗ୍ରାମୀ। ମାଟିର ପୁଅ ହିସାବରେ ତାଙ୍କର ରାଷ୍ଟ୍ର ପ୍ରତି ଅନେକ ଅବଦାନ ରହିଛି । ଇତିହାସକୁ ଏଭଳି କଦର୍ଥ କରିବା ଏବଂ ଜଣେ ଦୂରଦୃଷ୍ଟି ସଂପନ୍ନ ନେତାଙ୍କ ପ୍ରତି ରାଜନୈତିକ ଏଜେଣ୍ଡା ଧାର୍ଯ୍ୟ କରିବା ଗ୍ରହଣୀୟ ନୁହେଁ, ଏହା ନିନ୍ଦନୀୟ । ବିଜୁ ପଟ୍ଟନାୟକ ଏଭଳି ଶସ୍ତା ରାଜନୀତି କରୁନଥିଲେ ।

# ଜାତୀୟ ରାଜପଥରେ ଦାଦା ବଟି ଆଦାୟ ଅଭିଯୋଗରେ ୩ ଗିରଫ



ପୁରୀ, (ସବ୍ୟୁ): ପୋଲିସ ପକ୍ଷରୁ ଦାଦା ବଟି ଆଦାୟ ଅଭିଯୋଗକୁ ପ୍ରତିହତ ଓ ଦମନ ନେଇ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ବାସେଲୀ ସାହି ଥାନା ପୋଲିସକୁ ସଫଳତା ମିଳିଛି । ରବିବାର ଦିନ ପୋଲିସ ମଙ୍ଗଳାଘାଟ ଜାତୀୟ ରାଜପଥ ୩୧୬ କଲ୍ୟାଣୀ ମଣ୍ଡପ ନିକଟରେ ଟୁରିଷ୍ଟ ଗାଡ଼ି, ବ୍ୟବସାୟୀ ଓ ରାସ୍ତା ଦେଇ ଯାଉ ଥିବା ବାଟୋଇଙ୍କ ଠାରୁ ମାରଣାସ୍ତ୍ର ଦେଖାଇ ଦାଦା ବଟି ଆଦାୟ କରିବା ନେଇ ଅଭିଯୋଗରେ ତିନି ଜଣ ଅସାମାଜିକ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଏହି ଥାନା ଅଧିନ ଗୋଖା ସାହିର ମହାବୀର ବେହେରା(୨୫), ମଶାଣିଚଣ୍ଡୀ ଛକର ବାଦଲ ଓରଫ ମନୋଜ ବେହେରା(୨୬) ଓ ମଙ୍ଗଳାଘାଟର ବାବୁନା ଓରଫ ରମେଶ ଚନ୍ଦ୍ର ବେହେରା(୩୦) । ଅଭିଯୁକ୍ତଙ୍କ ଠାରୁ ପୋଲିସ ୧ ଗୋଟି ଲୁହା ରଡ୍, ଭୁଜାଲି ଓ ୧ ଗୋଟି ଠେଙ୍ଗା ଓ ନଗଦ ୧ ହଜାର ଟଙ୍କା ଜବତ କରିଛି । ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି ବୋଲି କହିଛନ୍ତି ଆଇଆଇସି ଅଭିନାଶ ରାଉତ । କୋର୍ଟ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିବାରୁ ପୋଲିସ ସେମାନଙ୍କୁ ଜେଲକୁ ପଠାଇ ଦେଇଛି ।

# ନିର୍ଯାତିତା ନାବାଳିକା ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ଜଣେ ୧୨ ବର୍ଷିୟା ନାବାଳିକା ରାସ୍ତାରେ କାନ୍ଦି କାନ୍ଦି ଯାଉଥିବା ସମୟରେ ଜଣେ ସହୋଦୟ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ରୁଚିକା ସମାଜ ମଙ୍ଗଳ ସଙ୍ଗଠନକୁ ଖବର ଦେଇଥିଲେ । ଖବର ପାଇ ରୁଚିକା ଏକ୍ସେସ୨ ଜଷ୍ଟିସ୍ ପ୍ରକଳ୍ପର କର୍ମକର୍ତ୍ତା ନାବାଳିକାଙ୍କୁ ଉଦ୍ଧାର କରି ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ଚନ୍ଦ୍ରଶେଖରପୁର ଥାନା ଅଧୀନ କୈଳାସ ବିହାର ଅଞ୍ଚଳର ରମେଶ ଚନ୍ଦ୍ର ସାମଲ ନାମକ ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଛି । ଝିଅକୁ ଡାକ୍ତରୀ ମାଇନା କରି ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି । ଏଥିରେ ପୋଲିସକୁ ସହାୟତା କରୁଛନ୍ତି ରୁଚିକାର କର୍ମକର୍ତ୍ତା । ଏ ସମ୍ପର୍କରେ ଖବର ପାଇ ଚାଇଲ୍ଡ ହେଲ୍‌ପଲାଇନର କର୍ମକର୍ତ୍ତାମାନେ ମଧ ଚନ୍ଦ୍ରଶେଖରପୁର ଥାନାକୁ ଆସିଥିଲେ ।

ନାବାଳିକାଙ୍କ କହିବା ମୁତାବକ ତାଙ୍କ ଘର କେନ୍ଦୁଝର ଜିଲ୍ଲାରେ । ଦାରିଦ୍ର୍ୟତା ହେତୁ ପରିବାର ଦୁଃଖ କଷ୍ଟରେ ଚଳୁଛନ୍ତି । ଏହି ସୁଯୋଗରେ ରମେଶ ଝିଅକୁ ଆଣି ନିଜ ଘରେ ଘରୋଇ ଚାକରାଣୀ ଭାବେ ଦେଢବର୍ଷ ହେବ କାମ କରାଉଛନ୍ତି । ପାରିଶ୍ରମିକ ବାବଦକୁ ନାବାଳିକା ବାପାଙ୍କ ପାଖକୁ ମାସିକ ୨ ହଜାର ଟଙ୍କା ଦେଇଥାନ୍ତି । କୌଣସି ଆଳ ଦେଖାଇ ପିଲାଟିକୁ ନିସ୍ତୁକ ମାଡ଼ଧର କରିବା ସହ ତତଲା ଲୁହା ଖଡିକାରେ ଚେଙ୍କ ଦେଉଥିଲେ । ରବିବାର ମାଡ ସହିନପାରି ଝିଅଟି ତାଙ୍କ ଘରୁ ପଳାଇ ଆସି ରାସ୍ତାରେ କାନ୍ଦି କାନ୍ଦି ଯାଉଥିବା ବେଳେ ଲୋକମାନେ ଦେଖି ତାଙ୍କୁ ଉଦ୍ଧାର କରିଥିଲେ । ନାବାଳିକାଙ୍କ ଶରୀରର ବହୁ ସ୍ଥାନରେ ମାଡ ଓ ଚେଙ୍କ ଦାଗ ଥିବା ଦେଖିବାକୁ ମିଳିଛି । ଓଡିଶାରେ ଶହ ଶହ ସଂଖ୍ୟାରେ ପିଲାମାନେ ଦାରିଦ୍ର୍ୟର କଷାଘାତରେ ନିଷ୍ପେସିତ ହୋଇ ଶିଶୁ ଚାଲାଣର ଶିକାର ହେଉଥିଲେ ମଧ ଆଇନର ଗଳାବାଟରେ ଅପରାଧୀମାନେ ଖସି ଯାଉଥିବାରୁ ପ୍ରତିଦିନ ଶିଶୁମାନଙ୍କ ଉପରେ ଅତ୍ୟାଚାର ବଢିବାରେ ଲାଗିଛି । ଏତଲାକୁ ଆଧାର କରି ପୋଲିସ ଅଭି ଯୁକ୍ତ ରମେଶକୁ ଥାନାରେ ଆଣି ଅଟକ ରଖିବା ସହ ପଚରାଉଚରା କରୁଛି । ନାବାଳିକାଙ୍କ ଥଇଥାନ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ରୁଚିକା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତି କହିଛନ୍ତି ।

# ରାସ୍ତାରେ ଲହଡି ଭାଙ୍ଗୁଛି ପାଣି

କେନ୍ଦ୍ରାପଡା ,(ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ପାନୀୟ ଜଳସମସ୍ୟା ସଂକଟ ସୃଷ୍ଟି କରିଥିବା ବେଳେ କେନ୍ଦ୍ରାପଡା ଗୋପ ଟିଭିକଲୋନୀ ପାଖରେ ପାଇପ୍ ଫାଟି ଗତ ଦୁଇଦିନ ହେଲା ପାନୀୟ ଜଳ ମୁଖ୍ୟ ରାସ୍ତାଉପରେ ଲହଡିଭାଙ୍ଗୁଛି । କେତେକ ଅଂଚଳରେ ଜଳସଂକଟ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ହୀନତା ଯୋଗୁ ଦୁଇଦିନ ହେଲା ରାସ୍ତା ଉପରେ ପାନୀୟ ଜଳ ଲହଡିଭାଙ୍ଗୁଛି । ତୁରନ୍ତ ଏହାକୁମରାମତି କରିବା ପାଇଁ ସ୍ଥାନୀୟ ଅଂଚଳରେ ଦାବିହେଉଛି ।



### ବ୍ଲାଙ୍କ୍ ଫାୟାରିଂ ବିବାଦରେ ଟିଟିଲାଗଡ଼ ବିଧାୟକ

# ଆଇନ୍‌ରୁ ଊର୍ଦ୍ଧ୍ୱରେ କେହି ନୁହଁନ୍ତି : ବିଜେପି

ଭୁବନେଶ୍ୱର (ସବ୍ୟୁ): ବ୍ଲାଙ୍କ୍ ଫାୟାରିଂ କରି ବିବାଦରେ ଛନ୍ଦି ହୋଇଯାଇଛନ୍ତି ଟିଟିଲାଗଡ଼ ବିଧାୟକ ନବୀନ ଜୈନ। ରାମନବମୀ ଶୋଭାଯାତ୍ରାରେ ଗୁଳି ଫୁଟାଇ ସେ ବିବାଦ ଘେରକୁ ଆସିଛନ୍ତି । ଉକ୍ତ ବନ୍ଧୁକ ଏକ ଖେଳଣା ବନ୍ଧୁକ ବୋଲି ପ୍ରାଥମିକ ସ୍ତରରେ ବିଧାୟକ କହିଥିଲେ ମଧ୍ୟ ପରେ ତାହା ତାଙ୍କର ନିଜ ଲାଇସେନ୍ସପ୍ରାପ୍ତ ପିସ୍ତଲ ବୋଲି ଜଣାପଡିଛି ।

ଗୁଳି ଚାଳନାରେ ସହଯୋଗ କରି କରି ଫସିଛନ୍ତି ତାଙ୍କର ପିଏସଓ। ଟିଟିଲାଗଡ଼ ଶାସ୍ତ୍ରୀ ଛକ ନିକଟରେ ବିଧାୟକ ନିଜ ଲାଇସେନ୍ସପ୍ରାପ୍ତ ପିସ୍ତଲ କାଢ଼ି ଉପରକୁ ୩ ରାଉଣ୍ଡ ଫାୟାରିଂ କରିଛନ୍ତି ବୋଲି ପୋଲିସ କହିଛି । ଅଭିଯୋଗ ପରେ ଟିଟିଲାଗଡ଼ ପୋଲିସ ବିଧାୟକ ନବୀନ ଜୈନ ଏବଂ ଚଝଙ ପ୍ରେମଚାନ୍ଦ ନାଗଙ୍କ ନାଁରେ ଦଫା-୧୨୫ ଓ ଆର୍ମସ ଆକ୍ଟ ୨୫ ଅନୁଯାୟୀ ମାମଲା ରୁଜୁ କରିଛି । ଶୁକ୍ରବାର ରାମନବମୀ ପାଇଁ ଉତ୍ସବ ମୁଖର ଥିଲା ଟିଟିଲାଗଡ଼ । ଗାଁଠୁ ସହର, ସବୁଠି ବାହାରିଥିଲା ଶୋଭାଯାତ୍ରା । ଆଉ ତାହାରି ଭିତରେ ଏକ ଶୋଭାଯାତ୍ରାରେ ବିଧାୟକ ନବୀନ ଜୈନ ବି ସାମିଲ ହୋଇ ଆଗେ ଆଗେ ଚାଲୁଥିଲେ । କିନ୍ତୁ ଶାସ୍ତ୍ରୀଛକ ନିକଟରେ ନିଜ ବ୍ୟକ୍ତିଗତ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ଓପନ ବ୍ଲାଙ୍କ୍ ଫାୟାର କରିଥିଲେ ।ତେବେ ଏହି ଘଟଣାକୁ ନେଇ ବିରୋଧୀ ଦଳ ପକ୍ଷରୁ ସରକାରଙ୍କୁ ଆକ୍ଷେପ କରାଯିବା ପରେ ଆଇନରୁ କେହି ଊର୍ଦ୍ଧ୍ୱ ନୁହଁନ୍ତି । ତଦନ୍ତ ସଠିକ୍ ବାଟରେ ଯିବ ବୋଲି ବିଜେପି କହିଛି । ଇତି ମଧ୍ୟରେ ବିଧାୟକଙ୍କ ପିଏସ୍‌ଓକୁ ଚାକିରୀରୁ ନିଲମ୍ବିତ କରାଯାଇଛି ।

### ତାଲା ଭାଙ୍ଗି ଘରେ କନା ବୁଲାଇଲେ ଚୋର

ବୋଲଗଡ଼,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ କୁମ୍ଭାର ପଞ୍ଚାୟତ ଅଧିନସ୍ଥ ଶୁନ୍ୟା ଆଶ୍ରମ ନିକଟସ୍ଥ ସାମ୍ବାଦିକ ଅଶୋକ ପ୍ରଧାନଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଚୋରମାନେ ଶନିବାର ମଧ୍ୟ ରାତ୍ରରେ ତାଲା ଭାଙ୍ଗି ଘରେ କଳାକନା ବୁଲାଇଛନ୍ତି । ଚୋରମାନେ ଗଡରେଜ ଭାଙ୍ଗି ନଗଦ ୭୫ ହଜାର ଟଙ୍କା ୩ଟି ସୁନା ମୁଦି, ୨ଟି କାନ ଫୁଲ,ଗୋଟିଏ ମଙ୍ଗଳ ସୂତ୍ର, ରୂପା ବେଶଲେଟ, ଚେନ ଓ ଲକେଟ ଏଥି ସହିତ ସମସ୍ତ ଡକ୍ୟୁମେଣ୍ଟ ନେଇ ଯାଇ ଥିଲେ । ଅଶୋକ ସକାଳୁ ଆସିବା ବେଳେକୁ ତାଲା ଭାଙ୍ଗି ଝୁଲୁ ଥିବାର ଦେଖିବାକୁ ପାଇ ଥିଲେ । ଘର ଭିତରକୁ ଯାଇ ଦେଖିବା ପରେ ଟଙ୍କା,ସୁନା ଅଲଙ୍କାର ଓ ଡକ୍ୟୁମେଣ୍ଟ ମିଳି ନଥିଲା । ତେବେ ବାଙ୍କୋଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ମିହିର ରଞ୍ଜନ ପ୍ରଧାନ ଓ ଅନ୍ୟାନ୍ୟ ଫାଣ୍ଡି କର୍ମଚାରୀମାନେ ତଦନ୍ତ ଆରମ୍ଭ କରି ଥିଲେ ।ଚୋର ଯେଉଁ ଠାରେ ଲୁଚି ରହି ଥିଲେ ମଧ୍ୟ ଖୁବ ଶୀଘ୍ର ଚୋରକୁ ଧରା ଯିବ ବୋଲି କହି ଥିଲେ ।

### କେନ୍ଦୁଝରରେ ବିଜେଡିକୁ ଶକ୍ତ ଝଟକା

# ସାମୂହିକ ଇସ୍ତଫାଦେଲେ ୯ କାଉନସିଲର

କେନ୍ଦୁଝର, (ସବ୍ୟୁ) : କେନ୍ଦୁଝର ବିଜେଡ଼ିକୁ ଶକ୍ତ ଝଟକା ଲାଗିଛି । ରବିବାର ଦିନ କେନ୍ଦୁଝରଗଡ ପୌର ଉପାଧକ୍ଷ ବରଦା ପ୍ରସନ୍ନଙ୍କଙ୍କ ସହ ୯ ଜଣ ବିଜେଡି କାଉନସିଲର ସମୂହ ଇସ୍ତଫା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ସେମାନେ ବିଜେଡି ଛାଡ଼ି ଭାଜପାକୁ ଯିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି । ବିଜେଡ଼ିରୁ ଇସ୍ତଫା ଦେଇଥିବା କାଉନସିଲମାନଙ୍କ ମଧ୍ୟରେ ବରୋଦା ପ୍ରସନ୍ନ ଦାସ ଉପାଧକ୍ଷ, ଶରତ କୁମାର ସାହୁ (୧ ନମ୍ବର), ଅଭିନାଶ ମିଶ୍ର ( ୭), ଦୟାନିଧି ପାତ୍ର (୮), ପଦ୍ମିନୀ ପାତ୍ର (୧୦), ଭଗବାନ ନାଏକ(୧୫), ସବିତା ପଟ୍ଟନାୟକ( ୧୬), ହେମନ୍ତ କୁମାର ପତି( ୨୧) ଓ କରୁଣା କର ମାରାଣ୍ଡି (୧୨) ବୋଲି ଜଣା ପଡ଼ିଛି ।ସେହିପରି ସାଧାରଣ ସମ୍ପାଦକ ପଦରୁ ଶୁଭେନ୍ଦ୍ର ପଟ୍ଟନାୟକ, ବରୋଦା ଦାସ, ଶରତ ସାହୁ ମଧ୍ୟ ଇସ୍ତଫା ଦେଇଛନ୍ତି । ଦଳରେ ସାମୟିକ ପ୍ରଭାବ ରହିଛି କିନ୍ତୁ ଦୀର୍ଘକାଳୀନ ପ୍ରଭାବ ପଡିବ ନାହିଁ ବୋଲି ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ କହିଛନ୍ତି । ଅନ୍ୟ କାଉନସିଲରମାନେ କେନ୍ଦୁଝରରେ ଅଛନ୍ତି ବୋଲି କହିଛନ୍ତି । ଫଳରେ କେନ୍ଦୁଝର ବିଜେଡିକୁ ଶକ୍ତ ଝଟକା ଲାଗିଛି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ ।

ପ୍ରକାଶଯେ, କେନ୍ଦୁଝର ଗଡ ପୌରପାଳିକାରେ ୨୧ ୱାର୍ଡରୁ ୧୩ଟି ୱାର୍ଡରେ ବିଜେଡ଼ି ଜିତିଥିବା ବେଳେ ଭାଜପା ୮ ଟି ୱାର୍ଡରେ ଥିଲେ । ପୌରାଧକ୍ଷା ପଦରେ ଭାଜପାର ନିକୁ ସାହୁ ଜିତି ଥିଲେ । ସେହିପରି ଉପାଧକ୍ଷ ପଦରେ ବିଜେଡିର ବରୋଦା ଦାସ ଜିତିଥିଲେ । ଏବେ ସେମାନେ ଭାଜପାରେ ମିଶିଲେ ପଦ ରହିଯିବା ଯଥେଷ୍ଟ ସମ୍ଭାବନା ଅଛି ବୋଲି ରାଜନୈତିକ ସମୀକ୍ଷକ ମତ ବ୍ୟକ୍ତ କରୁଛନ୍ତି । ସୂଚନା ଯୋଗ୍ୟଯେ, ଭାଜପା ରାଜ୍ୟରେ ଆସିବା ସହ ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଘୋଷଣା ପରେ ବହୁ ଅଣ ଭାଜପା ଦଳ ମୁହାଁ ହୋଇଥିଲେ । ରାଜନୈତିକ ନେତାମାନଙ୍କ ମଧ୍ୟରେ ସେଭଳି ବଡ ଦଳ ପରିବର୍ତ୍ତନ ହୋଇ ନଥିଲା । ଏଣୁ କେନ୍ଦୁଝର ଜିଲାର ରାଜନୀତି ଉପରେ ସମସ୍ତ ଙ୍କ ନଜର ରହିଥିଲା ।ତେବେ ବର୍ତ୍ତମାନ ୯ ଜଣ ବିଜେଡି କାଉନସିଲର ଇସ୍ତଫା ଦେବା ପରେ ଚର୍ଚ୍ଚା ବଢ଼ିବାରେ ଲାଗିଛି ।

ସୋମବାର ଦିନ ଭୁବନେଶ୍ୱରଠାରେ ସମସ୍ତ କାଉନ୍ସିଲରମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବରେ ବିଧିବଦ୍ଧ ଭାବେ ଭାଜପାର ମିଶିବେ ବୋଲି ବିଶେଷ ସୂତ୍ରରୁ ଜଣା ପଡିଛି । ଏପଟେ ଇସ୍ତଫା ଦେଇଥିବା ୯ ଜଣଙ୍କୁ ଛାଡ଼ିଦେଲେ ଅନ୍ୟ ବିଜେଡି କାଉନ୍ସିଲର ଭୁବନେଶ୍ୱରରେ ଡେରା ପକାଇଥିବା ସୂଚନା ମିଳିଛି । ଦଳୀୟ ନେତାଙ୍କ ଉପରେ ଅସନ୍ତୁଷ୍ଟ ମୁଖ୍ୟ କାରଣରୁ ଏଭଳି ଇସ୍ତଫା ପତ୍ର ଦେଇଥିବା କୁହାଯାଇଛି । ପୌର ନିର୍ବାଚନ ଆଉ ପ୍ରାୟ ଏକ ବର୍ଷ ଥିବା ବେଳେ ବିଜେଡି ନେତା ଶଙ୍ଖ ଛାଡ଼ି ପଦ୍ମ ଧରିବା କେତେଦୂର ଦଳ ଫଳ ପ୍ରଦ ହେବ ଏବଂ ଭୋଟର କିଭଳି ଗ୍ରହଣ କରିବେ ତାହା ଆଗାମୀ ଦିନ ସ୍ପଷ୍ଟ ହୋଇଯିବ ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି ।

# ପେଣ୍ଠକଟା ଡପୁ ବାରିକ ହତ୍ୟା କାଣ୍ଡ ଘଟଣା : ହତ୍ୟାକାରି ଗିରଫ

ପୁରୀ, (ସବ୍ୟୁ): ଗତ ଶନିବାର ବିଳମ୍ବିତ ରାତିରେ ପୁରୀ ପେଣ୍ଠକଟା ଧୋବାଖାଲ ବସ୍ତି ନିକଟରେ ଘଟି ଥିବା ବଡ଼ଶଙ୍ଖ ସୁଦର୍ଶନ ନଗର ଡପୁ ଓରଫ ସମୀର ବାରିକ ହତ୍ୟା କାଣ୍ଡ ଘଟଣାର ରହସ୍ୟ ଉର୍ମୋଚନ କରିଛି ସମୁଦ୍ର କୂଳ ଥାନା ପୋଲିସ। ମଦ୍ୟପାନ କରିବାକୁ ନ ଦେବାରୁ ଏହି ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ହତ୍ୟା ଅଭିଯୋଗରେ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ହୋଇ ଥିବା ଅଭିଯୁକ୍ତର ପରିଚୟ ହେଲା ଧୋବାଖାଲ ବସ୍ତିର କାଲୁ ଓରଫ ଗୋବିନ୍ଦ ପାଇକରାୟ। ଅଭିଯୁକ୍ତ ଠାରୁ ପୋଲିସ ହତ୍ୟା କାଣ୍ଡରେ ବ୍ୟବହୃତ ରକ୍ତ ଲାଗି ଥିବା ମାରଣାସ୍ତ୍ର ଖଣ୍ଡା, ମୁହଁକୁ ଛେଚି ଥିବା ପଥର ଓ ରକ୍ତ ଭିଜା ସାର୍ଟ ପ୍ୟାଣ୍ଟ ଜବତ କରିଛି । ଏ ସଂପର୍କରେ ଏସପି ପ୍ରତୀକ ସିଂ ସୂଚନା ଦେଇ କହିଛନ୍ତି ଗତ କାଲି ସକାଳେ ପେଣ୍ଠକଟା ନିକଟ ଧୋବାଖାଲ ନିକଟରେ ଜଣେ ଯୁବକଙ୍କ ମୃତ ଦେହ ପଡ଼ି ଥିବାର ପୋଲିସ ଖବର ପାଇଥିଲା । ତତକ୍ଷଣାତ ପୋଲିସ ଘଟଣା ସ୍ଥଳରେ



ପହଞ୍ଚି ଶବକୁ ଜବତ କରି ଥିଲା । ଏନେଇ ସମୁଦ୍ର କୂଳ ଥାନାରେ ମୃତ ଯୁବକଙ୍କ ପିତାଙ୍କ ପକ୍ଷରୁ ଏକ ଲିଖିତ ରିପୋର୍ଟ ଦାଏର ହୋଇ ଥିଲା । ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା । ସମୁଦ୍ର କୂଳ ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଥିଲେ। ତଦନ୍ତ ସମୟରେ ମୃତ ଯୁବକର ମୁଣ୍ଡ ଓ ବେକ ପଛ ପଟେ ମାରଣାସ୍ତ୍ର ଯୋଗେ ଆକ୍ରମଣ ଯୋଗୁ ଗଭୀର କ୍ଷତ ସୃଷ୍ଟି ହୋଇ ଥିବା ଦେଖିବାକୁ ମିଳିଥିଲା। ସେହିପରି ମୁଣ୍ଡକୁ ପଥରରେ ଛେଚି ଦେବା ଯୋଗୁଁ ମୁହଁରେ ଗଭୀର ଆଘାତ ଲାଗିଥିଲା । ପ୍ରଚୁର ରକ୍ତ ସ୍ରାବ ଯୋଗୁଁ ଯୁବକର ମୃତ୍ୟୁ ହୋଇଛି। ତଦନ୍ତ ସମୟରେ ଜଣା ପଡି ଥିଲା ମୃତ ଯୁବକ ଡପୁ, କଳା ଓରଫ ବାବୁଲ ବେହେରା, କୁନା ପ୍ରଧାନ ଓ କୁନା ଦାସଙ୍କୁ ହତ୍ୟାକାରୀ କାଲୁ ଓରଫ ସମୀର ମଦ ପିଇବା ପାଇଁ ଦେବ ବୋଲି ପ୍ରତିଶୃତି ଦେଇ ଥିଲା। ପ୍ରତିଶ୍ରୁତି ମୁତାବକ ଶନିବାର ରାତ୍ର ୧୨ ଟା ସମୟରେ ସେମାନେ ଧୋବାଖାଲ ତାରେଣି ମନ୍ଦିର ବସ୍ତିକୁ ଯାଇ ଥିଲେ । ହତ୍ୟାକାରୀ କାଲୁ ସେମାନଙ୍କୁ ମଦ ଦେଇ ନ ଥିଲା ଯାହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ଓ କଳି ଝଗଡା ହୋଇ ଥିଲା । କାଲୁର ମୋବାଇଲ ଫୋନକୁ ଡପୁ ଛଡାଇ ନେଇ ଥିଲା । ଉତକ୍ଷିପ୍ତ ହୋଇ କାଲୁ ପାଖରେ ରଖି ଥିବା ମାରଣାସ୍ତ୍ର ଖଣ୍ଡାରେ ଡପୁକୁ ଆକ୍ରମଣ କରି ଥିଲା । ଫଳରେ ତାର ପ୍ରଚୁର ରକ୍ତ ସ୍ରାବ ହୋଇ ଥିଲା । ସେ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲା ।

## ନାଇଜରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଜଟଣୀ, (ସବ୍ୟୁ) : ଗତ ୧୦ ମାର୍ଚ୍ଚ ରେ ନାଇଜର ମୁଖ୍ୟ ପ୍ରବେଶଦ୍ୱାର ସମ୍ମୁଖରେ ଘଟିଥିବା ଏକ ଦୁଃଖଦ ସଡକ ଦୁର୍ଘଟଣାରେ ଗାଡ଼ି ଚାଳକଙ୍କ ଅବହେଳାପୂର୍ଣ୍ଣ ଚାଳନା ଫଳରେ ତିନିଜଣ ମୂଲ୍ୟବାନ ଜୀବନର ହାନି ଘଟିଥିଲା ।ଉକ୍ତ ଘଟଣାର ଗୁରୁତ୍ୱକୁ ଅନୁଭବ କରି ନାଇଜର ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ କର୍ମଚାରୀମାନଙ୍କ ସମିଳିତ ପ୍ରୟାସରେ ଏକ ସଡକ ସୁରକ୍ଷା ସଚେତନତା ଅଭିଯାନ ଆୟୋଜିତ କରାଯାଇଥିଲା । ଏଥିରେ ନାଇଜରର ରେଜିଷ୍ଟ୍ରାର ଡ଼ଃ ପ୍ରଣୟ ସ୍ୱାଇଁଙ୍କ ସଂଯୋଜନାରେ ଆରଟିଓ ଭୁବନେଶ୍ୱର-୨ ର ଅଧିକାରୀମାନଙ୍କ ସହଯୋଗରେ ସଫଳତାର ସହିତ ସଂଚାଳିତ ହୋଇଥିଲା । ଡ଼ଃ ସ୍ୱାଇଁ ସମସ୍ତ ଯାତ୍ରୀ ଓ ଚାଳକମାନଙ୍କୁ ସଡକ ନିୟମ ମାନି କଡାକଡି ଭାବରେ ପାଳନ କରିବା ସହିତ ସତର୍କ ଓ ଦାୟିତ୍ୱଶୀଳ ଭାବରେ ଯାନ ଚାଳନା କରିବାକୁ ଆହ୍ୱାନ ଜଣାଇଥିଲେ । ମୋଟର ଭେହିକଲ୍ ଇନ୍ସପେକ୍ଟର ରବୀନ୍ଦ୍ରନାଥ ଜେନା ନାଇଜର ସମୁଦାୟକୁ ସମ୍ବୋଧନ କରି ସଡକ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପାର୍ଶ୍ୱ ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ସେ ରାଜ୍ୟ ସରକାରଙ୍କ ପକ୍ଷରୁ ସଡକ ଦୁର୍ଘଟଣା ରୋକିବା ପାଇଁ ଗ୍ରହୀତ ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଇବା ସହ ନିଜସ୍ୱ ସତର୍କତା ଓ ସୁରକ୍ଷିତ ଯାତାୟାତ ପ୍ରଚଳନର ଗୁରୁତ୍ୱ ଉପରେ ମଧ୍ୟ ଜୋର ଦେଇଥିଲେ ।କାର୍ଯ୍ୟକ୍ରମ ସମୟରେ ରାସ୍ତା ଉପଯୋଗକାରୀମାନଙ୍କ ମଧ୍ୟରେ ସୂଚନା, ଶିକ୍ଷା ଓ ସଂଯୋଗ ସାମଗ୍ରୀ ବଣ୍ଟନ କରାଯାଇଥିଲା ।ବିମଳ କାନ୍ତି ସାହୁ, ଅବସରପ୍ରାପ୍ତ ଆଇଏସ କମିଶନର ଇ ଏସ ଆଇ ସି ଉପସ୍ଥିତ ରହି ସଡକ ସୁରକ୍ଷା ସମ୍ବନ୍ଧୀୟ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ ।

## ଓଡ଼ିଶା ଡ୍ରାଇଭର ମହାସଂଘ ମହାପରିବାର ମେଗା ରକ୍ତଦାନ ଶିବିର




କଟକ , (ସବ୍ୟୁ):ଓଡ଼ିଶା ଡ୍ରାଇଭର ମହାସଂଘ ମହାପରିବାର ପକ୍ଷରୁ କଟକ ରେଡକ୍ରସ ରକ୍ତ ଭଣ୍ଡାର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ରକ୍ତଦାନ ଶିବିରକୁ ନିଖିଳ ଉତ୍କଳ ଅଟୋ ଚାଳକ ମହାସଂଘ ସଭାପତି ତଥା କଟକ ମେୟର ସୁବାସ ସିଂହ ଉଦଘାଟନ କରିଥିଲେ । ସୂଚନା ଅନୁସାରେ ଏହି ରକ୍ତଦାନ ଶିବିରରେ ସଂଗ୍ରହ କରାଯାଇଥିବା ରକ୍ତ କୁ ଥାଲେସେମିଆ ରେ ପୀଡିତ ଛୋଟ ଛୋଟ ଶିଶୁଙ୍କୁ ସମର୍ପିତ କରିବା ସହିତ ଖରାଦିନରେ ରକ୍ତ ଭଣ୍ଡାର ରେ ରକ୍ତ ର ଅଭାବ ଦୂର ପାଇଁ ଏହି ଶିବିରଟିର ଆୟୋଜନ ହୋଇଥିଲା । ଏହି ରକ୍ତଦାନ ଶିବିରରେ ପ୍ରାୟ ୩୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ସୂଚନା ମିଳିଅଛି । ଏହି ଅବସରରେ ମେୟର ସୁବାସ ସିଂହଙ୍କ ସହିତ କଟକ ଅଟୋ ମହାସଂଘ ସାଧାରଣ ସମ୍ପାଦକ ଶୈଳେନ ଧଳ, ଉପସଭାପତି ଦେବେନ୍ଦ୍ର ପାଣିଗ୍ରାହୀ , ଓଡ଼ିଶା ଡ୍ରାଇଭର ମହାସଂଘ ମହାପରିବାର ସଭାପତି ସୁମନ ଅଲ୍ଲିଆ , ଶତାଧିକ ଅଟୋ ଚାଳକ ଭାଇ ପ୍ରମୁଖ ଉପସ୍ଥିତ ଥିଲେ ।

### ଶହୀଦ ଲକ୍ଷ୍ମଣ ନାଏକଙ୍କ ସ୍ମୃତିରେ ଗରିମାମୟ ରାଜ୍ୟସ୍ତରୀୟ ସମାରୋହ

# "ଜନଜାତି ଅସ୍ମିତା ଓ ଦେଶପ୍ରେମର ପ୍ରତୀକ ଶହୀଦ ଲକ୍ଷ୍ମଣ ନାଏକ"

ଭୁବନେଶ୍ୱର, (ସବ୍ୟୁ) : ଭାରତର ସ୍ୱାଧୀନତା ସଂଗ୍ରାମରେ ଜନଜାତି ଅସ୍ମିତା, ସ୍ୱାଭିମାନ ଓ ଦେଶପ୍ରେମର ଅଦ୍ୱିତୀୟ ପ୍ରତୀକ ଶହୀଦ ଲକ୍ଷ୍ମଣ ନାଏକ ନିଜର ନିର୍ଭୀକ ସଂଗ୍ରାମ ଓ ବଳିଦାନ ମାଧ୍ୟମରେ ଇତିହାସରେ ଅମର ଅବସ୍ଥାନ ଅଧିକାର କରିଛନ୍ତି। ଜନଜାତି ସମାଜର ଅଧିକାର ସୁରକ୍ଷା ଓ ପରାଧୀନତା ବିରୋଧରେ ତାଙ୍କର ଅବଦାନ ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନରେ ଏକ ଗୌରବମୟ ଅଧ୍ୟାୟ ଭାବେ ସ୍ଥାନ ପାଇଛି ବୋଲି ଶ୍ରାଦ୍ଧ ଦିବସ ଅବସରରେ ବକ୍ତାମାନେ ମତ ପ୍ରକାଶ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଜୟଦେବ ଭବନଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାରୋହରେ ସାଂସଦ ମୁଜିବୁଲ୍ଲା (ମୁନା) ଖାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାଏକଙ୍କ ଅଦମ୍ୟ



ସାହସ, ଜନସେବାମୂଳକ ଚେତନା ଓ ଜନଜାତି ସମାଜ ପାଇଁ ତାଙ୍କର ନିଷ୍ଠାପୂର୍ଣ୍ଣ ସଂଗ୍ରାମ ଉପରେ ଆଲୋକପାତ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ଜନଜାତିମାନଙ୍କ ଅବଦାନ ଅସାଧାରଣ ଥିବା ସହ ଏହା ଆମ ସମାଜ ପାଇଁ ପ୍ରେରଣାଦାୟକ ବୋଲି ସେ ଉଲ୍ଲେଖ କରିଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି ଯୋଗଦେଇ ଲକ୍ଷ୍ମଣ ନାଏକଙ୍କ ସଂଗ୍ରାମ ଜନଜାତି ସମାଜର ସ୍ୱାଭିମାନକୁ ସୁଦୃଢ଼ କରିଥିବାରୁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ମତ ବ୍ୟକ୍ତ କରିଥିଲେ। ଅନ୍ୟାୟ ଓ ଶୋଷଣ ବିରୋଧରେ ତାଙ୍କ ଲଢେଇ ଆଜିର ପିଢ଼ି ପାଇଁ ଦୃଢ଼ ପ୍ରେରଣା ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ଡଃ ସୋମା ଚାନ୍ଦ ଯୋଗଦେଇ ଲକ୍ଷ୍ମଣ ନାଏକଙ୍କୁ ଜଣେ ଲୋକନାୟକ ଭାବେ ବର୍ଣ୍ଣନା କରିଥିଲେ। ସେ ଜନଜାତିମାନଙ୍କୁ ସଙ୍ଗଠିତ କରି ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ସହ ଦେଶପ୍ରେମର ଚେତନାକୁ ସୁଦୃଢ଼ କରିଥିଲେ ବୋଲି ସେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅନୁଜ କୁମାର ଦାସପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୀବନ ଓ ଆଦର୍ଶକୁ ସ୍ମରଣ କରିଥିଲେ। ତାଙ୍କର ବଳିଦାନ ଓ ସେବାମୟ ଜୀବନ ସମାଜକୁ ସଦା ପଥପ୍ରଦର୍ଶନ କରିବ ବୋଲି ସେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଶହୀଦ ଲକ୍ଷ୍ମଣ ନାଏକଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶବରୀ ସାଂସ୍କୃତିକ ସଂସଦର ସଭାପତି ଇଞ୍ଜିନିଅର ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ-ସାଂସ୍କୃତିକ ସଂଗଠନର ପ୍ରତିନିଧି, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଓ ସୂଚନା ଓ ଲୋକସମ୍ପର୍କ ବିଭାଗର ବହୁ ଅଧିକାରୀ-କର୍ମଚାରୀ ଉପସ୍ଥିତ ଥିଲେ।

### ପ୍ରଭାତଙ୍କ ପ୍ରତି ଲେଖାଶ୍ରୀଙ୍କ ଅଶାଳୀନ ମନ୍ତବ୍ୟର ରାଜ୍ୟବ୍ୟାପୀ ପ୍ରତିବାଦ

# କ୍ଷମା ପ୍ରାର୍ଥନା ପାଇଁ ଦାବି କଲା କଳାକାର ସଂଘ

କଟକ, (ସ୍ୱପ୍ର) : ବିଜେଡି ସଭାପତି ନବୀନ ପଟ୍ଟନାୟକ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ବହିଷ୍କାର ପରେ ତାଙ୍କ ପୁତ୍ର ବିଧାୟକ ସୌଭିକ୍ ବିଶ୍ୱାଳ ରାଜ୍ୟସଭାରେ ଦିଲ୍ଲୀପ ରାୟଙ୍କୁ ଭୋଟ ଦେବା ପରେ ବିଜେଡି ଶିବିରରେ ବଡ କମ୍ପନ ସୃଷ୍ଟି ହୋଇଛି । ଗତ କିଛିଦିନ ତଳେ ବିଜେଡି ରାଜ୍ୟ ଉପ-ସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ରାଜ୍ୟ ସଂସ୍କୃତି ଓ କଳା ପରିଷଦର ମୁଖ୍ୟ ପୃଷ୍ଠପୋଷକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପ୍ରତି ଦେଇଥିବା ଆଶାଳୀନ ମନ୍ତବ୍ୟକୁ ନେଇ ସଂକୀର୍ତ୍ତନ ମଣ୍ଡଳୀ ଓ କଳାକାର ସଂଘ ପକ୍ଷରୁ ୩୦ଟି ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା କରାଯାଇଛି । ଏହି ଅବସରରେ ରବିବାର କଟକ ଗ୍ରାମାଞ୍ଚଳ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂସ୍କୃତି ଓ କଳା ପରିଷଦର ଜିଲ୍ଲା ସଭାପତି ଶ୍ୟାମ କୁମାର ନାୟାରଙ୍କ ନେତୃତ୍ୱରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା କରାଯାଇ ଲେଖାଶ୍ରୀଙ୍କ ନାଟକ ଆଉ ବେଶୀଦିନ ଚାଲିବ ନାହିଁ । ସଂକ୍ରୀର୍ତ୍ତନ ମଣ୍ଡଳୀଙ୍କ ଟଙ୍କା ଯଦି ପ୍ରଭାତ ବିଶ୍ୱାଳ ଖାଇଛନ୍ତି, ତାହାଲେ ତାହର ପ୍ରମାଣ




ଦିଅନ୍ତୁ ନଚେତ ସେ ଦେଇଥିବା ମନ୍ତବ୍ୟକୁ ପ୍ରତ୍ୟାହାର କରିବା ସହ ୭ ଦିନ ମଧ୍ୟରେ କ୍ଷମା ପ୍ରାର୍ଥନା କରନ୍ତୁ । ଯଦି ସେ କ୍ଷମା ପ୍ରାର୍ଥନା ନକରନ୍ତି ତାହାଲେ ଲେଖାଶ୍ରୀଙ୍କ ଘର ସମ୍ମୁଖରେ ୩୦ଗୋଟି ଜିଲ୍ଲାର ସଂକ୍ରୀର୍ତ୍ତନ ମଣ୍ଡଳୀ ଓ କଳାକାର ସଂଘ ପକ୍ଷରୁ ପ୍ରତିବାଦ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ଏହି ପ୍ରତିବାଦ ସଭାରେ ରାଜ୍ୟ ସଂସ୍କୃତି କଳା ପରିଷଦର ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, କଳାସଂସ୍କୃତି ବିଭାଗର ଶିକ୍ଷାବିତ ସ୍ନେହାଶିଷ ସିହ୍ନା, ସଙ୍ଗଠନ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ସଂଯୋଜକ ମିଟୁ ମିଥୁନ, ସଦସ୍ୟ ବନ୍ଦିତା ନାୟାର, ଅମ୍ରିତ କୁମାର ସାହୁ ଏବଂ ସ୍ମୃତି ପ୍ରକାଶ ସାହୁଙ୍କ ସମେତ ଶତାଧିକ କଳାକାର ମାନେ ଏହି ପ୍ରତିବାଦରେ ସାମିଲ ହୋଇ ଲେଖାଶ୍ରୀଙ୍କୁ କଟୁ ସମାଲୋଚନା କରିଥିଲେ ।

## "ପାଇକ ବିଦ୍ରୋହ"କୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଦାବି କଲା ପାଇକ ମହାସଂଘ

ଭୁବନେଶ୍ୱର, (ସବ୍ୟୁ): ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଘୋଷଣା କରିବା, ପାଇକ ଆଖଡ଼ାକୁ ରାଜ୍ୟକ୍ରିଡାର ମାନ୍ୟତା ଦେବାସହିତ, ସ୍କୁଲ, କଲେଜରେ ସାମିଲ କରିବାକୁ ନିଖିଳ



ଓଡ଼ିଶା ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ଦାବି ରଖିଛନ୍ତି । ରାଜ୍ୟ ସ୍ତରୀୟ ୨୧୦ ତମ ପାଇକ ବିଦ୍ରୋହ ଦିବସ ରାଜ୍ୟ ସଂଯୋଜକ ପାଇକଗୁରୁ କେଦାରନାଥ ଦାସଙ୍କ ପୌରହିତ୍ୟରେ ମ୍ୟୁଜିୟମ ଛକଠାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି । ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ବକ୍ସିଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କହିଥିଲେ । ରାଜ୍ୟ ସରକାର ମାର୍ଚ୍ଚ ୨୯ କୁ ପାଇକ ବିଦ୍ରୋହ ଦିବସ ଭାବରେ ଘୋଷଣା କରିବା ସହିତ ରାଜ୍ୟ ସ୍ତରୀୟ ପାଇକ ବିଦ୍ରୋହ ଦିବସ ପାଳନ କରିବା ପାଇଁ ପାଇକ ଗୁରୁ କେଦାର ଦାସ ମତ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବରେ ପ୍ରଫେସର ଡ଼ ଶଶାଙ୍କ ଶେଖର ଚୁଡ଼ାମଣି, ପାଇକ ବିଦ୍ରୋହ ଉପରେ ଆଲୋକପାତ କରିଥିଲେ । ଖୋର୍ଦ୍ଧା ଜିଲ୍ଲା ସଭାପତି ତଥା ପାଇକଗୁରୁ ପୂର୍ଣ୍ଣଚନ୍ଦ୍ର ପାଟଶାଣୀ ଘୋଷଣା କରି କହିଥିଲେ ପାଇକ ବିଦ୍ରୋହକୁ ଦେଶରେ ପ୍ରଥମ ସ୍ୱାଧୀନତା ଦାବିରେ ଲକ୍ଷାଧିକ ପାଇକ ଦ୍ୱିତୀୟ ପାଇକ ବିଦ୍ରୋହ ପାଇଁ ସଜାଗ ରୁହନ୍ତୁ । ବରିଷ୍ଠ ଉପଦେଷ୍ଟା ଭିମସେନ ବିଶ୍ୱାଳ ପାଇକ ଆଖଡାର ଉନ୍ନତି ପାଇଁ ରାଜ୍ୟସରକାରଙ୍କ ନିକଟରେ ଦାବି ରଖିଥିଲେ । ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫେସର ଡ଼ ଗାୟନ ସାମଲ, ପାଇକରାଣୀ ସସ୍ମିତା ମଙ୍ଗରାଜ, ରାଜ୍ୟ ମୁଖପାତ୍ର ରାଜୀବ ନୟନ ରଥ, ଅବସରପ୍ରାପ୍ତ ପୋଲିସ ପ୍ରଶାସକ ବିଜୟ କୁମାର ଆଇଚ, ଓଡ଼ିଶାର ସମସ୍ତ ଜିଲ୍ଲାର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ । ଶେଷରେ ଗଡ଼ପାତ୍ରପଡ଼ା ବାଲୁଙ୍କେଶ୍ୱର ପାଇକ ଆଖଡ଼ା, କୃଷ୍ଣପ୍ରସାଦ ପାଇକ ଆଖଡ଼ା, ଦଳମାନେ ସମରକଳା ପ୍ରଦର୍ଶନ କରିଥିଲେ ।

### ନିପନ୍ ପେଣ୍ଟସ୍, ପଞ୍ଜାବ କିଙ୍ଗ୍ସ ସହଭାଗୀ

ଭୁବନେଶ୍ୱର, (ସବ୍ୟୁ) : ଏସିଆ ପ୍ରଶାନ୍ତ ମହାସାଗରର ନମ୍ବର ୧ ରଙ୍ଗ ଏବଂ କୋଟିଂ ନିର୍ମାତା ନିପସିଆ ଗ୍ରୁପର ଏକ ଅଂଶ ନିପନ୍ ପେଏଣ୍ଟ ଇଣ୍ଡିଆ ଆଜି ଆଇପିଏଲ୍ ୨୦୨୬ ପାଇଁ ଫ୍ରାଂଚାଇଜ୍ ର ଅଫିସିଆଲ୍ ପାର୍ଟନର ଭାବରେ ପଞ୍ଜାବ କିଙ୍ଗ୍ସ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗୀତା ଘୋଷଣା କରିଛି । ଟୁର୍ଣ୍ଣାମେଟ୍‌ର ପ୍ରତ୍ୟେକ ମ୍ୟାଚରେ ନିପନ୍ ପେଏଣ୍ଟ ଲୋଗୋ ପଞ୍ଜାବ କିଙ୍ଗ୍ସ ଜର୍ସିର ଡାହାଣ ହାତରେ ପ୍ରଦର୍ଶିତ ହେବ - ବ୍ରାଣ୍ଡକୁ ପୃଥିବୀର ସବୁଠାରୁ ବୃହତ୍, ସବୁଠାରୁ ବ୍ୟସ୍ତ କ୍ରୀଡା ଦର୍ଶକଙ୍କ ସାମ୍ନାରେ ରଖିବ । ନିପନ୍ ପେଏଣ୍ଟ (ଇଣ୍ଡିଆ) ଗ୍ରୁପ୍ ର ପରିଚାଳନା ନିର୍ଦ୍ଦେଶକ ଶରଦ ମଲହୋତ୍ରା ଏକ ଆନୁଷ୍ଠାନିକ ଉନ୍ମୋଚନ କାର୍ଯ୍ୟକ୍ରମରେ ଏହି ସହଭାଗୀତା ଘୋଷଣା କରିଥିଲେ । ମାର୍କ ଟାଇଟସ୍, ସଭାପତି - ଡେକୋରେଟିଭ୍ କୋଟିଙ୍ଗସ୍ ବିଜନେସ୍, ନିପନ୍ ପେଏଣ୍ଟ ଇଣ୍ଡିଆ; ଭାରତ ଓ ପଞ୍ଜାବ କିଙ୍ଗ୍ସ କ୍ରିକେଟର ତଥା ଆଇପିଏଲର ସର୍ବକାଳୀନ ସର୍ବାଧିକ ୱିକେଟ୍ ଟେକର୍ ଯୁଜବେନ୍ଦ୍ର ଚହଲ ଏବଂ ପଞ୍ଜାବ କିଙ୍ଗ୍ସ କ୍ରିକେଟର ତଥା ଫର୍ମାଟର ଅନ୍ୟତମ ନିର୍ଭରଯୋଗ୍ୟ ଫିନିସର୍ ଶଶାଙ୍କ ସିଂଙ୍କ ଉପସ୍ଥିତିରେ ପଞ୍ଜାବ କିଙ୍ଗ୍ସର ସିଇଓ ଶ୍ରୀ ସତୀଶ ମେନନ୍ ଉପସ୍ଥିତ ଥିଲେ ।

# ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ

ଭୁବନେଶ୍ୱର (ସବ୍ୟୁ): ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ମାଲକାନାଗିରିର ଗାନ୍ଧୀ ସହିଦ୍ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ବରପୁତ୍ର




ମାନଙ୍କର ତ୍ୟାଗ ଓ ବଳିଦାନ ବିଷୟରେ ପିଲାମାନେ ଶିକ୍ଷା ଗ୍ରହଣ କରି ନିଜେ କିପରି ଭଲ ମଣିଷ ହୋଇପାରିବେ ଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ। ସଂସ୍କୃତି ବିଭାଗର ପୂର୍ବତନ ଅଧିକାରୀ ଲକ୍ଷ୍ମୀଧର ବେହେରା ଓ ରମେଶ ଚନ୍ଦ୍ର ପାତାଳସିଂହ ପ୍ରମୁଖ ବିପ୍ଳବୀ ଲକ୍ଷ୍ମଣ ନାୟକଙ୍କ ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ଯୁଗ୍ମ-ସମ୍ପାଦକ ଶିଧାର୍ଥ ଶଙ୍କର ଗଡନାୟକ, କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟା ବାସନ୍ତୀ ତ୍ରିପାଠୀ, ଶଶି ଭୂଷଣ ଦାସ, ଧରଣୀଧର ରାଉତ, ରାମ ଚନ୍ଦ୍ର ସାମଲ, ବିଶ୍ୱଜିତ ମହାନ୍ତି, ପ୍ରଫେସର ରଙ୍ଗାଧର ସାହୁ ଓ ରତ୍ନାକର ଜେନା ଆଦି ଭାଗନେଇ ବରପୁତ୍ରଙ୍କୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅପ୍ରେଲ ୬ ରୁ ୧୨ ଯାଏଁ ବହୁ ପ୍ରତିକ୍ଷିତ ସିଲ୍କି ସିଟି ମହୋତ୍ସବ

# ସୁଭଦ୍ରା ଶକ୍ତି ଓ ଆତ୍ମନିର୍ଭର ସ୍ୱଦେଶୀ ମେଳାକୁ ସଫଳ କରିବା ପାଇଁ ସହଯୋଗ ଲୋଡ଼ିଲେ ବିଧାୟକ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହରସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିସରରେ ଅପ୍ରେଲ ୬ ରୁ ୧୨ ଯାଏଁ ବହୁ ପ୍ରତିକ୍ଷିତ ସିଲ୍କ ସିଟି ମହୋତ୍ସବ ଅନୁଷ୍ଠିତ ହେବ । ଏ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ଅଧ୍ୟକ୍ଷତା ଏବଂ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳାଇଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି ।



ମହୋତ୍ସବକୁ କିପରି ସରସ ଓ ସୁନ୍ଦର କରାଯାଇପାରିବ ସେନେଇ ସମସ୍ତ କାର୍ଯ୍ୟକୁ ସଠିକ ଢଙ୍ଗରେ କରିବା ପାଇଁ ବିଧାୟକ ଶ୍ରୀ କୁମାର ପରାମର୍ଶ ଦେଇଛନ୍ତି । ସେହିପରି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅର୍ନ୍ତବିଭାଗୀୟ ସମନ୍ୱୟ ଓ ସହଭାଗିତା ଉପରେ ଗୁରୁତ୍ୱାରୋପ କରିବା ସହ ସମସ୍ତ ପ୍ରାକ୍ ପ୍ରସ୍ତୁତିକୁ ୩ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି । ବୈଠକରେ ପଲ୍ଲିଶ୍ରୀ ମେଳା, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଦର୍ଶନୀ, ଫୁଡ୍ କୋର୍ଟ, କୃଷି ଯନ୍ତ୍ରପାତି ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ କ୍ରୀଡା ଓ ଫନ୍ ଗେମ୍, ସ୍ୱଦେଶୀ ଖାଦ୍ୟ ପ୍ରତିଯୋଗିତା, ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ, ପରିମଳ, ଅଗ୍ନି ନିର୍ବାପଣ ବ୍ୟବସ୍ଥା, ପାନୀୟ ଜଳ, ଅର୍ଥ, ପ୍ରଚାର ପ୍ରସାର, ପଲିଥିନ ବ୍ୟବହାର ନିଷେଧ, ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କାର ପ୍ରଦାନ ଆଦି ସମସ୍ତ ବିଷୟରେ ଆଲୋଚନା ହୋଇଥିଲା ।

ବୈଠକରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶ୍ରବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ଆକବରମ ସସ୍ୟ ରେଡ୍ଡୀ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶିମିଳିପାଳରୁ ଏଆଇ କ୍ୟାମେରା ଦ୍ୱାରା ପୁଣି ଜଣେ ଶିକାରୀ ଗିରଫ

# ଦେଶୀ ବନ୍ଧୁକ ସହ ବିସ୍ଫୋରକ ଜବତ

ବାରିପଦା, (ସବ୍ୟୁ) : ପୁଣି ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟରୁ ଏଆଇ କ୍ୟାମେରାରେ କଏଦ ଫଟୋଚିତ୍ରକୁ ନେଇ ବନବିଭାଗ ଚଢ଼ାଉ କରି ଜଣେ ଶିକାରୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅନ୍ତର୍ଗତ ଜେ.ଏସ.ଜାମଡିହା ଗ୍ରାମର ଦଶରଥ ସିଂ (୫୦) । ତାଙ୍କ ନିକଟରୁ ଗୋଟିଏ ହାତତିଆରି ଦେଶୀ ବନ୍ଧୁକ, ୧୫୫ ଗ୍ରାମ କଳା ବିସ୍ଫୋରକ, ୨୫ ଗ୍ରାମ ଧଳା ବିସ୍ଫୋରକ, ସାଇକେଲ ବଲ, ପିନ୍ ଓ ମାଚିସ ବକ୍ସ ପରି ଶିକାର ପାଇଁ ବ୍ୟବହୃତ ଅନେକ ସାମଗ୍ରୀ ଜବତ କରିଛି । ଅଭିଯୁକ୍ତଙ୍କ ବିରୋଧରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତି ପ୍ରାୟ ୧ଟା ୩୫ମିନିଟ ସମୟରେ ଜଙ୍ଗଲ ମଧ୍ୟରେ ଲାଗିଥିବା ଏଆଇ କ୍ୟାମେରାରୁ ଏକ ଫଟୋ ଆଲର୍ଟ ବନ ବିଭାଗକୁ ମିଳିଥିଲା । ଏହି ସୂଚନା ପାଇବା ମାତ୍ରେ ପୋଡ଼ାଡିହା ରେଞ୍ଜର ଏକ ସ୍ୱତନ୍ତ୍ର ଟିମ୍ ଜଙ୍ଗଲ ମଧ୍ୟରେ ଅତର୍କିତ ଚଢ଼ାଉ କରିଥିଲେ। ବନ କର୍ମଚାରୀମାନେ ଜଙ୍ଗଲରେ ଛପି ରହିଥିବାବେଳେ ଜଣେ ବ୍ୟକ୍ତି ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ । ମାତ୍ର ଚତୁରତାର ସହ ବନବିଭାଗ ଟିମ୍ ତାଙ୍କୁ କାବୁ କରିବାରେ ସଫଳ ହୋଇଥିଲେ । ଏହି ଶିକାରୀ ଦଳରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି, ସେନେଇ ବନ ବିଭାଗ ଅଧିକ ତଦନ୍ତ ଜାରି ରଖିଥିବା ନେଇ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି ।

# ରେଳ ଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର, (ସବ୍ୟୁ): ସରକାରୀ ରେଳବାଇ ପୋଲିସ(ଜିଆରପି) ଥାନା ଅନ୍ତର୍ଗତ ରମ୍ଭା ଷ୍ଟେସନ ରେଳଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି । ସେ ହେଲେ ପୁରୁଷୋତ୍ତମପୁର ଚଙ୍ଗୁଡିଘାଇର ପିତାମ୍ବର ବେହେରା(୫୧) । ପୋଲିସ ତାଙ୍କ ମୃତଦେହ ଜବତ କରି ୧୮/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ସୋମବାର ତାଙ୍କର ମୃତଦେହ ବ୍ରହ୍ମପୁର ବଡମେଡିକାଲରେ ବ୍ୟବଛେଦ କରାଜିବ ବୋଲି ପୋଲିସ କହିଛି । ସୂଚନାପ୍ରକାରେ, ପିତାମ୍ବର ସୁରତ ଯିବେ ବୋଲି କହି ସେ ଘରୁ ଆସିଥିଲେ । ରବିବାର ମଧ୍ୟାନ ବେଳେ ରମ୍ଭା ରେଳ ଷ୍ଟେସନରେ ସେ ବସିଥିଲେ । ସେହି ସମୟରେ ବିଶାଖାପାଟାଣା ଇଣ୍ଟରସିଟି ଏକ୍ସପ୍ରେସ ରମ୍ଭା ଷ୍ଟେସନରେ ଅଟକିଥିଲା । ହେଲେ ଟ୍ରେନଟି ଛାଡିବା ବେଳେ ପିତାମ୍ବର ହଠାତ ଟ୍ରେନ ସମ୍ମୁଖକୁ ଆସି ଯାଇଥିଲେ । ତାଙ୍କ ଉପରେ ଟ୍ରେନ ମାଡିଯିବା ପରେ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଥିଲା । ଖବରପାଇ ବ୍ରହ୍ମପୁର ଜିଆରପି ଥାନା ଅଧିକାରୀ ପହଞ୍ଚି ତଦନ୍ତ କରିଥିଲେ । ତାଙ୍କ ନିକଟରୁ ମିଳିଥିବା ମୋବାଇଲ ଜରିଆରେ ପରିବାର ଲୋକଙ୍କୁ ସୂଚନା ଦେଇଥିଲା । ପିତାମ୍ବରଙ୍କ ପୁଅ ବିକାଶ ପହଞ୍ଚି ବାପାଙ୍କ ମୃତଦେହ ଚିହ୍ନଟ କରିଥିଲେ ।

## ବସରେ ଆସୁଥିବା ଯାତ୍ରୀଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

ବୁଗୁଡା, (ସବ୍ୟୁ) : ଭୁବନେଶ୍ୱରରୁ ଭାୟା ବୁଗୁଡା ଦେଇ ବଡଗଡକୁ ଯାଉଥିବା ଚକାଡ଼ୋଳା ନାମକ ଏକ ଯାତ୍ରୀବାହୀ ବସରେ ଆସୁଥିବା ଜନୈକ ଯାତ୍ରୀ ବାଟରେ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତକ ଜଣକ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଅଢେଇ ବରଗାଁର ରବିନ୍ଦ୍ର ଦଳେଇ(୬୫) । ଏନେଇ ପୋଲିସ କେସ୍ ନଂ ୧୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଆଜି ରବିନ୍ଦ୍ର ଭୁବନେଶ୍ୱରରୁ ଚକାଡୋଳା ବସରେ ତାଙ୍କର ଗାଁକୁ ଫେରୁଥିଲେ । ବୁଗୁଡା ନିକଟସ୍ଥ ବି.କରଡ଼ାବାଡ଼ି ଗାଁରେ ରବିନ୍ଦ୍ରଙ୍କ ପାଖ ସିଟରେ ବସିଥିବା ଲୋକ ଜଣକ ତାଙ୍କୁ କହିକରି ଓହ୍ଲାଇବା ବେଳେ ସେ ଶୁଣିନଥିଲେ । ଏହାର କିଛି ସମୟ ପରେ ସେ ଠିକ୍ ଭାବେ ନବସି ଢଳି ପଡୁଥିଲେ । ତେବେ ବୁଗୁଡା ମେଡିକାଲ ଛକରେ ଗାଡି ରଖି ତାଙ୍କୁ ମେଡିକାଲକୁ ଅଣାଯାଇଥିଲା । ସେଠାରେ ଡ଼ାକ୍ତର ପରୀକ୍ଷା ନିରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ । ଏଖବର ପାଇ ମେଡିକାଲରେ ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦର ବ୍ୟବସ୍ଥା କରିଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ଜଣାଯାଇଛି ।

# ଗାଧୋଇବା ସମୟରେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ, ଜଣେ ଗିରଫ

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ଥାନା ଅନ୍ତର୍ଗତ ଡିହପଡାଳ ନିକଟସ୍ଥ ବଡ଼ନଦୀରେ ଗାଧୋଉଥିବା ସମୟରେ ଜଣେ କଲେଜ ଛାତ୍ରଙ୍କୁ ଆକ୍ରମଣ ହୋଇଛି । ରବିବାର ପୂର୍ବାହ୍ନରେ ଏଭଳି ମରଣାତ୍ମକ ଆକ୍ରମଣ ହୋଇଥିଲା । ଆହତ ଛାତ୍ର ଜଣକ ହେଲେ ନୂଆଗାଁର ଅଶୋକ ନାଇକ । ପୋଲିସ ଏହି ମାମଲାରେ ଆକ୍ରମଣକାରୀ ମନା ବରାଳକୁ ଗିରଫ କରି କେଟଚାଲାଣ କରାଯାଇଥିଲା ଥାନା ଅଧିକାରୀ ଜୀବନ ନନ୍ଦ ଜେନା କହିଛନ୍ତି । ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା ପୋଲିସ ପ୍ରକାଶ କରିଛି ।

ଘଟଣା ପ୍ରକାରେ, ଅଶୋକ ବଡନଦୀକୁ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ ଡିହପଡ଼ାଳ ଗ୍ରାମର ଜଣେ ଯୁବକ ଆସି, ହଠାତ କିଛି ଯୁକ୍ତିତର୍କ କରିବା ପରେ ଅଶୋକଙ୍କ ବାମ ହାତକୁ ଖଣ୍ଡାରେ ହାଣି ଦେଇଥିଲା । ଗୁରୁତର ଅବସ୍ଥାରେ ଅଶୋକକୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣାକୁ ଭଞ୍ଜନଗର ଥାନା କେସ ନଂ ୨୭୨ /୨୬ ମାମଲା ରୁଜୁ ହେଇଥିବା ଥାନା ଅଧିକାରୀ ଶ୍ରୀ ଜେନା ସୁଚନା ଦେଇଛନ୍ତି ।



## ପରିବହନ ବିଭାଗ ପକ୍ଷରୁ ମୋଟର କର୍ମଚାରୀଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର

ବୁଗୁଡ଼ା, (ସବ୍ୟୁ) : ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ବୁଗୁଡ଼ା ବଳଦେବ ସ୍ୱାମୀ ଘରୋଇ ବସ୍ ମାଲିକ ସଂଘ ସହଯୋଗରେ ବୁଗୁଡ଼ା ସଂଘ କାର୍ଯ୍ୟାଳୟଠାରେ ମୋଟର କର୍ମଚାରୀଙ୍କ ପାଇଁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ବୁଗୁଡ଼ା ମେଡିକାଲର ଚକ୍ଷୁ ସହାୟିକା ଶୁଭଶ୍ରୀ ପାଳ ଯୋଗଦେଇ ବସ, ଟ୍ୟାକ୍ସି, ଅଟୋ ଆଦିର ଡ୍ରାଇଭରଙ୍କ ସମେତ ମୋଟର କର୍ମଚାରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏମଭିଆଇ କିଶୋର କୁମାର ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ବୁଗୁଡ଼ା ଘରୋଇ ବସ୍ ମାଲିକ ସଂଘ ସଭାପତି ହର ପ୍ରସାଦ ଦାଶ, ସମ୍ପାଦକ ଦୀପକ କୁମାର ଦାଶ, ହାଡୁ ବନ୍ଧୁ ସ୍ୱାଇଁ, ବିଦେଶୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଙ୍ଘ, ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ

ବୁଗୁଡା, (ସବ୍ୟୁ) : ଗତ ୧୩ ଡିସେମ୍ବର ୨୦୨୫ରେ ଅନୁଷ୍ଠିତ ଗଞ୍ଜାମ ଜିଲ୍ଲା ଜବାହର ନବୋଦୟ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷାର ଫଳ ପ୍ରକାଶ ପାଇଛି । ଏଥିରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବୁଗୁଡା ସହରାଞ୍ଚଳ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ର ଅମିତ କୁମାର ସାହୁ ଏବଂ ଗୋଲିଆ ଗ୍ରାମାଞ୍ଚଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଅଶ୍ୱିନୀ କୁମାର ବେହେରା ସଫଳତା ହାସଲ କରିଛନ୍ତି । ଉକ୍ତ ପ୍ରବେଶିକା ପରୀକ୍ଷାରେ ଅମିତ ୯୫% ମାର୍କ ହାସଲ କରି ରାଙ୍କ-୬ରେ ରହିଥିବା ବେଳେ ଅଶ୍ୱିନୀ ୮୮.୭୫% ମାର୍କ ହାସଲ କରି ରାଙ୍କ-୭୧ରେ ରହିଛନ୍ତି । ଏହି ସଫଳତା ହାସଲ ପରେ ଉଭୟ ଅମିତ ଓ ଅଶ୍ୱିନୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିବା ଜଣାଯାଇଛି ।

## ଗଞ୍ଜାମ ଜିଲ୍ଲା ବିଜୁପଟ୍ଟନାୟକ ସିନିଅର ସିଟିଜେନ୍ସ ଫୋରମ ର ନୂତନ କର୍ମକର୍ତ୍ତା



ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ସନ୍ତୋଷୀ ମା କଲ୍ୟାଣ ମଣ୍ଡପ ଠାରେ ଗଞ୍ଜାମ ଜିଲ୍ଲା ବିଜୁପଟ୍ଟନାୟକ ସିନିଅର ସିଟିଜେନ୍ସ ଫୋରମ ରସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଏକ ତ୍ରୟ ବାର୍ଷିକ ନିର୍ବାଚନ ଆସନ୍ତା ୩ବର୍ଷ ୨୦୨୬-୨୦୨୯ ନିମନ୍ତେ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ଅଧିକାରୀ ଭାବେ କାହ୍ନୁ ଚରଣ ପଣ୍ଡା, ବସନ୍ତ କୁମାର ପାତ୍ର ପରିଚାଳନା କରିଥିଲେ ।

ସଭାପତି ଭାବେ ସୂର୍ଯ୍ୟକାନ୍ତ ପାତ୍ର, କାର୍ଯ୍ୟକାରୀ ସଭାପତି ଡ. ଇନ୍ଦୁ ଭୂଷଣ ପଟନାୟକ, ଉପସଭାପତି ଏସ ମହେଶ୍ୱର ପୃଷ୍ଟି, ସାଧାରଣ ସମ୍ପାଦକ ସିମାଞ୍ଚଳ ପ୍ରସାଦ ବିଷୋୟୀ, ସମ୍ପାଦକ ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ସମ୍ପାଦକ ମନମୋହନ ପରିଚ୍ଛା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାରଣା, ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, କୋଷାଧକ୍ଷ ଶରତ ଚନ୍ଦ୍ର ପାତ୍ର, ସମୀକ୍ଷକ ସୁରେନ୍ଦ୍ର ମହାପାତ୍ର ଅଭିଯୋଗ ପ୍ରକୋଷ୍ଠ ଅଧକ୍ଷ ବି ପ୍ରସନ୍ନ କୁମାର ପୃଷ୍ଟି ରହିଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ପ୍ରଫେସର ଜୟନ୍ତ କୁମାର ମହାପାତ୍ର, କାହ୍ନୁଚରଣ ପଣ୍ଡା, କାଶୀ ବିଶ୍ୱନାଥ ଚୌଧୁରୀ ମନୋନୀତ ହୋଇଥିଲେ । କାର୍ଯ୍ୟକାରିଣୀ ସଦସ୍ୟ ଡି. ଆପ୍ପା ରାଓ ସଚଳା କୁମାରୀ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ମହାରଣା, ରାଧାକୃଷ୍ଣ ମହାରଣା, ଭାସ୍କର ବେହେରା, ହେରାଲଡ଼ ଥୋମାସ ଡେଭିଡ, ଏମ ଏସଏ ମଲ୍ଲିକ, ସୁରେନ୍ଦ୍ର ଚୌଧୁରୀ, ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ରବୀନ୍ଦ୍ର ନାଥ ରଥ, ସନ୍ତୋଷ କୁମାର ସାହୁ, ସିମାଞ୍ଚଳ ରଥ, ଏ ସୁବାସ ଚନ୍ଦ୍ର ନାୟକ, ରାଜେନ୍ଦ୍ର କୁମାର ଚାରଲେସ, ନାରସୁ ଜେନା, ରବୀନ୍ଦ୍ର ପଟନାୟକ ଜେ ସୁଦର୍ଶନ ରାଓ ,ଏମ. ସତ୍ୟ ନାରାୟଣ ପାତ୍ର, ଦେବରାଜ କୋଠିଆ ମନୋନୀତ ହେଲେ ।

# ଅବସରପ୍ରାପ୍ତ କର୍ମଚାରୀ ମହାସଙ୍ଘର ବାର୍ଷିକ ଉତ୍ସବ

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଙ୍ଘ, ଗଂଜାମ ଜିଲ୍ଲା ଶାଖାର ୫ମ୍ ବାର୍ଷିକ ଉତ୍ସବ ସ୍ଥାନୀୟ ଗଂଜାମ କଳାପରିଷଦ ଠାରେ ସଭାପତି ଡି.ମୋହନ ରାଓ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଂଗଠନର ମହାସଚିବ ଗୋକୁଳାନନ୍ଦ ବେହେରା, କାର୍ଯ୍ୟକାରୀ ଅଧକ୍ଷ ନିର୍ମଳ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ପଞ୍ଚାନନ ଜେନା ଯୋଗ ଦେଇଥିଲେ । ସମ୍ପାଦକ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ । ସମ୍ପାଦକୀୟ ବିବରଣୀ ଉପରେ ରାଜ୍ୟ ସଂଘର ଉପଦେଷ୍ଟା କେ.ନନ୍ଦେଶୁ ସେନାପତି, ଉପ ସଭାପତି ଏନ.ସତ୍ୟନାରାୟଣ ଗୁପ୍ତା, ଜିଲ୍ଲା ଉପଦେଷ୍ଟା ସହସ୍ରନାମ ପାଠୀ, କେ.କୃଷ୍ଣ ମୂର୍ତ୍ତୀ, ବି. ଧର୍ମାରାଓ, ଅଭିମନ୍ୟୁ ସେଠୀ, ଶଶାଙ୍କ ପ୍ରଧାନ, ଓଷ୍ଟା ସଂଗଠନର ବିଜୟ କୁମାର ବେହେରା ଯୋଗ ଦେଇଥିଲେ । ଏହା ସଂପୂର୍ଣ୍ଣ ଭାବେ ପେନସନର ମାନଙ୍କୁ ବିଭକ୍ତ କରି ଓ ପେନ୍ସନକୁ ସୀମିତ କରିବା ଓ ଦରମା ସମୀକରଣରେ ପୂର୍ବପରି ପାଉଥିବା ସୁବିଧାକୁ କ୍ଷୁର୍ଣ୍ଣ କରିବା ପାଇଁ ପ୍ରାୟୋଜିତ । ଏହାକୁ ପ୍ରତ୍ୟାହାର ପାଇଁ ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ଏହି ସଂଗଠନ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିବା ଜଣାଇଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ବହୁବାର ୯ ଦଫା ଦାବିନେଇ ମିଶିଛନ୍ତି କିନ୍ତୁ ଆଶ୍ୱାସନା ବ୍ୟତୀତ ଅନ୍ୟକିଛି ମିଳିନାହିଁ । ସେହିପରି କେନ୍ଦ୍ର ସରକାର ଜାନୁଆରୀ ପହିଲାରୁ ଦେବାକୁ ଥିବା ମହଙ୍ଗା ଭତ୍ତା ଆଜିଯାଏ ଘୋଷଣା କରିନାହାନ୍ତି । ଅଖିଳ ଭାରତ ରାଜ୍ୟ ସରକାରୀ ପେନସନର ମହାସଂଘ ଡ଼ାକରାରେ ସର୍ବଭାରତ ସ୍ତରରେ ଭାରତର ୮୦୦ ବ୍ଲକରେ ଓ ଜିଲ୍ଲା ସଦର ମହକୁମାରେ ପ୍ରତିବାଦ ଦିବସ ପାଳନ କରିବାକୁ ସ୍ଥିର କରାଯାଇଛି । ରାଜ୍ୟ ପେନସନର ମାନଙ୍କ ନ୍ୟାୟୋଚିତ ଦାବୀ ଚିକିତ୍ସା ଭତ୍ତା ସମେତ ୯ ଦଫା ଦାବୀ ପୂର୍ଣ ପାଇଁ ଭୁବନେଶ୍ୱର ଠାରେ ମେ ମାସ ତା ୧୩ ତାରିଖ ଠାରୁ ୧୫ ତାରିଖ ତିନି ଦିନ ବ୍ୟାପୀ ପେନସନ୍‌ର ମାନଙ୍କ ଧାରଣ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର କରାଯାଇଛି । ଏଥିରେ ଗଞ୍ଜାମରୁ ଚାରିଶହ ପେନସନର ଯୋଗ ଦେବାପାଇଁ ଅନୁରୋଧ କରିଥିଲେ । ଅନ୍ୟତମ ବକ୍ତା ପଞ୍ଚାନନ ଜେନା ବର୍ତମାନର କାର୍ଯ୍ୟକରିବା ସମୟ ସାମ୍ରାଜ୍ୟ ବାଦୀଙ୍କ ଚକ୍ରାନ୍ତ ଫଳରେ ୮ ଘଣ୍ଟା ବଦଳରେ ୧୨ ଘଣ୍ଟା କାମ କରିବାକୁ ପଡୁଥିବା ଜଣାଇଥିଲେ । ଶେଷରେ ଯୁଗ୍ମସମ୍ପାଦକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଶ୍ରୀ ହରି ଫାଉଣ୍ଡେସନ ପକ୍ଷରୁ ଦହିପଣା ବଣ୍ଟନ




କଟକ, (ସ୍ୱପ୍ର) : ଶ୍ରୀ ହରି ଫାଉଣ୍ଡେସନ ତରଫରୁ ଚହଟା ଶିବ ମନ୍ଦିର ପାଖରେ ଦହି ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଅତିଥି ଭାବେ ମେୟର ସୁବାଷ ସିଂହ, ବିଧାୟିକା ସୋଫିଆ ଫିର୍ଦୋସ, ବାଙ୍କୀ ବିଧାୟକ ଦେବିରଞ୍ଜନ ତ୍ରିପାଠୀ, ଏସିପି ଅନନ୍ୟା ଅବସ୍ତି, ବିଡ଼ାନାସୀ ଆଇଆଇସି ଅସିତ କୁମାର ବଳବନ୍ତରାୟ, ନମିତା ବେହେରା, ଅଜୟ ସେନାପତି, ସମାଜସେବୀ ଅଭିମନ୍ୟୁ ଦାସ, ମୋନାଲିସା ସ୍ୱାଇଁ, ଅସୀମ ଅମିତାଭ ଦାସ, ଦେବେନ୍ଦ୍ର ସାହୁ, କ୍ଷୀରୋଦ ସାହୁ, ସାସୋତ କୁମାର, ପ୍ରମୋଦ ପଟ୍ଟନାୟକ, ଗୀତା ବେହେରା, ମମତା ଦାଶ, ଗୋପାଳ ମିଶ୍ର, ଶିବେନ୍ଦ୍ର ବେହେରାଙ୍କ ସମେତ ସଙ୍ଗଠନର ସମସ୍ତେ ସଦସ୍ୟ ସଦସ୍ୟା, ଉପଦେଷ୍ଟା ମଣ୍ଡଳୀ ଉପସ୍ଥିତ ଥିଲେ । ଦହିପଣା ରାମ ନବମୀ ଠାରୁ ଆରମ୍ଭ ହୋଇ ୩ ମାସ ପର୍ଯ୍ୟନ୍ତ ଚାଲିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ମିଳିଛି ।

## ରାଜ୍ୟସ୍ତରରେ ସମ୍ମାନିତ ହେଲା ବାରିପଦାର ରେଡ୍ ଗ୍ରୀନ ଫାଉଣ୍ଡେସନ

ବାରିପଦା, (ସବ୍ୟୁ) : କଟକ ସ୍ଥିତ ଜୟ ଜଗନ୍ନାଥ ବ୍ଲଡ଼ ଡୋନେସନ ଗ୍ରୁପର ୩ୟ ବାର୍ଷିକ ଉତ୍ସବ ପାଳନ ଅବସରରେ ବାରିପଦାର ଅନ୍ୟତମ ସେବା ସଂସ୍ଥା ରେଡ୍ ଗ୍ରୀନ ଫାଉଣ୍ଡେସନକୁ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ସଂସ୍ଥା ତରଫରୁ ପରିଚାଳନା ଅଧ୍ୟକ୍ଷ ଅରବିନ୍ଦ ମୁଖି ଏହି ସମ୍ମାନ ଗ୍ରହଣ କରିଛନ୍ତି ।

ପ୍ରକାଶଥାଉକି ଏହି ସଂସ୍ଥାର ସଦସ୍ୟମାନେ ବର୍ଷତମାମ ରକ୍ତଦାନ କରିବା ସହ ରକ୍ତଦାନ ଶିବିର ଆୟୋଜନ କରି ଅନେକ ରୋଗୀଙ୍କ ଜୀବନ ବଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ବୋଲି ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ଡଃ ସୌମ୍ୟ ରଞ୍ଜନ ନାୟକ ପ୍ରକାଶ କରିଛନ୍ତି। ତତ୍‌ସହିତ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ତଥା ଗରିବଦୁଖୀଙ୍କୁ ଖାଦ୍ୟ ଯୋଗାଇଦେବା କାର୍ଯ୍ୟକ୍ରମ ବେଶ ଉଲ୍ଲେଖନୀୟ ଓ ଏହି ସମ୍ମାନ ପାଇବାପରେ ସଦସ୍ୟଗଣ ବେଶ ଆନନ୍ଦିତ ଅଛନ୍ତି ଏବଂ ଭବିଷ୍ୟତରେ ସେମାନେ ଅଧିକ ଉତ୍ସାହର ସହ କାର୍ଯ୍ୟ କରିପାରିବେ ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ଚିତ୍ତରଞ୍ଜନ ସ୍ୱାଇଁ ପ୍ରକାଶ କରିଛନ୍ତି। ଖବର ପାଇ ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ଡଃ ଅକ୍ଷୟ କୁମାର ମହାନ୍ତି, ଭରତ ଚନ୍ଦ୍ର ପାତ୍ର ଓ ଦିଲ୍ଲୀପ କୁମାର ତୁଙ୍ଗ ସମେତ ବହୁ ସେବା ଅନୁଷ୍ଠାନ ରେଡ ଗ୍ରୀନ ଫାଉଣ୍ଡେସନକୁ ଅଭିନନ୍ଦନ ଜଣାଇଛନ୍ତି ।




## ବୀର ସଂଗ୍ରାମୀ ଲକ୍ଷ୍ମଣ ନାଏକଙ୍କ ୮୪ ତମ ଶହୀଦ ଦିବସ



ବ୍ରହ୍ମପୁର, (ସବ୍ୟୁ): ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଜନଜାତି ସାହସ ଓ ସ୍ୱାଭିମାନର ଅନନ୍ୟ ଓ ଅନବଦ୍ୟ ପ୍ରତୀକ ବୀର ଶହୀଦ ଲକ୍ଷ୍ମଣ ନାଏକଙ୍କ ୮୪ ତମ ଶହୀଦ ଦିବସ ଆଜି ସ୍ଥାନୀୟ ମଣ୍ଡଳ କାରାଗାର ମଧ୍ୟରେ ଓ ବାହାରେ ଥିବା ପ୍ରତିମୂର୍ତ୍ତି ଓ ପଟ୍ଟଚିତ୍ରରେ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ ପୂର୍ବକ ପାଳନ କରାଯାଇଛି ।

ଭାରତ ସ୍ୱାଧୀନତା ସଂଗ୍ରାମରେ ଆତ୍ମୋତ୍ସର୍ଗ ଦେଇ ଯେଉଁ ବୀର ପୁରୁଷମାନେ ସ୍ୱାଧୀନତାର ଇତିହାସ ପୃଷ୍ଠାକୁ ରଞ୍ଜିମନ୍ତ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଲକ୍ଷ୍ମଣ ନାଏକ ଅନ୍ୟତମ । ତାଙ୍କର ସଂଗ୍ରାମମୟ ଜୀବନ ଓ ବଳିଦାନ ଓଡ଼ିଆ ଜାତି ପାଇଁ ସବୁଦିନ ସ୍ମରଣୀୟ ହୋଇ ରହିବ । ସେ ସ୍ୱାଧିନତ୍ତୋର ଦେଶମାତୃକା ପାଇଁ ଯେଉଁ ସବୁ ସ୍ୱପ୍ନ ଦେଖିଯାଇଛନ୍ତି ସେଗୁଡିକୁ ପୁରଣ କରିବା ଆମମାନଙ୍କର ଉତ୍ତରଦାୟିତ୍ୱ ବୋଲି ଅତିଥିମାନେ ପ୍ରକାଶ କରିଥିଲେ ।

ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜସେବୀ ଶୁଶାନ୍ତ ସାବତ ସଂଗଠନର ପ୍ରତିନିଧି, କାରାଗାରର ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଏହି ଅବସରରେ ଉପସ୍ଥିତ ଥିଲେ ।

# ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ବାର୍ଷିକ ସମ୍ମିଳନୀ

ବାରିପଦା, (ସବ୍ୟୁ) : ରବିବାର ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ ନିଖିଳ ଉକଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, ମୟୂରଭଞ୍ଜ ଶାଖା'ର ଜିଲ୍ଲାସ୍ତରୀୟ' ବାର୍ଷିକ ସମ୍ମିଳନୀ, ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ତଥା ସାଧାରଣ ନିର୍ବାଚନ ୨୦୨୬' ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଚିତ୍ତରଞ୍ଜନ ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଅତିଥି ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ମୁଖ୍ୟବକ୍ତା ସ୍ୱପ୍ନେଶ୍ୱର ସାହୁ, ସମ୍ମାନୀତ ଅତିଥିଭାବେ ଘଟକଝ୍୪ଝଘଝ ରାଜ୍ୟ ସଂଘ ସମ୍ପାଦକ ବିଜୟ କୁମାର ରଥ, ମୟୂରଭଞ୍ଜ ଜୋନାଲ ସମ୍ପାଦକ ପ୍ରଶାନ୍ତ କୁମାର ମଲ୍ଲିକ, ମଞ୍ଚାସୀନ ହୋଇ ନିଜସ୍ୱ ବକ୍ତବ୍ୟମାନ ରଖିଥିଲେ । ଏହି ଅବସରରେ ୩୦ଜଣ ଅବସରପ୍ରାପ୍ତ ବିଭାଗୀୟ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ମୁଖ୍ୟଅତିଥି, ମୁଖ୍ୟବକ୍ତା ଏବଂ ଅନ୍ୟ ମଞ୍ଚାସୀନ ଅତିଥିବୃନ୍ଦ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କର ଅବସର କାଳୀନ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଅତିଥିମାନେ ତାଙ୍କ ବ୍ୟକ୍ତବ୍ୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗୀୟ ଶିକ୍ଷକମାନଙ୍କର ସେବା, ନିଷ୍ଠା ଓ ତ୍ୟାଗପୂତ କର୍ମଶୈଳୀର ଭୂୟସୀ ପ୍ରଶଂସା କରିବା ସହିତ ଜନଜାତି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ । ଏତଦ୍‌ବ୍ୟତୀତ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ନିଶ୍ଚିତ କରାଯିବ ବୋଲି ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଜିଲ୍ଲାସଂଘ ସମ୍ପାଦକ ଧ୍ରୁବଚରଣ ମୁର୍ମୁ ତାଙ୍କର ବାର୍ଷିକ ବିବରଣୀ ପାଠ ପୂର୍ବକ ସଂଘର ନ୍ୟାଯ୍ୟଦାବୀ ଯଥା:- ଗ୍ରେଡେସନ୍ ଲିଷ୍ଟ ପ୍ରକାଶନ, ଠିକ୍ ସମୟରେ ପଦୋନ୍ନତି, ଶିକ୍ଷକମାନଙ୍କର ବଦଳି ପ୍ରକ୍ରିୟାରେ ସ୍ୱଚ୍ଛତା, ଆଶ୍ରମ ବିଦ୍ୟାଳୟମାନଙ୍କରେ ଟିଜିଟି ଏଚ୍‌ଏମ୍ ନିଯୁକ୍ତି ଇତ୍ୟାଦି ଦାବି ଉପସ୍ଥାପନ କରିଥିଲେ । ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଦୀପକ କୁମାର ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ ।

ଦ୍ୱିତୀୟ ଭାଗରେ ସଂଘୀୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନ ପରିଚାଳନାପାଇଁ ରାଜ୍ୟ ସଂଘର ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ନିକୁଞ୍ଜ ବିହାରୀ ରଣା, ପ୍ରଧାନ ଶିକ୍ଷକ, ଭୋଜପୁର ଉଚ୍ଚ ବିଦ୍ୟାଳୟ, ସମ୍ବଲପୁର ନିଯୁକ୍ତ ହୋଇଥିଲେ । ସଂଘର ବିଭିନ୍ନ ପଦପଦବୀପାଇଁ ମୋଟ ୧୬ଜଣ ପ୍ରତିଦ୍ୱନ୍ଦ୍ୱୀ ନିର୍ବାଚନ ମଇଦାନରେ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୩୦୬ ଶିକ୍ଷକ ଶିକ୍ଷୟିତ୍ରୀ ଭୋଟଦାନ କରିଥିଲେ । ଏଥିରେ ନିର୍ବାଚିତ ହୋଇଛନ୍ତି ସଭାପତି ଭାବେ ଡିମ୍ପଲ ଦାସ, ଉପ-ସଭାପତି ଭାବେ ସୂର୍ଯ୍ୟନାରାୟଣ ଦେବପାତ୍ର, ସାଧାରଣ ସମ୍ପାଦକ ଭାବେ ଦୀପକ କୁମାର ସେଠୀ, ଯୁଗ୍ମ ସମ୍ପାଦକ ଭାବେ ଅଶ୍ୱିନୀ କୁମାର ବେହେରା, କୋଷାଧକ୍ଷ ଭାବେ ମାନସ କୁମାର ତ୍ରିପାଠୀ, ଅଡିଟର ଭାବେ ରାକେଶ ଜେନା, ମହିଳା ପ୍ରତିନିଧି ଭାବେ ତେଜସ୍ୱିନୀ ନାୟକ, ସଂଗଠନ ସମ୍ପାଦକ ଭାବେ ରଞ୍ଜନ କୁମାର ପ୍ରଧାନ ପ୍ରମୁଖଙ୍କୁ ପୂର୍ବତନ ସଭାପତି ଚିତ୍ତରଞ୍ଜନ ପ୍ରତିହାରୀ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପଦ୍ମଲୋଚନ ଆଚାର୍ଯ୍ୟ, ଉମା ଦେ, ରଶ୍ମିତା ଜେନା, ବିଜୟ କୁମାର ନାଏକ, ପ୍ରଦୀପ କୁମାର ଭୂୟାଁ, ସୁପ୍ରଭା ବେରା, ତେଜସ୍ୱିନୀ ନାୟକ, ରଜତ କୁମାର ଦାଶ ଓ ମୌସୁମୀ ଜେନା ପ୍ରମୁଖ ସଭାକାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ ।

### ବ୍ରାହ୍ମଣୀ ନଦୀ ପଠାରୁ ବେଆଇନ ବାଲି ଚାଲାଣ
## ପ୍ରଶାସନ ଓ ବାଲି ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀପଠାରୁ ବେଆଇନ ଭାବରେ ବାଲି ଚାଲାଣ ହେଉଥିବାର ଅଭିଯୋଗ ହେଉଛି । ପ୍ରଶାସନ ଓ ବାଲିମାଫିଆଙ୍କ ମଧୁଚନ୍ଦ୍ରିକାଯୋଗୁ ଦିନ ଦ୍ୱିପ୍ରହରେ ଏହି ବାଲିଚାଲାଣ କରାଯାଉଥବାର ଦେଖିବାକୁ ମିଳିଛି । ପରଜଙ୍ଗ ତହସିଲ ଅଧୀନରେ ଥିବା ପଥର ଖଣି, ବାଲିଘାଟ, ମାଟି ଏବଂ ଭାଟି ଇତ୍ୟାଦିକୁ ମାର୍ଚ୍ଚ ଓ ଏପ୍ରିଲ ମାସ ଶେଷ ସୁଦ୍ଧା ନିଲାମ କରାଯାଇ ରାଜସ୍ୱ ଆଦାୟ କରାଯାଇଥାଏ । କିନ୍ତୁ ବର୍ତ୍ତମାନ ଏ ସବୁ ନିଲାମ ଦାୟିତ୍ୱ ତହସିଲଦାରଙ୍କ ହାତରୁ ମାଇନିଂ ଡିପାର୍ଟମେଣ୍ଟ ହାତକୁ ହସ୍ତାନ୍ତର କରାଯାଉଛି । ୨୦୨୪-୨୦୨୫ ବର୍ଷ ପାଇଁ ମାତ୍ର ସନ୍ଦା ଆରଆଇଙ୍କ ଅଧୀନରେ ଥିବା ଗୋଟିଏ ଘାଟ ନିଲାମ ହୋଇଥିବା ବେଳେ, ବ୍ରାହ୍ମଣୀ ନଦୀ କୂଳେ କୂଳେ ଥିବା ଗ୍ରାମ ମାନଙ୍କରେ ଅନେକ ବାଲି ଘାଟରୁ ଚୋରାରେ ଦିନ ଦ୍ୱିପ୍ରହରରେ ବାଲି ଚାଲାଣ ହେଉଥିବା ନଜିର ରହିଛି ।

ଏ ସମସ୍ତ ବାଲି ପରଜଙ୍ଗ ବଜାର ଦେଇ ରାତିରେ ଓ ଦିନରେ ଯାଉଥିବା ବେଳେ ମାତ୍ର ଅଳ୍ପ ଦୂରରେ ତହସିଲ କାର୍ଯ୍ୟାଳୟ ଓ ଥାନା ଇତ୍ୟାଦି ରହିଥିଲେ ମଧ୍ୟ ଏଥିପ୍ରତି କେହି ନଜର ଦେଉନାହାନ୍ତି । ଏହି ଚୋରା ବାଲି ଚାଲାଣ ଶାସକ ଦଳର କୁଜି ନେତାଙ୍କ ଦ୍ୱାରା ହେଉଥିବା ବେଳେ ତହସିଲ ଓ ମାଇନିଂ ଡିପାର୍ଟମେଣ୍ଟର ଅଖଣ୍ଡ କ୍ଷମତା ଥିଲେ ମଧ୍ୟ ବାଧ୍ୟ ହୋଇ ନିରବ ଦ୍ରଷ୍ଟା ସାଜିଛନ୍ତି । ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ ଅର୍ଥର କରାମତି ହିଁ ନ୍ୟାୟ ପାଉଛି ।

ପ୍ରାଶାସନିକ ଅଧିକାରୀମାନେ ମୋଟା ଅଙ୍କର ଅର୍ଥ ନେଇ ଜନ ସାଧାରଣଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି । ଯାହା ଫଳରେ ଚୋରା ବାଲି, ଚୋରା ଭାଟି, ପଥର ଖଦାନ କରି ମେଟାଲ ଚିଂ ଇତ୍ୟାଦି ଚାଲାଣ ହେଉଛି ।ପରଜଙ୍ଗ ତହସିଲ ଅଞ୍ଚଳରେ କମର ବାଲିଘାଟ, ଡମୋଳା ବାଲିଘାଟ, ଜଟିଆ ବାଲିଘାଟ, ଖାଲ ପାଳ ବାଲିଘାଟ, କୁଲେଇ ବାଲିଘାଟ ଓ ବାସୁଲେଇ ପ୍ରଭୃତି ବାଲିଘାଟ ରହିଅଛି । ଏହି ସମସ୍ତ ବାଲିଘାଟ ନିଲାମ ହୋଇନଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କୁ ହାତ କରି ଦିନ ଦ୍ୱିପ୍ରହରରେ ଚୋରା ଚାଲାଣ ଚାଲିଛି । ବାଲି ମାଫିଆମାନେ ଗୁଣ୍ଡାରାଜ ଚଳାଉଥିବାରୁ ସ୍ଥାନୀୟ ଜନ ସାଧାରଣ ମୁହଁ ଖୋଲିବାକୁ ସାହସ କରୁନାହାନ୍ତି ।

ଏହାର ଉଚିତ୍ ପଦକ୍ଷେପ ନେବା ପାଇଁ ଜନ ସାଧାରଣ ରାଜସ୍ୱମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି ।

### ଅନୁଗୋଳ ଓକିଲ ସଂଘ ନିର୍ବାଚନ
## ନୂତନ କର୍ମକର୍ତ୍ତାମାନଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା



ଅନୁଗୋଳ, (ସବ୍ୟୁ): ଅନୁଗୋଳ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନରେ ବିଜୟୀ ହୋଇଥିବା ନୂତନ କର୍ମକର୍ତ୍ତା ମାନଙ୍କୁ ଆଜି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ (ନିଲୁ ) ତାଙ୍କ ବାସଭବନରେ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା କରିଥିଲେ । ଓକିଲ ସଂଘର ସାମୁହିକ ବିକାଶ ପାଇଁ ସର୍ବଦା ସହଯୋଗର ହାତ ବଢ଼େଇବେ ବୋଲି କହିବା ସହିତ ସଂଘର ନବ ନିର୍ବାଚିତ ନୂତନ କର୍ମକର୍ତ୍ତା ମାନେ ଏକ ମନ ନେଇ ସଂଘର ବିଭିନ୍ନ ସମସ୍ୟାକୁ ଦୁରିଭୂତ କରି ସାମୁହିକ ବିକାଶ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

ଏହି ସମ୍ବର୍ଦ୍ଧନା ସଭାରେ ଓକିଲ ସଂଘର ନବନିର୍ବାଚିତ ଉପସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର, କୋଷାଧକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦକ ଜ୍ୟୋସ୍ନାମୟୀ ସାହୁ, ବରିଷ୍ଠ ଆଇନଜୀବୀ ସୁବାଷ ଚନ୍ଦ୍ର ମିଶ୍ର, ଓକିଲ ସଂଘର ପୂର୍ବତନ ସଭାପତି ହିମାଂଶୁ ଭୂଷଣ ସାମଲ, ସରକାରୀ ଓକିଲ ପ୍ରଦୀପ କୁମାର ଦେବତା, ସୋମନାଥ ରାଉତ, ଦିଲ୍ଲୀପ କୁମାର ଦାସ, ଅର୍ଜ୍ଜୁନ ମୁଦୁଲି, ସଞ୍ଜୟ ଦେହୁରୀ, ଶିବରାମ ଦେହୁରୀ, ପପିନ ସାହୁ, ଆଇନଜୀବୀ ତପନ ଦେହୁରୀ, ମମତା ପଟ୍ଟନାୟକ, ପାର୍ଥ ସାରଥୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ସାଧୁସନ୍ଥଙ୍କ ଗହଳିରେ ସାମ୍ବାଦିକ



ତାଳଚେର, (ସବ୍ୟୁ): ତାଳଚେର ଟାଉନ ଚାଳିଆକୂଟା (ହରିଜନପଡ଼ା) ପକ୍ଷରୁ ପବିତ୍ର ରାମନବମୀ ଅବସରରେ ଦେଶରେ ଶାନ୍ତିପ୍ରତିଷ୍ଠା ଓ ସମାଜର ଉନ୍ନତି ସହ ବିପଦ ଆପଦକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଦୁଇଦିନ ବ୍ୟାପୀ ନିରବଚ୍ଛିନ୍ନ ଭାବେ ହରିନାମ ସଂକୀର୍ତନ ସମତେ ୪ର୍ଥ ତମ ଅଖଣ୍ଡ ମହାଯଜ୍ଞ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି । ଉକ୍ତ ଗ୍ରାମବାସୀଙ୍କ ପକ୍ଷରୁ ବରିଷ୍ଠ ସାମ୍ବାଦିକ ସରୋଜ ମହାପାତ୍ରଙ୍କୁ ଅତିଥିଭାବେ ଯୋଗଦେବା ନେଇ ଅନୁରୋଧ କରାଯାଇଥିଲା । ଶ୍ରୀ ମହାପାତ୍ର ଗ୍ରାମବାସୀଙ୍କ କଥାକୁ ସମ୍ମାନ ଦେଇ ଗତ ଶୁକ୍ରବାର ସନ୍ଧ୍ୟା ୮ଟା ସମୟରେ ସେଠାରେ ପହଂଚିଥିଲେ । ଏବଂ ଯଜ୍ଞକୁଣ୍ଡରେ ଘୃତ ସମର୍ପଣ କରିବା ସହ ଭକ୍ତିର ସହ ମୁଣ୍ଡିଆ ମରି ଆଶିର୍ବାଦ ଭିକ୍ଷା କରିଥିଲେ । ଏଥିସହ ଗ୍ରାମବାସୀ ଓ ଯଜ୍ଞ କରିବାକୁ ଆସିଥିବା ଅଲେଖ ମହିମା ଗାଦିର ସାଧୁସନ୍ଥମାନଙ୍କ ସହ ବେଶ କିଛି ସମୟ ବ୍ୟାପୀ ଭାବର ଆଦାନ ପ୍ରଦାନ କରିବା ସମୟରେ ଶ୍ରୀ ମହାପାତ୍ର କହିଥିଲେ ଯେ, ଆମ ମଧ୍ୟରେ ଛୁଆଁ ଅଛୁଆଁ ଭେଦଭାବକୁ ଭୁଲିଯାଇ ଆମେ ସମସ୍ତେ ହିନ୍ଦୁ ଓ ଭାରତମାତାର ସନ୍ତାନ ବୋଲି ଭାବିବା ଉଚିତ୍ । କାଳକ୍ରମେ ଧିରେଧିରେ ଲିଭିବାକୁ ବସିଥିବା ମାନସିକତା ଓ ଆଧ୍ୟାତ୍ମିକ ଚେତନାଶୀଳକୁ ଆମେ ସମସ୍ତେ ମିଳିମିଶି ଜାଗରଣ କରିବା ନିତ୍ୟାନ୍ତ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିବା ସହ ଜନମାନସକୁ ଏହି ବାର୍ତା ପ୍ରଦାନ କରିଥିଲେ । ଏହି ମହତ୍ୱପୂର୍ଣ୍ଣ ଅଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ନଗରପାଳ ପବିତ୍ର ଭୂତିଆ ଓ ବିଭୂତି ପ୍ରଧାନ ଯୋଗଦେଇ ଆଶିର୍ବାଦ ଭିକ୍ଷା କରିଥିଲେ । ଗ୍ରାମର ଅଧାନି ନାଏକ, ବିଜୁ ନାଏକ, ଅନୁପମା ନାଏକ, ପ୍ରମୋଦ ନାଏକ, ସୁମନ୍ତ ନାଏକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ । ପରିଶେଷରେ ଶତାଧିକ ଅଂଚଳବାସୀଙ୍କୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

### ହିନ୍ଦୋଳ ଓକିଲ ସଂଘ ନିର୍ବାଚନ
## ସୁଶୀଲ ସଭାପତି ଓ ପ୍ରକାଶ ସମ୍ପାଦକ

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳବ ଉପଖଣ୍ଡର ହିନ୍ଦୋଳ ବାର ଆସୋସିଏସନର ନିର୍ବାଚନରେ ପୂର୍ବତନ ସଭାପତି ସୁଶୀଲ ଗଡନାୟକ ଓ ପୂର୍ବତନ ସମ୍ପାଦକ ପ୍ରକାଶ ନାୟକ ବିଜୟ ହୋଇଛନ୍ତି । ଆଜି ହିନ୍ଦୋଳ ବାର ଆସୋସିଏସନ ପାଇଁ ସଭାପତି ଥିବା ସୁଶୀଲ ଗଡ଼ନାୟକ ଓ ସମ୍ପାଦକ ପ୍ରକାଶ ନାୟକ ପୁନର୍ବାର ପଦବୀପାଇଁ ନିର୍ବାଚନ ଅଧିକାରୀ ନିଯୁକ୍ତ ଆଦିକନ୍ଦ ପାଳଙ୍କ ନିକଟରେ ନାମାଙ୍କନ ଭରିଥିଲେ ।

ତେବେ ସୁଶୀଲ ଗଡ଼ନାୟକ ୧୫ଟି ଭୋଟ ପାଇଥିବାବେଳେ ବିପକ୍ଷରେ ଥିବା ଦୀପ୍ତିକାନ୍ତ ପ୍ରଧାନ ମଧ୍ୟ ୧୫ଭୋଟ ପାଇବାରୁ ଧର୍ମଗୁଳା ପଡିଥିଲା ଏବଂ ଏଥିରେ ସୁଶୀଲ ଗଡ଼ନାୟକ ବିଜୟୀ ହୋଇ ସଭାପତି ଘୋଷିତ ହୋଇଥିଲେ । ସେହିପରି ସମ୍ପାଦକ ପାଇଁ ପ୍ରକାଶ ନାୟକ ୨୦ଟି ଭୋଟପାଇ ବିଜୟୀ ଘୋଷିତ ହୋଇଥିବାବେଳେ ବିପକ୍ଷରେ ୧୦ଭୋଟ ଯାଇଥିଲା । ସେହିପରି ଉପସଭାପତି ଭାବରେ ଦେବାନନ୍ଦ ପଟ୍ଟନାୟକ, ସହ-ସମ୍ପାଦକ ଭାବରେ ଦିଲୀପ ଦାସ, କୋଷାଧ୍ୟକ୍ଷ ଭାବରେ ସୁଶାନ୍ତ ମିଶ୍ର ବିନା ପ୍ରତିଦ୍ୱନ୍ଦୀତାରେ ନିର୍ବାଚିତ ହୋଇଥିଲେ । ସୁଶୀଲ ପ୍ରକାଶଙ୍କ ବିଜୟରେ ଉପଖଣ୍ଡରେ ଖୁସିର ମାହୋଲ ଦେଖା ଦେଇଥିଲା । ସବୁ ବର୍ଗରୁ ଶୁଭେଚ୍ଛା ଓ ଅଭିନନ୍ଦନ ମିଳିଥିଲା ।

ବିଜୟୀ ଘୋଷିତ ହେବା ପରେ ସଭାପତି ଓ ସମ୍ପାଦକ ଉଭୟେ ବାରର ଉନ୍ନତି ଦିଗରେ ସବୁ ପ୍ରକାର ଚେଷ୍ଟା କରିବେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

## ଏନଟିଏଲ୍ ସଂସ୍ଥା ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ

ରାସୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଜରଡ଼ା ପଞ୍ଚାୟତର ଦୁଇ ଶହ ଗରିବ ପରିବାରକୁ ଆଜି ଏନ୍‌ଟିଏଲ୍ ସଂସ୍ଥା ପକ୍ଷରୁ ଦୁଇଶହ ଗରିବ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ସଂସ୍ଥାର ମ୍ୟାନେଜର ଗ୍ରେସଙ୍କ ପରାମର୍ଶ କ୍ରମେ ଏକ ମହତ କାର୍ଯ୍ୟ କରାଯାଇ ଗରିବ ଗ୍ରାମବାସୀଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇ ଥିବାରୁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି । ଗ୍ରାମର ଦୁଷ୍ମନ୍ତ ପାଢ଼ୀ, ବିବେକାନନ୍ଦ ବରାଳ, ଆଶୁତୋଷ ପାଳ, ରୌପ୍ୟ ରଞ୍ଜନ ପାଳ, ଚନ୍ଦନ ପାଳ, ଏବଂ ରାକେଶ ପାଳ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କୁ ଏହି ଖାଦ୍ୟ ବାଣ୍ଟିଥିଲେ । ସଂସ୍ଥାର ଏହି ମହତ କାର୍ଯ୍ୟ ବିଭିନ୍ନ ସମୟରେ ସାରା ଜିଲ୍ଲାରେ ଆୟୋଜିତ ହେବ ବୋଲି ଜଣାଯାଇଛି ।

## ମାରୁତି ଯୁବ ସଂଘ ପକ୍ଷରୁ ରକ୍ତଦାନ ଓ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଆଠମଲ୍ଲିକ, (ସବ୍ୟୁ) : ସ୍ଥାନୀୟ ପିଏମଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ମାରୁତି ଯୁବ ସଂଘ ଆଠମଲ୍ଲିକ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ଥାନା ଆଇଆଇସି ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଫିତା କାଟି ଶିବିରକୁ ଉଦଘାଟନ କରିଥିଲେ । ଏହି ଶିବିରରେ ମୋଟ ୫୩ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଡାକ୍ତର କୁମାର ସୌରଭ ସବ୍ୟସାଚୀ ବେଉରା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ନର୍ସ ପ୍ରିୟ ଦର୍ଶିନୀ ସାହୁ, ବ୍ଲଡ଼ ବ୍ୟାଙ୍କ କର୍ମଚାରୀ ରବୀନ୍ଦ୍ର ନାଥ ମହାନ୍ତି, ରାକେଶ କୁମାର ଦତ୍ତ, ମୁକେଶ କୁମାର ଦେହୁରୀ, ସୁଶାନ୍ତ କୁମାର ସାହୁ, ବିନୟ କୁମାର ବିଶ୍ୱାଳ, ମନୋରଞ୍ଜନ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ ।

ଆଠମଲ୍ଲିକର ବିନୋଦ କୁମାର ସାହୁ ସହଧର୍ମିଣୀ ମୋନାଲିସା ସାହୁ ରକ୍ତଦାନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ଭାବରେ ମାରୁତି ଯୁବ ସଂଘ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା ।ଡାକ୍ତର ସାକେତ, ଟେକନିସିଆନ ପ୍ରାଣବନ୍ଧୁ, ନୀଳିମା ବାରିକ, ପ୍ରିୟଙ୍କା ଦଳ ବେହେରା ପ୍ରମୁଖ ଉପସ୍ଥିତ ରହି ଚକ୍ଷୁ ଚିକିତ୍ସା ରେ ସହଯୋଗ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ମାରୁତି ଯୁବ ସଂଘ ସଭାପତି ଶିବଶଙ୍କର ବେହେରା, ଉପସଭାପତି ପ୍ରଦୀପ ବାଘ, ସମ୍ପାଦକ ଆଶିଷ ଦାଶ, କୋଷାଧକ୍ଷ ରଞ୍ଜନ କୁମାର ସ୍ୱାଇଁ, ସହ ସମ୍ପାଦକ ପ୍ରିୟଦର୍ଶୀ ସାମଲ, ଉପଦେଷ୍ଟା ଶ୍ରୀଧର ସ୍ୱାଇଁ, ସଦସ୍ୟ ସୋମ୍ୟବ୍ରତ ରଥ, ବିନୋଦ କୁମାର ସାହୁ, ବିପିନ ନାଏକ, ଯୁବିନ ବେହେରା, ସତ୍ୟନାରାୟଣ ସାହୁ ଧୀରୋଜ ନାୟକ, ସୁନିଲ ମହାପାତ୍ର, ପ୍ରିୟବ୍ରତ ସାମଲ ସଞ୍ଜୟ କୁମାର ସାହୁ, ବିଶାଲ ରାଜ, ସୁବ୍ରତ ପାତ୍ର, ସଞ୍ଜୟ କୁମାର ସାହୁ, ଅଜିତ ଡାଙ୍ଗ, ଅରୁଣ ଜାଲଙ୍କ ସମେତ ମାରୁତି ଯୁବ ସଂଘ ଆଠମଲ୍ଲିକର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ପଣ୍ଡିତ ଦୀନଦୟାଲ ଉପଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ

ବଇଣ୍ଡା, (ସବ୍ୟୁ): ବଇଣ୍ଡା କଲ୍ୟାଣ ମଣ୍ଡପ ଠାରେ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ରବିବାର ଅନୁଷ୍ଠିତ ହୋଇଯାଇଛି ।

ଐତିହାସିକ ପୃଷ୍ଠଭୂମି ବୁଥ ପରିଚାଳନା ମନକିବାତ, ସରକାରଙ୍କ ସଫଳତା, ଛେଣ୍ଡିପଦା ଜିଲ୍ଲା ପରିଷଦ ଯଶୋବନ୍ତ ବେହେରା, ଜିଲ୍ଲା ଉପ ସଭାପତି ଚୌଧୁରୀ ପ୍ରଧାନ ନିଜର ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ସୁଦିପ ଗଡ଼ନାୟକ, ପୂର୍ବତନ ବିଧାୟକ ରମେଶ ସାଏ, ପ୍ରଭାରୀ ସରୋଜ ସାହୁ, ସଭାପତି ହେମନ୍ତ ବିଶ୍ୱାଳ, ଆଜିର ୪ଟି ସୂତ୍ରରେ ପ୍ରବୀଣ ସାହୁ, ଧ୍ରୁବ ଚରଣ ସାହୁ, ବାନାମ୍ବର ପ୍ରଧାନ, ହେମନ୍ତ ବିଶ୍ୱାଳ, ଧ୍ରୁବ ଚରଣ ସାହୁ, ସଭାପତିତ୍ୱ କରିଥିଲେ । ସମସ୍ତ ସୂତ୍ରକୁ ସଂଚାଳନ କରିଥିଲେ ରାଜେନ୍ଦ୍ର ସାହୁ, ମାନସ ରଞ୍ଜନ ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ ।

## ଶାନ୍ତିଶୃଙ୍ଖଳାରେ ସରିଲା ତାଳଚେର ଓକିଲ ସଂଘ ନିର୍ବାଚନ



ତାଳଚେର, (ସବ୍ୟୁ): ଶାନ୍ତିଶୃଙ୍ଖଳାରେ ସରିଲା ତାଳଚେର ଓକିଲସଂଘ ନିର୍ବାଚନ । ସଭାପତି ଭାବେ ଚିତରଞ୍ଜନ ରାଉତ ୧୪୪ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦି ବଙ୍ଚି ନାରାୟଣ ପ୍ରଧାନ ୧୧୪ ଖଣ୍ଡ ଭୋଟ ହାତେଇବାରେ ସକ୍ଷମ ହୋଇଥିଲେ। ସେହିପରି ଉପସଭାପତି ରବିନ୍ଦ୍ର ସାମନ୍ତ, ସାଧାରଣ ସମ୍ପାଦକ ଭାବେ ଶୈଳେନ୍ଦ୍ର ସିଂହ, ସହସମ୍ପଦକ ଭାବେ ବିଭିଷଣ ନାଏକ, କୋଷାଧକ୍ଷ ମାନସ ରାଏ, ସାଂସ୍କୃତିକ ସମ୍ପାଦକ ଜ୍ଞାନେଶ୍ୱର ସାହୁ, ଅଡ଼ିଟର ରଜେନ୍ଦ୍ର ସିଂହ, ସେମିନାର ସମ୍ପାଦକ କରୁଣାକର ନାଏକ, ତାଙ୍କ ନିକଟତମ ପ୍ରତିଦ୍ୱିନ୍ଦିକୁ ପରାସ୍ତ କରି ଚଳିତବର୍ଷ ବିଜୟୀ ହୋଇଥିବା ଓକିଲ ସଂଘ ପକ୍ଷରୁ କୁହାଯାଇଛି ।

## ୩୧ରେ ମା ହିଙ୍ଗୁଳାଙ୍କ ପାଟବରି ତଥା ନବକଳେବର ଉତ୍ସବ

ତାଳଚେର, (ସବ୍ୟୁ): ତାଳଚେରର ଆରାଧ୍ୟାଦେବୀ ଅଗ୍ନିରୂପା ମାହିଙ୍ଗୁଳାଙ୍କ ପ୍ରସିଦ୍ଧଯାତ୍ରା ଚଳିତବର୍ଷ ୩୧ ତାରିଖ ମଙ୍ଗଳବାର ଠାରୁ ଅନୁଷ୍ଠିତ ହେବାକୁ ଯାଉଛି । ଏବଂ ଚଳିତବର୍ଷ ମାଙ୍କ ମନ୍ଦିର ନିକଟର ପୂର୍ବ ଦିଗରେ ଉଭାସ୍ଥଳ ଚିହ୍ନଟ ହୋଇଛି । ତେବେ ଚଳିତବର୍ଷ ମାଙ୍କ ବିଧି ଅନୁସାରେ ତଥା ପ୍ରଚଳିତ ପଦ୍ଧତି ଅନୁଯାୟୀ ମାଙ୍କ ପାଟବରୀ ଉତ୍ସବ ଅନୁଷ୍ଠିତ ହେବ, ଯାହାକି ଏହାକୁ ନବକଳେବର ମଧ୍ୟ କୁହାଯାଏ । କାରଣ ଏହି ଉତ୍ସବ ତଥା ନବକଳେବର ଜଣେ ରାଜାଙ୍କ ଜୀବଦଶା ମଧ୍ୟରେ ଆସିଥାଏ ।

ତେବେ ପୂର୍ବ ରାଜା ସ୍ୱର୍ଗତ ରାଜା ରାଜେନ୍ଦ୍ର ଚନ୍ଦ୍ରଦେବ୍ ବୀରବର ହରିଚନ୍ଦନଙ୍କ ଗତବର୍ଷ ଦେହାନ୍ତ ହୋଇଥିଲା । ତାଙ୍କ ଅନ୍ତେଃ ଜ୍ୟେଷ୍ଠପୁତ୍ର ରାଜକୁମାର ବିଜେନ୍ଦ୍ର ଚନ୍ଦ୍ର ଦେବ୍ ୨୬ତମ ରାଜା ଭାବେ ଅଧିଷ୍ଠିତ ହେଲେ । ତେଣୁ ପରମ୍ପରା ଅନୁଯାୟୀ ଚଳିତବର୍ଷ ମାଙ୍କ ନବକଳେବର ତଥା ପାଟବରୀ ଉତ୍ସବ ପାଳନ କରିବାକୁ ରାଜା ବିଜେନ୍ଦ୍ର ଚନ୍ଦ୍ରଦେବ୍ ସୂଚନା ପ୍ରଦାନ କରିଛନ୍ତି । ଦେବୀଙ୍କ ପ୍ରତିକ ରୂପରେ ପୂର୍ବରୁ ପୂଜିତ ହେଉଥିବା ଖୁମ୍ବ, ପାଶାଣ, ପାଟ, ଚାନ୍ଦୁଆ ଆଦି ବିସର୍ଜନ କରାଯାଇ ମାଙ୍କ ସମସ୍ତ ଆଭୂଷଣ ନୂତନଭାବେ ଲାଗି ହେବ । ସୂତାର ଓ ବଢ଼େଇ କାରୀଗର ଦେବୀଙ୍କ ପ୍ରତିକାତ୍ମକ ଖୁମ୍ବ ବିଧିମୂତାବକ କାଟି ନୂତନଭାବେ ନିର୍ମାଣ କରିବେ । ଏପରିକି, ଦାରୁ ସଂଗ୍ରହ ପାଇଁ ସ୍ୱତନ୍ତ୍ର ଯାତ୍ରା ମଧ୍ୟ ହୋଇଥାଏ । ଆବଶ୍ୟକ ଯେଉଁ ଶାଳଗଛ ସ୍ଥିର କରାଯାଇଥାଏ ସେହି ଗଛରେ କୌଣସି ଚଢ଼େଇ ବସା କରିନଥିବା ସହ ମଲାଙ୍ଗ କିମ୍ବା ଅନ୍ୟ କୌଣସି ଗଛଲତା ମାଡ଼ି ନଥିବ । ସେହିଭଳି ଗଛ ଭିତରେ ପୋଲା ବା କୋତରା ହୋଇନଥିବ । ଏଥି ସହିତ ଏଡି ଦାରୁ ମାଙ୍କ ପିଠର ପୂର୍ବ ଦିଗରେ ଉଚ୍ଚ ଗଛ ସଂଗ୍ରହ କରାଯାଇଥାଏ । ସେହିଭଳି ଗଛ ବା ଦାରୁ ଚିହ୍ନଟ କଲେ ଉଚ୍ଚ ଦାରୁକୁ ପ୍ରଥମେ ସୁନା ଟାଙ୍ଗିଆ, ୨ୟରେ ରୂପା ଟାଙ୍ଗିଆ, ୩ୟରେ ଲୁହା ଟାଙ୍ଗିଆ ଦ୍ୱାରା କଟାଯିବାର ବିଧି ରହିଛି । ପରେ ପରମ୍ପରା ଅନୁଯାୟୀ ଏହି ପୂଜା ଦେହୁରୀ ସ୍ତ୍ରୀ ବେଶ ଧାରଣ କରି ରାଜାଙ୍କୁ ପଗଡ଼ି ଓ ରାଣୀଙ୍କୁ ମୁକୁଟ ପିନ୍ଧାଇଥାନ୍ତି ।

ନୂତନ ରାଜା ସେହି ସମୟରୁ ରାଜାର ଅଧିଶ୍ୱର ଭାବେ ସ୍ୱୀକୃତୀ ଲାଭ କରିଥାନ୍ତି । ଏହି ଉତ୍ସବରେ ମାହିଙ୍ଗୁଳା ଓ କୁଢେଇଶୁଣୀଙ୍କ ପାଟବସ୍ତ୍ର, ଆଳମ ଓ ଅନ୍ୟାନ୍ୟ ପୂଜାବିଧି ସହିତ ପରମ୍ପରା ଅନୁଯାୟୀ ନିତି ପାଳନ କରିବା ସହ ଏହା ବର୍ତମାନର ରାଜାଙ୍କ ଜୀବନ ବ୍ୟାପୀ ଆଉ ପରିବର୍ତନ ହୋଇନଥାଏ । ତେଣୁ ଆଗାମୀ ୩୧ତାରିଖ ମଙ୍ଗଳବାର ଦିନ ତାଳଚେର ଅଧିଷ୍ଠାତ୍ରୀ ଦେବୀଙ୍କ ନବକଳେବର ହୋଇଥିବାରୁ ଏହି ଦିନରେ ତାଳଚେରର ସମସ୍ତ ଶ୍ରଦ୍ଧାଳୁମାନେ ସମ୍ପୂର୍ଣ୍ଣ ସାକାହାରି ଓ ଅରୁଆ ଭୋଜନ କରିବା ସହିତ ମାଙ୍କ ନାମରେ ପ୍ରତିଘରେ ଦୀପପ୍ରଜ୍ୱଳନ କରିବାକୁ ରାଜା ନିବଦେନ କରିଛନ୍ତି ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଗସ୍ତ ନେଇ ବିଜେପିର ପ୍ରସ୍ତୁତି ବୈଠକ

ଆଠମଲ୍ଲିକ, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୩୧ ତାରିଖ ରେ ଆଠମଲ୍ଲିକ ଗସ୍ତରେ ଆସୁଥିବାରୁ ବିଜେପି ତରଫରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ସମସ୍ତେ ନିଜେ ନିଜର ମତ ଉପସ୍ଥାପନ କରିଥିଲେ । ଏହି ବୈଠକରେ ମନ୍ତ୍ରୀଙ୍କ ଜିଲ୍ଲା ପ୍ରତିନିଧି ସୁଦିପ ଗଡ଼ନାୟକ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ନଗର ପ୍ରତିନିଧି ସନ୍ତୋଷ ହୋତା, ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, କିଶୋରନଗର ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ଜିଲ୍ଲା ଉପସଭାନେତ୍ରୀ ଅଞ୍ଜଳି ପ୍ରଧାନ, ବରିଷ୍ଠ ବିଜେପି ନେତା ପରେଶ ଦେଓ, ସତ୍ୟବ୍ରତ ସାହୁ, ଚିତ୍ତରଞ୍ଜନ ମେହେର, ଅନ୍ତର୍ଯ୍ୟାମୀ ମହାକୁଡ଼, ରନାକର ପ୍ରଧାନ, ମନୋଜ ପ୍ରଧାନ, ପିନା ପାଣିଗ୍ରାହୀ, ଓମ ପ୍ରକାଶ ସାହୁ ସମେତ ବହୁ ବିଜେପି ନେତା ଉପସ୍ଥିତ ଥିଲେ ।

ସୂଚନାଥାଉକି ମନ୍ତ୍ରୀଙ୍କ ଗସ୍ତ ସମୟରେ ଆଠମଲ୍ଲିକ ଅଞ୍ଚଳରେ ବହୁ ବିକାଶ ମୂଳକ କାର୍ଯ୍ୟର ଉଦଘାଟନ ଓ ଭୂମି ପୂଜା ହେବାର ସ୍ଥିରୀକୃତ ହୋଇଛି ।


## ସତ୍ୟସାଇ ସଙ୍ଗଠନ ଅମୃତବିନ୍ଦୁ କାର୍ଯ୍ୟକ୍ରମରେ ୫୭ୟୁନିଟ ରକ୍ତ ସଂଗ୍ରହ



କଣିହାଁ, (ସବ୍ୟୁ): ଅନୁଗୋଳ ଜିଲା ଏନଟିପିସି, କଣିହାଁ ସତ୍ୟସାଇ ସେବା ସମିତି ପକ୍ଷରୁ ଅମୃତବିନ୍ଦୁ କାର୍ଯ୍ୟକ୍ରମ ମଧ୍ୟରେ ଏକ ଗ୍ରୀଷ୍ମକାଳୀନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏନଟିପିସି ପିଟିଏସ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଏନଟିପିସି କଣିହାଁର ପ୍ରକଳ୍ପ ମୁଖ୍ୟ କେ ଏନ ରେଡ଼ି, ମାନବ ସଂସାଧନ ମୁଖ୍ୟ ନବନି କୁମାର, ସିଆଇଏସଏଫ ଡେପୁଟି କମାଣ୍ଡାଣ୍ଟ ଆଲୋକ କୁମାର ପାଣ୍ଡେ ପ୍ରମୁଖ ଯୋଗ ଦେଇ ସତ୍ୟସାଇଙ୍କ ଫଟୋରେ ପ୍ରଦୀପ ପ୍ରଜ୍ୱଳନ କରି ରକ୍ତଦାନ ଶିବିରକୁ ଶୁଭାରମ୍ଭ କରିଥିଲେ ।

ପରେ ଅନୁଗୋଳ ରକ୍ତଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ୫୭ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ଏନଟିପିସି, କଣିହାଁ ସତ୍ୟସାଇ ସଂଗଠନର ଆବାହକ ଅର୍ଜ୍ଜୁନ ମୋହନ ପ୍ରଧାନ, ଜିଲା ସଙ୍ଗଠନ ସଭାପତି ମନୋଜ ପଣ୍ଡା, ବିମଳ ଧର, ଜି ପ୍ରକାଶ, ମନୋରଞ୍ଜନ ପରିଡା, ପ୍ରହଲ୍ଲାଦ ସାହୁ, ଗୁରୁଚରଣ ସାହୁ , ସ୍ୱେଚ୍ଛାସେବୀ ଶ୍ରବଣ ସାହୁ ପ୍ରମୂଖ ଉପସ୍ଥିତ ରହି ସହଯୋଗ କରିଥିଲେ । ରକ୍ତଦାନ ଶିବିର ପୂର୍ବଦିନ ସତ୍ୟସାଇ ସଂଗଠନର କର୍ମକର୍ତ୍ତା ଓ ବାଲବିକାଶ ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱେଚ୍ଛାକୃତ ରକ୍ତଦାନ ରକ୍ତଦାନ କରିବା ପାଇଁ ନଗର ସଂକୀର୍ତ୍ତନ ମାଧ୍ୟମରେ ଏକ ସଚେତନତା ପଦଯାତ୍ରା ପୋଷ୍ୟ ଗ୍ରାମ ଗଦାଶିଳା ଗ୍ରାମରୁ ବହାରି ଏନଟିପିସି ପିଟିଏସ କ୍ୱାର୍ଟର ଲାଇନ ପରିକ୍ରମା କରି କେନ୍ଦ୍ରିୟ ବିଦ୍ୟାଳୟ ଠାରେ ପହଞ୍ଚିଥିଲା ।

## ପ୍ରାଥମିକ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବାର୍ଷିକ ବନ୍ଧୁମିଳନ



ପାଲଲହଡା, (ସବ୍ୟୁ): ଆଜି ଖମାର ଥାନା ଅନ୍ତର୍ଗତ ଖେମଲା ଇକୋ ପାର୍କ ନିକଟରେ ୪୩୭ ଜଣ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ(ନୂତନ ପେନସନ ଯୋଜନା ଭୁକ୍ତ) ଙ୍କ ବାର୍ଷିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ସଂଘର ସ୍ଥାୟୀ ସଭାପତି ବୁଟୁ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ଅତିଥିରୂପେ ଅନୁଗୁଳ ଜିଲ୍ଲା ପ୍ରାଥମିକ ମହାସଂଘର ଆବାହକ ପ୍ରଶାନ୍ତ କୁମାର ପୃଷ୍ଟି , ସମ୍ମାନିତ ଅତିଥିରୂପେ ଜିଲ୍ଲା ସାଧାରଣ ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରା, ବ୍ଲକ ସଙ୍ଘ ସମ୍ପାଦକ ସରୋଜ କୁମାର ପାଳ,ବ୍ଲକ କୋଷାଧକ୍ଷ୍ୟ ଖଗେଶ୍ୱର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଉପଦେଷ୍ଟା କମିଟିର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ସରୋଜ କୁମାର ପାଳ ବାର୍ଷିକ ବିବରଣୀ ପାଠ କରିଥିଲେ । କିଶୋର କୁମାର ନାୟକ ମଞ୍ଚ ପରିଚାଳନା ଦାୟିତ୍ୱରେ ଥିବା ବେଳେ ଶେଷରେ ଚିନ୍ତାମଣି ଦାଣ୍ଡିଆ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ବିଗତବର୍ଷ ଭଳି ଉକ୍ତ ସଭାରେ ଚଳିତ ଶିକ୍ଷାବର୍ଷରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ପୁରୁଷୋତ୍ତମ ଦାସ୍, ସଦାନନ ବେହେରା, ଯୁଧିଷ୍ଠିର ବେହେରା, ବାଇଧର ପ୍ରଧାନ, ସନ୍ଧ୍ୟାରାଣୀ ସିହ୍ନା, ସଂଯୁକ୍ତା କୁମାରୀ ପ୍ରଧାନ ଏବଂ ବେଦବ୍ୟାସ ବେହେରାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

### ଐତିହ୍ୟ, କଳା, ସଂସ୍କୃତିର ଝଲକ ପାଲଲହଡା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା
## ସୁଜ୍ଞାନୀ ମହାପାତ୍ରଙ୍କ ଗୀତରେ ଝୁମିଲେ ଦର୍ଶକ

ପାଲଲହଡା, (ସବ୍ୟୁ): ପାଲଲହଡା ଷ୍ଟାଡିଅମଠାରେ ଗତ ଶନିବାରଠାରୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ପାଲଲହଡା କଳା ସଂସ୍କୃତି ଐତିହ୍ୟର କଳା ନୈପୁଣ୍ୟର ମାଧ୍ୟମ ସାଜିଥିବା ପାଲଲହଡା ମହୋତ୍ସବ୨୦୨୬ର ଆଜି ଥିଲା ଦ୍ୱିତୀୟ ସନ୍ଧ୍ୟା । ଆଜିର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ରୂପେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ରୂପେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୁଳ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅନୁଗୁଳ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ ମହାନ୍ତ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମାର ପ୍ରମୁଖ ଯୋଗଦେଇ ଓଡ଼ିଆ ମାନଚିତ୍ରରେ ପାଲଲହଡା ବିକାଶକୁ ତ୍ୱରାନ୍ୱିତ କରିବାର ସଂକଳ୍ପ ନେଇ ଅଠାବନ ଲକ୍ଷ ଟଙ୍କା ବ୍ୟୟ ଅଟକଳର ଛଅ ଗୋଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଥିଲେ ।

ଠିକ ସେଇଭଳି ଗତକାଲିର ଉଦଘାଟନୀ ସନ୍ଧ୍ୟାରେ ପାଲଲହଡା ଉପଜିଲ୍ଲାପାଳ ତଥା ମହୋତ୍ସବ କମିଟିର ଆବାହକ ରବୀନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ମୁଖ୍ୟବକ୍ତା ଭାବେ ଜଙ୍ଗଲ, ପରିବେଶ ଓ ନିଯୁକ୍ତି ବିଭାଗ ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ, ସମ୍ମାନୀତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତିଭୁଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଦେବଗଡ଼ ବନଖଣ୍ଡ ଅଧିକାରିଣୀ ସୁଶ୍ରୀ ରଶ୍ମିଜୀ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖି ଦଶଗୋଟି ପ୍ରକଳ୍ପର ଶୁଭ ଉଦଘାଟନ ଓ ଶିଳାନ୍ୟାସ କରିଥିଲେ । କ୍ରୀଡା ଓ କଳା କ୍ଷେତ୍ରରେ ପାଲଲହଡା ବହୁତ ଆଗରେ ରହିଛି । ମହୋତ୍ସବ କେବଳ ସଙ୍ଗୀତ ନୁହେଁ ଏହା ଏକ ମୂର୍ଚ୍ଛନା । କଳା ସହିତ ଆମ ମାଲ୍ୟଗିରି, ମା କୁ୍‌ଇବିରା, ଦ୍ୱିତୀୟ ଚିଲିକା, ବାବା ଗିରିଶ୍ୱର୍ ପୀଠ ଆଦି ସବୁ ପୀଠ ଓ ସାଂସ୍କୃତିକ ସ୍ଥଳୀ ଆମ ପାଲଲହଡ଼ା ଅଞ୍ଚଳର ପରିଚୟ ବୋଲି ଅତିଥିମାନେ ଭାଷଣ ପ୍ରସଙ୍ଗରେ କହିଥିଲେ ।

ପାଲଲହଡାକୁ ବିକାଶର ଶୀର୍ଷରେ ପହଂଚାଇବା ପାଇଁ ସମସ୍ତେ ମିଶି କାମ କରିବା ଦରକାର ବୋଲି ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ବିଧାୟକ ଅଶୋକ ମହାନ୍ତି ସ୍ୱାଗତ ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଥିଲେ । ଆଜିର ମୁଖ୍ୟ ଅତିଥି ପାଲଲହଡ଼ା ମହୋତ୍ସବର ଭୂୟସୀ ପ୍ରଶଂସା କରିବା ସହ ପାଲଲହଡାର ଉନ୍ନତି ପାଇଁ ବହୁତ ଯୋଜନା କରାଯାଉଛି ବୋଲି କହିଥିଲେ । ଏହି ଅବସରରେ ପାଲଲହଡା ଡ଼ିମିରିଆ ଗ୍ରାମର ଯୁବ କବି ତଥା ଲେଖକ ହୋତାଶ କୁମାର ସାହୁଙ୍କ ଦ୍ୱାରା ଲିଖିତ ଗିରିଛାଇ ତଳେ ଗିରିଶ୍ୱର ପୁସ୍ତକ ଓ ମହୋତ୍ସବ କମିଟି ଆନୁକୂଲ୍ୟରେ ମାଲ୍ୟଗିରି ସ୍ମରଣିକାର ଶୁଭ ଉନ୍ମୋଚିତ କରାଯାଇଥିଲା । ଗତକାଲି ସ୍ୱନାମନାମ ଧନ୍ୟ ସମ୍ବଲପୁରୀ ଗାୟକ ରୁକୁସୁନା ଏବଂ ତାଙ୍କ ଦଳଙ୍କ ମେଲୋଡି ଏବଂ ଆଜି ଓଲିଉଡ଼ ସଙ୍ଗୀତଜ୍ଞ ସୁଜ୍ଞାନୀ ମହାପାତ୍ରଙ୍କ ମେଲୋଡି, କୃଷ୍ଣପ୍ରିୟା କଳାପରିଷଦର ଘୁଡୁକ ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

ମହୋତ୍ସବ ତିନି ଦିନ ଧରି ଚାଲିବାକୁ ଥିବାବେଳେ ଗତକାଲି ଭଳି ଆଜି ମଧ୍ୟ ଦ୍ୱିତୀୟ ସନ୍ଧ୍ୟାରେ ଦଶ ହଜାରରୁ ଉର୍ଦ୍ଧ୍ୱର୍ ଲୋକଙ୍କ ସମାଗମ ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଲଲହଡା ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୭୦)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

ଆପୂର୍ଯ୍ୟମାଣମଚଳପ୍ରତିଷ୍ଠଂ,
ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍ୱତ୍ ।
ତଦ୍ୱତ୍‌କାମା ଯଂ ପ୍ରବିଶ୍ୟନ୍ତି ସର୍ବେ
ସ ଶାନ୍ତିମାପ୍ନୋତି ନ କାମକାମୀ ॥ ୭୦ ॥

ସର୍ବଦା ନାନାଦି ନଦୀ ଜଳରେ ପୂର୍ଣ୍ଣ ହୋଇ ସୁଦ୍ଧା ସମୁଦ୍ର ଯେପରି ଆପଣା ସୀମା ଲଘଂନ କରେ ନାହିଁ, (ସର୍ବଦା ସମଭାବରେ ଥାଏ) ଏବଂ ସେଥିରେ ଅନ୍ୟ ଜଳ ସବୁ ମିଶି ବିଲୀନ ହୋଇଯାଆନ୍ତି, ସେହିପରି ସମସ୍ତ କାମନା ଯେଉଁ ନିର୍ବିକାର ମୁନିଙ୍କଠାରେ ପ୍ରବେଶ କରି ଲୟପ୍ରାପ୍ତ ହୁଏ, ସେହି ମୁନି କେବଳ ଶାନ୍ତି ପ୍ରାପ୍ତି ହୁଅନ୍ତ, ପରନ୍ତୁ କାମନାପରତନ୍ତ୍ର ବ୍ୟକ୍ତି ଶାନ୍ତିପ୍ରାପ୍ତ ହୁଏ ନାହିଁ ॥୭୦॥

# ପାଞ୍ଚଟି ସ୍ଥାନରେ ବିଧାନସଭା ନିର୍ବାଚନ ପାଇଁ ତତ୍ପରତା

ଏବେ ଚାରିଗୋଟି ରାଜ୍ୟ ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ନିର୍ବାଚନ ସକାଶେ ତତ୍ପରତା ପ୍ରକାଶ ପାଇଛି । ୮୨୪ଟି ବିଧାନସଭା ଆସନ ସକାଶେ ଏପ୍ରିଲ ମାସରେ ନିର୍ବାଚନ ହେଉଛି । ଏହିସବୁ ନିର୍ବାଚନ ପାଇଁ ଭୋଟ ଗଣତି ଆସନ୍ତା ମେ ମାସ ୪ ତାରିଖକୁ ଧାର୍ଯ୍ୟ କରାଯାଇଛି, ସେହି ଦିନଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ଗତ ୨୦୨୪ରେ ଯେଉଁ ସାଧାରଣ ନିର୍ବାଚନ ହୋଇଥିଲା, ସେଥିରେ ବିଜେପି ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (NDA) ୨୯୨ଟି ଲୋକସଭା ଆସନ ଲାଭ କରି ସଂଖ୍ୟା ଗରିଷ୍ଠ ଦଳ ଭାବେ କେନ୍ଦ୍ରରେ ସରକାର ଗଢ଼ି ପାରିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଗଠିତ ହୋଇଥିଲା । କେବଳ ବିଜେପିକୁ ୨୪୦ଟି ଆସନ ଲୋକସଭାରେ ମିଳିଥିଲା । ବିଜେପିର ସହଯୋଗୀ ଦଳ ଭାବେ ତେଲଗୁଦେଶମ ୧୬ଟି ଆସନ ପାଇଥିବାବେଳେ ଜେଡି(ୟୁ) ଦଳ ୧୨ଟି ଲୋକସଭା ଆସନ ପାଇ ପାରିଥିଲା ।

ଅପରପକ୍ଷରେ କଂଗ୍ରେସ ନେତୃତ୍ୱରେ ଇଣ୍ଡିମେଣ୍ଟ ଲୋକସଭାରେ ୨୦୦ରୁ ଊର୍ଦ୍ଧ୍ୱ ଆସନ ହାସଲ କରିଥିଲା । କେବଳ କଂଗ୍ରେସ ୯୯ଟି ଆସନ ପାଇ ପାରିଥିଲାବେଳେ ଏହି ମେଣ୍ଟର ସମାଜବାଦୀ ପାର୍ଟି ୩୭ଟି ଆସନ ଓ ତୃଣମୂଳ କଂଗ୍ରେସ ୨୯ଟି ଆସନ ହାସଲ କରିଥିଲା । ଡିଏମ୍‌କେ ମଧ୍ୟ ୨୨ଟି ଆସନ ପାଇ ପାରିଥିଲା । ସେହି ନିର୍ବାଚନରେ ପ୍ରାୟ ଏକ ପ୍ରତିଶତ ଭୋଟ ନୋଟାକୁ ( କୌଣସି ପ୍ରାର୍ଥୀଙ୍କୁ ନୁହେଁ) ଯାଇଥିଲା । ବିହାରରେ ସର୍ବାଧିକ ୨ ଦଶମିକ ୭ ଜଣ ଭୋଟଦାତା ନୋଟାରେ ଭୋଟ ଦେଇଥିଲେ ବୋଲି ଜାଣିବାକୁ ମିଳିଛି । ମଧ୍ୟପ୍ରଦେଶରେ ମଧ୍ୟ ୧ ପ୍ରତିଶତ ୪୧ ଜଣ ଭୋଟଦାତା ନୋଟା ଯୋଗେ କାହାରିକୁ ଭୋଟ ଦେଇ ନଥିଲେ । ଲୋକସଭା ନିର୍ବାଚନରେ ଇନ୍ଦୋରରେ ୨ ଦଶମକ ୧୮ ଲକ୍ଷ ଭୋଟଦାତା ସେହିପରି ନୋଟାରେ ଭୋଟ ଦେଇଥିଲେ ।

**ତେଣୁ ଆସନ୍ତା ଏପ୍ରିଲ ମାସରେ ପାଞ୍ଚଟି ସ୍ଥାନରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଲାଗି ଉଭୟ ଶାସକ ଓ ବିରୋଧୀ ଦଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସ୍ୱାଭାବିକ । ଏହି ସବୁ ପାଞ୍ଚଟି ବିଧାନସଭା ଆସନରେ ବିଜେପି କିମ୍ବା ତା'ର ସହଯୋଗୀ ଦଳଗୁଡ଼ିକ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାବମୂର୍ତ୍ତି, କାର୍ଯ୍ୟଶୈଳୀ ଓ ପ୍ରଭାବଶାଳୀ ବକ୍ତବ୍ୟ ଭୋଟଦାତାମାନଙ୍କୁ ଆକୃଷ୍ଟ କରିବାର ସମ୍ଭାବନା ରହିଛି ।**

ତେଣୁ ଆସନ୍ତା ଏପ୍ରିଲ ମାସରେ ପାଞ୍ଚଟି ସ୍ଥାନରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଲାଗି ଉଭୟ ଶାସକ ଓ ବିରୋଧୀ ଦଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସ୍ୱାଭାବିକ । ଏହି ସବୁ ପାଞ୍ଚଟି ବିଧାନସଭା ଆସନରେ ବିଜେପି କିମ୍ବା ତା'ର ସହଯୋଗୀ ଦଳଗୁଡ଼ିକ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାବମୂର୍ତ୍ତି, କାର୍ଯ୍ୟଶୈଳୀ ଓ ପ୍ରଭାବଶାଳୀ ବକ୍ତବ୍ୟ ଭୋଟଦାତାମାନଙ୍କୁ ଆକୃଷ୍ଟ କରିବାର ସମ୍ଭାବନା ରହିଛି । ସେହିପରି କଂଗ୍ରେସ ଦଳ ପକ୍ଷରୁ ରାହୁଲ ଗାନ୍ଧି ଉଭୟ ଇଣ୍ଡିମେଣ୍ଟ ଓ କଂଗ୍ରେସ ଦଳ ପାଇଁ ନିର୍ବାଚନ ପ୍ରଚାର କରିବେ । ମାତ୍ର ସେ କେଉଁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ନେଇ ଭୋଟଦାତାଙ୍କୁ ଆକୃଷ୍ଟ କରିବେ, ତାହା ଏ ପର୍ଯ୍ୟନ୍ତ ଠିକ୍ ଭାବେ ଜଣା ପଡିନାହିଁ । ଇଣ୍ଡିମେଣ୍ଟର ରାଜନୀତିକ ଦଳମାନେ ପୃଥକ୍ ପୃଥକ ଭାବେ ନିର୍ବାଚନ ପ୍ରଚାର କରିବା ଭଳି ମନେ ହେଉଛି । ଯେମିତିକି ପଶ୍ଚିମବଙ୍ଗର ମମତା ବାନାର୍ଜୀ ଓ ତୃଣମୂଳ କଂଗ୍ରେସ ପାର୍ଟି ଇଣ୍ଡିମେଣ୍ଟରେ ଥାଇ ମଧ୍ୟ ଭିନ୍ନ ଢଙ୍ଗରେ ନିର୍ବାଚନ ପ୍ରଚାର କରୁଥିବା ଓ ପ୍ରଚାର କ୍ଷେତ୍ରରେ ଆଗୁଆ ଥିବା ପରି ମନେ ହେଉଛି । ଏପରି ମଧ୍ୟ କୁହାଯାଉଛି ଯେ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ଓ ବିଜେପି ମଧ୍ୟରେ ଘମାଘୋଟ ଲଢେଇ ଏଥର ହେବ ଏବଂ ମମତା ବାନାର୍ଜୀ ବା ତାଙ୍କ ଦଳ ଓ ବିଜେପି ମଧ୍ୟରେ ଏହି ଲଢେଇରେ ମମତା ବାନାର୍ଜୀ ଜୟଯୁକ୍ତ ହୋଇ ସରକାର ଗଢ଼ି ପାରନ୍ତି । କିନ୍ତୁ ବିଜେପି ମଧ୍ୟ ପୂର୍ବାପେକ୍ଷା ଭଲ କରିବ ବୋଲି କୁହାଯାଉଛି । ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଇଥାଏ ଯେ ଗତ ୨୦୨୧ର ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗ ନିର୍ବାଚନର ୨୯୪ଟି ଆସନ ମଧ୍ୟରୁ ଅଲ ଇଣ୍ଡିଆ ତୃଣମୂଳ କଂଗ୍ରେସ (AITC) ୨୧୧ଟି ଆସନ ପାଇଥିଲାବେଳେ ବିଜେପି ୭୪ଟି ଆସନ ପାଇଥିଲା । କଂଗ୍ରେସ ଓ ସି.ପି.ଆଇ କୌଣସି ଆସନ ପାଇ ନଥିବା ବେଳେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ୨ଟି, ସି.ପି.ଆଇ ଗୋଟିଏ, ଜି.ଆଇ.ଏମ୍.ଟି ୩ଟି ଓ ଅନ୍ୟମାନେ ୭ଟି ଆସନ ଦଖଲ କରି ପାରିଥିଲେ । ତେବେ ଆସନ୍ତା ମାସର ନିର୍ବାଚନରେ ବହୁ ଚର୍ଚ୍ଚିତ ପଶ୍ଚିମବଙ୍ଗର ଅବସ୍ଥା କ'ଣ ହେବ ତାହା ଜାଣିବାକୁ ସଚେତନ ଭାରତୀୟମାନଙ୍କ ମଧ୍ୟରେ ଆଗ୍ରହ ରହିଥିବା ପରିଲକ୍ଷିତ ହେଉଛି । ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁ, ଆସାମ ଓ କେରଳରେ ନିର୍ବାଚନର ସାମାନ୍ୟ ଉଷ୍ମତା ପରିଲକ୍ଷିତ ହେଉଥିଲେ ମଧ୍ୟ ପୁଡୁଚେରୀର ନିର୍ବାଚନୀ ଉଷ୍ମତା ଏବେ ସୁଦ୍ଧା ଅନୁଭବ କରାଯାଇ ପାରିନାହିଁ । ତେବେ ଏହି ପାଞ୍ଚଟି ସ୍ଥାନରେ ବିଜେପି ପୂର୍ବାପେକ୍ଷା ଭଲ କରିବ ବୋଲି ଆଶା କରାଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ସବୁଜ ସାହିତ୍ୟର ଅନ୍ୟତମ ସ୍ରଷ୍ଟା

# ଅନ୍ନଦା ଶଙ୍କର ରାୟ(୨)



**ଡ. ମନୋରମା ବିଶ୍ୱାଳ ମହାପାତ୍ର**

ଯେଉଁ ଗାଆଁ କବି ଅନ୍ନଦାଶଙ୍କରଙ୍କୁ କବି କରିଥିଲା, ତାଙ୍କ ଆଖିରେ ମାୟା ଅଞ୍ଜନ ବୋଳି ଦେଇଥିଲା। ପରବର୍ତ୍ତୀ ସମୟରେ କବି ଅନ୍ନଦାଶଙ୍କର ରାୟ କଲିକତା ଯାଇଛନ୍ତି ପାଠ ପଢ଼ିବା ପାଇଁ ସିଭିଲ୍ ସର୍ଭିସ୍ ପାଇଛନ୍ତି । ଓଡ଼ିଶାର ଗୌରବ ବଢ଼ାଇଛନ୍ତି । ଜୀବନର ଆରମ୍ଭରୁ ସେ ଓଡ଼ିଆରେ ଲେଖାଲେଖି କରୁଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେ ବଙ୍ଗଳାରେ ଲେଖାଲେଖି ଆରମ୍ଭ କଲେ । ଓଡ଼ିଶାରେ ପଞ୍ଚସଖା ଭାବରେ ପରିଚିତ ଥିବା ଅନ୍ନଦାଶଙ୍କର ରାୟ, ବୈକୁଣ୍ଠ ନାଥ ପଟ୍ଟନାୟକ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଶରତ ଚନ୍ଦ୍ର ମୁଖାର୍ଜୀ ଏବଂ ହରିହର ମହାପାତ୍ର । ଓଡ଼ିଆ ସାହିତ୍ୟରେ ଯୁଗ ସୃଷ୍ଟି କରିଥିବା ଏହି ପାଞ୍ଚଜଣ 'ସବୁଜ ଅକ୍ଷର' ନାମରେ ଏକ ସ୍ମରଣୀୟ କବିତା ପୁସ୍ତକ ରଚନା କରିଥିଲେ । ଓଡ଼ିଆ ସାହିତ୍ୟରେ ଏହି ପାଞ୍ଚଜଣଙ୍କର ମୁଦ୍ରାଙ୍କ ଏବେ ମଧ୍ୟ ଲିପିବଦ୍ଧ ହେଇ ରହିଛି ।

୧୫ ମାର୍ଚ୍ଚ ୧୯୦୪ରେ ଅନ୍ନଦାଶଙ୍କରଙ୍କର ଜନ୍ମ ପଶ୍ଚିମ ଓଡ଼ିଶାର ଢେଙ୍କାନାଳ ଜିଲ୍ଲାରେ । ତାଙ୍କ ପୂର୍ବ ପୁରୁଷମାନେ ହୁଗୁଳି ଜିଲ୍ଲାରୁ ଆସି ବାଲେଶ୍ୱର ଠାରେ ଅବସ୍ଥାନ କଲେ। ଅନ୍ନଦାଶଙ୍କରଙ୍କର ଜେଜେମାଆ ଦୁର୍ଗାମଣି ଦେବୀ ଯାଜପୁରର ଏକ ସମ୍ଭ୍ରାନ୍ତ ବଙ୍ଗାଳୀ ସେନ୍ ପରିବାରର କନ୍ୟା ଥିଲେ । ଅନ୍ନଦାଶଙ୍କରଙ୍କର ପିତା ନିମାଇ ଚରଣ ରାୟ ଏବଂ ତାଙ୍କ ମାଆ କଟକରେ ଏକ ସଂଭ୍ରାନ୍ତ କାୟସ୍ଥ ପରିବାରର ବୋଲି ଜଣାଯାଏ ।

ପରବର୍ତ୍ତୀ ସମୟରେ ନିମାଇ ଚରଣ ରାୟ କଟକରୁ ଢେଙ୍କାନାଳ ଯାଇ ସ୍ଥାୟୀ ଭାବରେ ରହିଥିଲେ । ରେଭେନ୍‌ସା କଲେଜରେ ଅନ୍ନଦାଶଙ୍କର ଇଂରାଜୀ ଅନର୍ସ ନେଇ ପାଠ ପଢ଼ିଥିଲେ । ୧୯୨୭ ମସିହାରେ ସେ ସିଭିଲ୍ ସର୍‌ଭିସ୍ ପରୀକ୍ଷାରେ ଶୀର୍ଷ ସ୍ଥାନ ଲାଭ କରିଥିଲେ। ଓଡ଼ିଶାର ସେ ପ୍ରଥମ ସିଭିଲ୍ ସର୍‌ଭିସ୍ ପାଇଥିବା ବ୍ୟକ୍ତି ।

୧୯୫୧ରେ ସେ ସ୍ୱେଚ୍ଛାକୃତ ଅବସର ନେଇ ନିଜର ସାରସ୍ୱତ ସୃଷ୍ଟି ସମ୍ଭାରକୁ ଅଧିକ ଋଦ୍ଧିମନ୍ତ କରିଥିଲେ । ରବୀନ୍ଦ୍ର ନାଥଙ୍କ ଦ୍ୱାରା ପ୍ରଭାବିତ ବୋଲି ସେ ସ୍ୱୀକାର କରନ୍ତି । ତାଙ୍କର ପ୍ରଥମ କବିତା ବହି 'ରାକ୍ଷୀ' ଲଣ୍ଡନରେ ଥିବା ବେଳେ ପ୍ରକାଶିତ ହୋଇଛି । ପରବର୍ତ୍ତୀ ସମୟରେ ତାଙ୍କର ଦୁଇଟି ଉପନ୍ୟାସ 'ଅସମାପିକା' ଏବଂ 'ଆଗୁନ୍ ନିଏ ଖେଲା' ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି । 'ପଥେ ପ୍ରବାସେ' ତାଙ୍କର ୟୁରୋପ ଭ୍ରମଣ କାହାଣୀ ୧୯୩୧ ମସିହାରେ ପ୍ରକାଶ ଲାଭ କରିଥିଲା । କ୍ଷୁଦ୍ରଗଳ୍ପ ଲେଖକ ଭାବରେ ଅନ୍ନଦା ଶଙ୍କର ମଧ୍ୟ ପ୍ରସିଦ୍ଧି ଲାଭ କରିଥିଲେ । ତାଙ୍କର 'ସବିତା' କବିତାଟି ଓଡ଼ିଶାର କଲେଜମାନଙ୍କରେ ଥିବା ପାଠ୍ୟକ୍ରମରେ ବହୁ ପୂର୍ବେ ସ୍ଥାନିତ ହୋଇଥିଲା । ଅସଂଖ୍ୟ ପ୍ରବନ୍ଧ ସମାଲୋଚନାରେ ସ୍ରଷ୍ଟା ସେ ଥିଲେ । ଗଦ୍ୟ ଏବଂ ପଦ୍ୟର ପ୍ରତିଭାବାନ ସ୍ରଷ୍ଟା ଭାବରେ ଅନ୍ନଦା ଶଙ୍କର ଓଡ଼ିଆ ସାହିତ୍ୟରେ କାଳଜୟୀ ମୁଦ୍ରାଙ୍କ ଛାଡ଼ି ଯାଇଛନ୍ତି । ତାଙ୍କର ସମଗ୍ର କୃତି ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଫେଲୋ ଭାବରେ ସେ ସ୍ୱୀକୃତି ଲାଭ କରିଛନ୍ତି । ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନ, ତାଙ୍କୁ ସମ୍ମାନ ସୂଚକ ଡିଲିଟ୍ ଉପାଧିରେ ମଧ୍ୟ ଭୂଷିତ କରିଛନ୍ତି । ବିଦ୍ୟାସାଗର ସ୍ମୃତି ସମ୍ମାନ ପଶ୍ଚିମବଙ୍ଗ ସରକାରଙ୍କ ଠାରୁ ଲାଭ କରିଛନ୍ତି । ରବୀନ୍ଦ୍ର ପୁରସ୍କାର, ଆନନ୍ଦ ପୁରସ୍କାର ଆଦି ବହୁ ପୁରସ୍କାର ସେ ସମ୍ମାନିତ ହୋଇଛନ୍ତି । ସେ ପଦ୍ମଭୂଷଣ ଉପାଧି ମଧ୍ୟ ଲାଭ କରିଛନ୍ତି ।

ରେଭେନ୍‌ସା କଲେଜରେ ଅଧ୍ୟୟନ କରିଛନ୍ତି । ଲଣ୍ଡନରେ ଚାକିରି କରୁଥିବା ସମୟରେ ଲୀଳା ରାୟଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ଲୀଳା ରାୟ ଜଣେ ବିଦେଶିନୀ ହେଲେ ମଧ୍ୟ କବି ଅନ୍ନଦାଶଙ୍କର ରାୟଙ୍କର ପ୍ରକୃତ ସହକର୍ମିଣୀ ଏବଂ ସହଧର୍ମିଣୀ ଥିଲେ । ଲୀଳା ରାୟ ଜଣେ ସୃଜନଶୀଳ ସ୍ରଷ୍ଟା ମଧ୍ୟ । କବି ଅନ୍ନଦାଶଙ୍କର ରାୟଙ୍କର ଶାନ୍ତିନିକେତନରେ ଏକ ସୁନ୍ଦର ଘର ଥିଲା । ହୁଏତ ସେ ଘର ଆଜି ଆଉ ନାହିଁ ।

ଶାନ୍ତିନିକେତନ ସହିତ ଦିନେ କବି ଅନ୍ନଦାଶଙ୍କର ଏକାତ୍ମ ହୋଇ ଯାଇଥିଲେ । ବିଶ୍ୱଭରତୀ ଓଡ଼ିଆ ବିଭାଗ ସହିତ ବିଭିନ୍ନ ସମୟରେ ଅତିଥି କବି ଭାବରେ ଆମନ୍ତ୍ରିତ ହେଉଥିଲେ । ମୁଁ ଶାନ୍ତିନିକେତନରେ ପଢ଼ିଲା ବେଳେ ଏକ ବିପୁଳ ବ୍ୟକ୍ତିତ୍ୱର ଅଧିକାରୀ ଭାବରେ ସିଏ ମୋତେ ମନେ ହେଉଥିଲେ । ସୌନ୍ଦର୍ଯ୍ୟମୟୀ ଲୀଳା ରାୟ ମଧ୍ୟ କବି ଭାବରେ ଅନନ୍ୟା ଥିଲେ । କବି ସୁଲଭ ଗୁଣରେ ଆମମାନଙ୍କ ସହିତ ସସ୍ନେହ ବ୍ୟବହାର କରୁଥିଲେ ।

'ଶାନ୍ତିନିକେତନର ସେଇ ସବୁ ଦିନ ଖୁବ୍ ଆନନ୍ଦମୟ ଥିଲା । ଅନ୍ନଦାଶଙ୍କରଙ୍କ ଏକ କବିତା ଆମେମାନେ ମୁଖସ୍ଥ କରି ଆବୃତ୍ତି କରୁଥିଲୁ । 'ଆହା ଯଉବନ ଥରେ ଗଲେ ଆଉ ଆସେନା, ବୃଥା ବିଧୁର ପରାଣ ପୁରେ ଝୁରେ ବାସନା'– ଶାନ୍ତିନିକେତନର ସେହି ସଙ୍ଗୀତ ଭରା ସନ୍ଧ୍ୟା, ଗଛମୂଳରେ କବିତା ଆବୃତ୍ତି କରିବାର ବେଳ, ଆମମାନଙ୍କୁ ଖୁବ୍ ପ୍ରଭାବିତ କରିଥିଲା ସେତେବେଳେ । ଜୀବନର ଅପରାହ୍ନରେ ଆଜି ବାରମ୍ବାର ମନେପଡ଼େ ଶାନ୍ତିନିକେତନରେ ସୁନାରୀ ଏବଂ ମାଧବୀ ଫୁଲ ଫୁଟିବାର ମୁହୂର୍ତ୍ତ । ଶାନ୍ତି ନିକେତନରେ ସୁନାରୀ ଫୁଲର ନାଁ ଥିଲା– 'ଫାଗୁନ୍ ବଧୁ'।

ଲୀଳା ରାୟ ସୁନ୍ଦର ବଙ୍ଗଳା କହି ପାରୁଥିଲେ । ଓଡ଼ିଆ ପାଣିପବନରେ ବଡ଼ ହୋଇଥିବା ଅନ୍ନଦାଶଙ୍କରଙ୍କର ଓଡ଼ିଆ କବିତା ଆବୃତ୍ତି ଥିଲା ଅନବଦ୍ୟ । ଶାନ୍ତିନିକେତନ ଛାଡ଼ିବାର ବହୁ ବର୍ଷ ପରେ କଲିକତାରେ (ଏବର କୋଲକକାତା) କବି ଅନ୍ନଦା ଶଙ୍କର ରାୟଙ୍କ ସହିତ ଦେଖା ହୋଇଥିଲା



ଏକ କବିତା ସଂଧ୍ୟାରେ ସେତେବେଳେ ସେ ଥାଆନ୍ତି ଭାରତର ପିଇଏନ୍ (Poet Essayist & Novelist)ର ସଭାପତି। ମୋର ଏକ ବଙ୍ଗଳା କବିତା ବହି 'ମେଘ୍ ହଏ ଆବାର୍ ଫିର୍‌ବେର' ବଙ୍ଗଳା ଏକାଡ଼େମୀଠାରେ ଉନ୍ମୋଚନ ଉତ୍ସବରେ ସେ ଥିଲେ ମୁଖ୍ୟ ଅତିଥି ସେଦିନ । ମୋ ବଙ୍ଗଳା କବିତା ବହିର ପ୍ରକାଶକ ଦେବକୁମାର ବସୁ ସଭାର ଆୟୋଜକ ଥିଲେ । ବିଶ୍ୱଜ୍ଞାନ ତାଙ୍କ ପ୍ରକାଶନ ସଂସ୍ଥାର ନାଁ । କଲିକତାର ପ୍ରଖ୍ୟାତ କବି ନିରେନ୍ଦ୍ରନାଥ ଚକ୍ରବର୍ତ୍ତୀ ମଧ୍ୟ ଥାଆନ୍ତି ଅତିଥି । ଅନ୍ନଦାଶଙ୍କରଙ୍କ ସହିତ ବହୁ ବର୍ଷ ପରେ ଦେଖାହେଲା । ଶାନ୍ତିନିକେତନରେ ମୁଁ ଛାତ୍ର ଥିବା ବେଳେ ତାଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ଥିଲା । ଏହା ଭିତରେ ଦୀର୍ଘ ବର୍ଷ ଅତିକ୍ରାନ୍ତ ହୋଇଗଲାଣି । ଓଡ଼ିଆ ଭାଷା ସାହିତ୍ୟର ଜଣେ ଅଧ୍ୟାପିକା ମୁଁ ଥିଲି । ମୋ ବହିର ଅନୁବାଦକ ଡକ୍ଟର ବିଷ୍ଣୁପଦ ପଣ୍ଡା। କାର୍ଯ୍ୟବଶତଃ ଆସିପାରି ନ ଥିଲେ । କବି ଅନ୍ନଦାଶଙ୍କର ଖୁବ୍ ଖୁସି ହେଲେ ମୋତେ ଦେଖି । ସେ କବିତା ବହିରେ ମୁଁ ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ବିଷୟରେ ଲେଖିଥିଲି। 'ବାଲିଆପାଳ' ଆମ ଗାଁ ଜଗାଇ ପାଖ ଗାଁ । ଯେଉଁଠାରେ କ୍ଷେପଣାସ୍ତ୍ର ଘାଟିର ପରିକଳ୍ପନା କରାଯାଇଥିଲା । ଆମ ଗାଁର ଲୋକମାନେ ଏଇ ଘାଟି ଆନ୍ଦୋଳନରେ ଯୋଗ ଦେଇ ଗାଁ ଭିତରକୁ ବାହାର ଗାଡ଼ିକୁ ଛାଡୁ ନଥିଲେ । ମୁଁ ଦୂରରେ ଥାଇ ମଧ୍ୟ ଏଇ ଆନ୍ଦୋଳନରେ ସାମିଲ ହୋଇ ଯାଇଥିଲି ଏବଂ କବିତା ଲେଖୁଥିଲି । ସେହି ଓଡ଼ିଆ କବିତା ବହିର ବଙ୍ଗଳା ରୂପାନ୍ତର 'ମେଘ୍ ହାଏ ଆବାର୍ ଫିର୍‌ବେ' । ଅନ୍ନଦାଶଙ୍କର ରାୟ ମୋତେ ପଚାରିଲେ, 'ତୁମେ ଢେଙ୍କାନାଳ ଆଉ କେବେ ଯାଇଥିଲ ଏହା ଭିତରେ' । ମୁଁ ଜାଣିଥିଲି ଢେଙ୍କାନାଳ ତାଙ୍କ ପ୍ରିୟ ଗାଆଁ । ଗାଆଁକୁ ସେ ଭୁଲି ନାହାନ୍ତି । ଏବେ ବି ତାଙ୍କ ଭିତରେ ତାଙ୍କ ଗାଁ ଦୀପ ପରି ଦିକ୍‌ଦିକ୍ ହୋଇ ଜଳୁଛି । ସେଦିନ ମୋ କବିତା ବହିର ଉଦ୍‌ଘାଟନ ଉତ୍ସବରେ ମୋ ସଂପର୍କରେ ବହୁ ପ୍ରଶଂସା ସେ କରି କହିଥିଲେ ।

କଲିକତାର 'ବଙ୍ଗଳା ଏକାଡ଼େମୀ'ରେ ଏପରି କାର୍ଯ୍ୟକ୍ରମ ଥିଲା, ମୋ ପାଇଁ ଥିଲା ଅଚିନ୍ତନୀୟ । 'ବିଶ୍ୱଜ୍ଞାନ' ପ୍ରକାଶକ ଦେବକୁମାର ବସୁଙ୍କର ପ୍ରଚେଷ୍ଟା ଏବଂ ସୁଦୂର କଲିକତାରେ ଥିବା ବହୁ ଓଡ଼ିଆ ପ୍ରେମୀ ସାହିତ୍ୟିକ ବନ୍ଧୁ, ଯେଉଁମାନେ ଅନ୍ନଦାଶଙ୍କରଙ୍କୁ ଶ୍ରଦ୍ଧା ଏବଂ ସମ୍ମାନ କରୁଥିଲେ ସେମାନଙ୍କର ଉପସ୍ଥିତି ସଭାଟିକୁ ଅଧିକ ମହିମା ମଣ୍ଡିତ କରିଥିଲା ସେଦିନ।

ନୀରେନ୍ଦ୍ରନାଥ ଚକ୍ରବର୍ତ୍ତୀଙ୍କର ଉଲଙ୍ଗ ରାଜା କବିତା ବହି କେନ୍ଦ୍ର ସାହିତ୍ୟ ଏକାଡ଼େମୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା ସେତେବେଳେ । ଓଡ଼ିଶା ପ୍ରତି କବିଙ୍କର ଅକୁଣ୍ଠ ଭଲ ପାଇବା ମୋତେ ବିସ୍ମିତ କଲା ସେଦିନ। ସେଦିନ ସେ କହିଲେ ଜଗନ୍ନାଥ ତାଙ୍କର ଆରାଧ୍ୟ ଦେବତା । ପ୍ରତିବର୍ଷ ସେ ପୁରୀ ଆସନ୍ତି ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ । ମୋ ପ୍ରକାଶକ ଶ୍ରୀ ଦେବକୁମାର ବସୁ ଜଣେ ଅମାୟିକ ମଣିଷ ଥିଲେ । ସବୁ ଓଡ଼ିଆ କବିଙ୍କୁ ସେ ଶ୍ରଦ୍ଧା କରନ୍ତି । କବି ଅନ୍ନଦାଶଙ୍କର ମଧ୍ୟ ତାଙ୍କର ଅତି ଆପଣାର । ସେ ସବୁବେଳେ କହୁଥିଲେ ଓଡ଼ିଶା ଏବଂ ବଙ୍ଗଳା ଦୁଇ ଯମଜ ଭଉଣୀ । କିଏ ବଡ଼ କିଏ ସାନ ତାର ତୁଳନା କରାଯାଇ ପାରିବ ନାହିଁ ।

କବି ଅନ୍ନଦାଶଙ୍କର ଓଡ଼ିଶାରେ ନ ଥିଲେ ବି ସେ ଓଡ଼ିଶାର କବି । ରେଭେନ୍‌ସାରେ ପାଠ ପଢ଼ିଛନ୍ତି । ତାଙ୍କ ଝିଅ ଜୟା ରାୟ ରେଭେନ୍‌ସା କଲେଜରେ ବଙ୍ଗଳା ବିଭାଗରେ ଦିନେ ବିଭାଗୀୟ ମୁଖ୍ୟ ଥିଲେ । ମୋର ଅନ୍ୟ ଏକ କବିତା ବହି ସେ ବଙ୍ଗଳାରେ ଅନୁବାଦ କରିଥିଲେ । ଚମତ୍କାର ଓଡ଼ିଆ କହୁଥିଲେ । ଆଜି କବି ଅନ୍ନଦାଶଙ୍କର ନାହାନ୍ତି । ତାଙ୍କ କନ୍ୟା ଜୟା ରାୟ ମଧ୍ୟ ନାହାନ୍ତି । କିନ୍ତୁ ସେମାନେ ଯେ ଦିନେ ଓଡ଼ିଶାର ପାଣି ପବନରେ ବଡ଼ ହୋଇଥିଲେ, ଓଡ଼ିଶା ତାଙ୍କର ପ୍ରିୟ ସ୍ଥାନ ଥିଲା ତାହା ଅସ୍ୱୀକାର କରିହେବ ନାହିଁ । ତାଙ୍କର ସେହି କାଳଜୟୀ କବିତାଟି ସବୁବେଳେ ମନେ ପଡ଼ିବ ।

*'ଜଗତେ ହଜେନା କିଛି ହଜେ ଜୀବନେ
ବାହାରେ ବେଦନା ନାହିଁ ବେଦନା ମନେ ।'*

**ପ୍ରୀତମପୁରୀ, ୧୨୫,
ଆଚାର୍ଯ୍ୟବିହାର,ଭୁବନେଶ୍ୱର-୧୩,
ମୋ-୯୪୩୭୦୧୧୦୦୩**

# ପ୍ରକୃତ ବନ୍ଧୁତାର ମୂଲ୍ୟ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ବନ୍ଧୁତା ଯେକୌଣସି ବ୍ୟକ୍ତିଙ୍କ ଜୀବନରେ ଏକ ଅତ୍ୟନ୍ତ ମୂଲ୍ୟବାନ ସମ୍ପର୍କ । ବନ୍ଧୁତା କେବଳ ଏକାଠି ସମୟ ବିତାଇବା କିମ୍ବା ମଜା କରିବା ବିଷୟରେ ନୁହେଁ ଏହା ପ୍ରେମ, ବିଶ୍ୱାସ, ସହାନୁଭୂତି ଏବଂ ସମର୍ଥନ ଉପରେ ନିର୍ମିତ ଏକ ପବିତ୍ର ବନ୍ଧନ । ଜଣେ ପ୍ରକୃତ ବନ୍ଧୁ ହେଉଛି ଯିଏ କେବଳ ସୁଖରେ ନୁହେଁ ବରଂ ଦୁଃଖରେ ମଧ୍ୟ ଆମ ସହିତ ଠିଆ ହୁଏ । ବନ୍ଧୁତାର ମୂଳ ଭିତ୍ତି ହେଉଛି ବିଶ୍ୱାସ ଏବଂ ସଚ୍ଚୋଟତା । ଯେଉଁଠାରେ ବିଶ୍ୱାସ ଥାଏ, ସମ୍ପର୍କ ଦୃଢ଼ ହୋଇଥାଏ । ଜଣେ ପ୍ରକୃତ ବନ୍ଧୁ କେବେ ମିଛ କହି ଆମକୁ ଖୁସି କରିବାକୁ ଚେଷ୍ଟା କରେ ନାହିଁ ବରଂ, ସେମାନେ ଆମର ଭୁଲଗୁଡ଼ିକୁ ଦର୍ଶାନ୍ତି ଏବଂ ଆମକୁ ସଠିକ୍ ପଥରେ ଆଗେଇ ନେବାକୁ ଚେଷ୍ଟା କରନ୍ତି । ସେମାନେ ଆମର ସଫଳତାରେ ଆନନ୍ଦ ପାଆନ୍ତି ଏବଂ ଆମର ବିଫଳତାରେ ଆମକୁ ଉତ୍ସାହିତ କରନ୍ତି ।

ପ୍ରକୃତ ବନ୍ଧୁତା ବ୍ୟକ୍ତିଗତ ଲାଭ ଉପରେ ନୁହେଁ, ବରଂ ଜୀବନ ପ୍ରତି ଏକ ନିଃସ୍ୱାର୍ଥପର ଦୃଷ୍ଟିକୋଣ ଉପରେ ଆଧାରିତ । ଯେଉଁଠାରେ ଲାଭ ଥାଏ, ସେଠାରେ ବନ୍ଧୁତା ଅଧିକ ଦିନ ପର୍ଯ୍ୟନ୍ତ ରହିପାରେ ନାହିଁ ।

ଜଣେ ପ୍ରକୃତ ବନ୍ଧୁ କେବେ ଲାଭ କିମ୍ବା କ୍ଷତି ପାଇଁ ଆମ ସହିତ ରୁହନ୍ତି ନାହିଁ ସେମାନେ ଆମକୁ ସମ୍ପୂର୍ଣ୍ଣ ହୃଦୟରେ ଭଲ ପାଆନ୍ତି ଏବଂ ସମୟ ଆସିଲେ ଆମ ପାଇଁ ଆମକୁ ଛାଡିବାକୁ ମଧ୍ୟ ପ୍ରସ୍ତୁତ ଥାଆନ୍ତି । ବନ୍ଧୁତା ଜୀବନକୁ ସୁନ୍ଦର ଏବଂ ଅର୍ଥପୂର୍ଣ୍ଣ କରିଥାଏ । ଏହା ଆମକୁ ଏକାକୀତାରୁ ଦୂରେଇ ରଖେ ଏବଂ ଆମକୁ ଆନନ୍ଦ ଏବଂ ସାହସରେ ପରିପୂର୍ଣ୍ଣ କରେ । ଜୀବନ ଆମ ଉପରେ ଯେତେ ଅସୁବିଧା ଆଣିଥାଏ, ଯଦି ଆପଣଙ୍କର ଜଣେ ପ୍ରକୃତ ବନ୍ଧୁ ଅଛି, ତେବେ ସେଗୁଡ଼ିକୁ ସହଜରେ ଦୂର କରାଯାଇପାରିବ । ବନ୍ଧୁତାର ପ୍ରକୃତ ପରିଭାଷା ହେଉଛି ବିଶ୍ୱସ୍ତତା, ବିଶ୍ୱାସ, ସାହଚର୍ଯ୍ୟ ଏବଂ ନିଃସ୍ୱାର୍ଥପର ପ୍ରେମ ଉପରେ ନିର୍ମିତ ଏକ ଗଭୀର ବନ୍ଧନ ଯାହା ଜୀବନର ପ୍ରତ୍ୟେକ ମୋଡ଼ରେ ଆମ ସହିତ ରହିଥାଏ ।

ଭାରତୀୟ ଇତିହାସ ଏବଂ ଶାସ୍ତ୍ରଗୁଡ଼ିକରେ ବନ୍ଧୁତାର ଅନେକ ଆଶ୍ଚର୍ଯ୍ୟଜନକ ଉଦାହରଣ ଅଛି । ମହାଭାରତରେ, ଭଗବାନ କୃଷ୍ଣ ଏବଂ ଅର୍ଜୁନଙ୍କ ମଧ୍ୟରେ ବନ୍ଧୁତା କେବଳ ବ୍ୟକ୍ତିଗତ ପ୍ରେମରେ ସୀମିତ ନଥିଲା ବରଂ ଧର୍ମର ସୁରକ୍ଷା ପାଇଁ ମୂଳଦୁଆ ପାଲଟିଥିଲା । ବନ୍ଧୁତା ଲାଭ କିମ୍ବା କ୍ଷତି ଦ୍ୱାରା ମାପ କରାଯାଇଥିବା ଜିନିଷ ନୁହେଁ ।

ଏହା ନିଃସ୍ୱାର୍ଥପର ସମର୍ପଣ, ବିଶ୍ୱାସ ଏବଂ ତ୍ୟାଗ ଦ୍ୱାରା ସୁଦୃଢ଼ ଏକ ଭାବନା । ଇତିହାସ ଏବଂ ଧାର୍ମିକ ଗ୍ରନ୍ଥଗୁଡ଼ିକ ଏହି ସତ୍ୟର ସାକ୍ଷ୍ୟ ଦିଏ ଯେ ପ୍ରକୃତ ବନ୍ଧୁତାର ମୂଲ୍ୟ ଧନ, ପଦବୀ କିମ୍ବା ଶକ୍ତି ଦ୍ୱାରା ମାପ କରାଯାଇପାରିବ ନାହିଁ । ଏହା କେବଳ ହୃଦୟରେ ନିହିତ । ସନାତନ ପରମ୍ପରାରେ, ଜଣେ ବନ୍ଧୁକୁ ସଖା କୁହାଯାଏ – ଯିଏ ସୁଖ ଏବଂ ଦୁଃଖରେ ସମାନ ଭାବନା ସହିତ ପରସ୍ପର ସହିତ ଛିଡ଼ା ହୁଏ । ଭଗବାନ କୃଷ୍ଣ ଏବଂ ଅର୍ଜୁନଙ୍କ ମଧ୍ୟରେ ବନ୍ଧୁତା ପ୍ରେମ ଏବଂ ତ୍ୟାଗର ଏକ ଉଦାହରଣ ।

**ଭାରତୀୟ ଇତିହାସ ଏବଂ ଶାସ୍ତ୍ରଗୁଡ଼ିକରେ ବନ୍ଧୁତାର ଅନେକ ଆଶ୍ଚର୍ଯ୍ୟଜନକ ଉଦାହରଣ ଅଛି । ମହାଭାରତରେ, ଭଗବାନ କୃଷ୍ଣ ଏବଂ ଅର୍ଜୁନଙ୍କ ମଧ୍ୟରେ ବନ୍ଧୁତା କେବଳ ବ୍ୟକ୍ତିଗତ ପ୍ରେମରେ ସୀମିତ ନଥିଲା ବରଂ ଧର୍ମର ସୁରକ୍ଷା ପାଇଁ ମୂଳଦୁଆ ପାଲଟିଥିଲା । ବନ୍ଧୁତା ଲାଭ କିମ୍ବା କ୍ଷତି ଦ୍ୱାରା ମାପ କରାଯାଇଥିବା ଜିନିଷ ନୁହେଁ । ଏହା ନିଃସ୍ୱାର୍ଥପର ସମର୍ପଣ, ବିଶ୍ୱାସ ଏବଂ ତ୍ୟାଗ ଦ୍ୱାରା ସୁଦୃଢ଼ ଏକ ଭାବନା ।**

ଯୁଦ୍ଧଭୂମିରେ ପରାସ୍ତ ହେବା ପରେ ଯେତେବେଳେ ଅର୍ଜୁନ ଆତ୍ମସମର୍ପଣ କରିବାକୁ ପ୍ରସ୍ତୁତ ଥିଲେ, ସେତେବେଳେ କୃଷ୍ଣ ତାଙ୍କୁ ବନ୍ଧୁ ଭାବରେ ଗୀତା ଶିକ୍ଷା ଦେଇଥିଲେ । ଏହି ଶିକ୍ଷା ମଧ୍ୟ ଜଣେ ଗୁରୁ ଏବଂ ତାଙ୍କ ଶିଷ୍ୟଙ୍କ ମଧ୍ୟରେ ଏକ ସଂଳାପ, କିନ୍ତୁ ଏହାର ମୂଳରେ ବନ୍ଧୁତାର ଆତ୍ମା ଅଛି ଯାହା ଜଣେ ବନ୍ଧୁକୁ ପତନରୁ ରକ୍ଷା କରେ ଏବଂ ତାଙ୍କୁ ତାଙ୍କ କର୍ତ୍ତବ୍ୟକୁ ଫେରାଇ ଆଣେ । ଏଠାରେ, ବନ୍ଧୁତାର ମୂଲ୍ୟ ସ୍ୱାର୍ଥରେ ନୁହେଁ, ବରଂ ଧର୍ମ ଏବଂ ମାନବତାକୁ ରକ୍ଷା କରିବାରେ ନିହିତ ।

ଏହି ସମାନ ମହାକାବ୍ୟରେ, ଦ୍ରୌପଦୀ ଏବଂ ଶ୍ରୀକୃଷ୍ଣଙ୍କ ମଧ୍ୟରେ ସମ୍ପର୍କ ମଧ୍ୟ ବନ୍ଧୁତାର ଏକ ଅନନ୍ୟ ଉଦାହରଣ । ଯେତେବେଳେ ଦ୍ରୌପଦୀ, ଜଗତ ପ୍ରତି ମୋହଭଙ୍ଗ ହୋଇ, ତାଙ୍କର ପୋଷାକ କାଢ଼ି ପକାଉଥିଲେ, ସେ କୃଷ୍ଣଙ୍କୁ ଡାକି ବନ୍ଧୁ ଭାବରେ ତାଙ୍କର କର୍ତ୍ତବ୍ୟ ପାଳନ କରିଥିଲେ । ଏହି ଘଟଣା ଦର୍ଶାଏ ଯେ କଷ୍ଟ ସମୟରେ, ଜଣେ ପ୍ରକୃତ ବନ୍ଧୁ ଯୁକ୍ତି କରେ ନାହିଁ କିମ୍ବା ପରିସ୍ଥିତିର ସୁଯୋଗ ନେଇନଥାଏ, ବରଂ ତୁରନ୍ତ ତାଙ୍କ ସାହାଯ୍ୟକୁ ଆସିଥାଏ । ବନ୍ଧୁତାର ସର୍ବୋଚ୍ଚ ଆଦର୍ଶ ରାମାୟଣରେ ରାମ ଏବଂ ହନୁମାନଙ୍କ ରୂପରେ ଦେଖିବାକୁ ମିଳେ । ହନୁମାନ କେବଳ ଜଣେ ଭକ୍ତ ନଥିଲେ ବରଂ ରାମଙ୍କ ଜଣେ ପ୍ରକୃତ ବନ୍ଧୁ ମଧ୍ୟ ଥିଲେ । ସେ ସୀତାଙ୍କୁ ଖୋଜିବା ପାଇଁ ନିଜ ଜୀବନକୁ ବାଜି ଲଗାଇଥିଲେ, ଲଙ୍କାରେ ନିଆଁ ଲଗାଇ ଦେଇଥିଲେ ଏବଂ ଶେଷରେ ରାମଙ୍କୁ ତାଙ୍କ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିଥିଲେ ।

ଏହି ବନ୍ଧୁତା କୌଣସି ପ୍ରତିଶୋଧର ଭାବନାଦ୍ୱାରା ପ୍ରେରିତ ନଥିଲା ଏହା କର୍ତ୍ତବ୍ୟ, ପ୍ରେମ ଏବଂ ବିଶ୍ୱାସର ସଙ୍ଗମ ଥିଲା । ଇତିହାସ ଏପରି ବନ୍ଧୁତାର ଉଦାହରଣ ମଧ୍ୟ ପ୍ରଦାନ କରେ ଯେଉଁଠାରେ ସେମାନଙ୍କର ମୂଲ୍ୟ ଶକ୍ତିକୁ ଅତିକ୍ରମ କରିଥିଲା । ଚାଣକ୍ୟ ଏବଂ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ମଧ୍ୟରେ ସମ୍ପର୍କ କେବଳ ଜଣେ ଗୁରୁ ଏବଂ ଶିଷ୍ୟର ନଥିଲା, ବରଂ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗର ଥିଲା । ଚାଣକ୍ୟ ଜଣେ ସାଧାରଣ ଲୋକଙ୍କୁ ସମ୍ରାଟଙ୍କ ପଦବୀରେ ଉନ୍ନୀତ କରିଥିଲେ, ଯେତେବେଳେ ଚନ୍ଦ୍ରଗୁପ୍ତ ସର୍ବଦା ତାଙ୍କ ବନ୍ଧୁ ଏବଂ ପରାମର୍ଶଦାତାଙ୍କ ସମ୍ମାନକୁ ରକ୍ଷା କରୁଥିଲେ । ଏହି ବନ୍ଧୁତା ରାଷ୍ଟ୍ର ନିର୍ମାଣର ମୂଳଦୁଆ ପାଲଟିଥିଲା । ଶ୍ରୀକୃଷ୍ଣ ଏବଂ ସୁଦାମଙ୍କ କାହାଣୀ ବନ୍ଧୁତାର ଏକ ଗଭୀର ମର୍ମସ୍ପର୍ଶୀ ଏବଂ ପ୍ରେରଣାଦାୟକ କାହାଣୀ ଉପସ୍ଥାପନ କରେ । ସୁଦାମା ଗରିବ ଥିଲେ, କିନ୍ତୁ କୃଷ୍ଣଙ୍କ ବାଲ୍ୟବନ୍ଧୁ ଥିଲେ । ଯେତେବେଳେ ସୁଦାମା ଦ୍ୱିଧାଗ୍ରସ୍ତ ଭାବରେ ଦ୍ୱାରକାରେ ପହଞ୍ଚିଲେ, କୃଷ୍ଣ ତାଙ୍କର ରାଜକୀୟ ବିଳାସକୁ ପରିତ୍ୟାଗ କରି ତାଙ୍କୁ ଆଲିଙ୍ଗନ କଲେ। ବନ୍ଧୁତାର ମୂଲ୍ୟ ଏଠାରେ ସ୍ପଷ୍ଟ – ଏହା ଟଙ୍କା ଦ୍ୱାରା ନୁହେଁ, ବରଂ ଭାବନା ଦ୍ୱାରା ମାପ କରାଯାଏ ।

ଧାର୍ମିକ ଗ୍ରନ୍ଥ ବ୍ୟତୀତ, ଲୋକ ଇତିହାସ ଏବଂ ସାହିତ୍ୟ ମଧ୍ୟ ବାର୍ତ୍ତା ପ୍ରଦାନ କରେ ଯେ ବନ୍ଧୁତା ସମୟର ପରୀକ୍ଷାରେ ଠିଆ ହୁଏ । ଜଣେ ପ୍ରକୃତ ବନ୍ଧୁ ହେଉଛି ଯିଏ ଆପଣଙ୍କ ସଫଳତାରେ ଈର୍ଷା କରେ ନାହିଁ କିମ୍ବା ଆପଣଙ୍କ ବିଫଳତାରେ ଆପଣଙ୍କୁ ପରିତ୍ୟାଗ କରେ ନାହିଁ । ଦର୍ପଣ ପରି, ସେମାନେ ସତ୍ୟକୁ ପ୍ରତିଫଳିତ କରନ୍ତି ଏବଂ ଛାଇ ପରି ଆପଣଙ୍କ ସହିତ ଚାଲନ୍ତି । ଆଜିର ଦୁନିଆରେ, ଯେତେବେଳେ ସମ୍ପର୍କ ମୁଖ୍ୟତଃ କାମ ଏବଂ ଲାଭ ଉପରେ ଆଧାରିତ, ଏହି ଐତିହାସିକ ଏବଂ ଧାର୍ମିକ ଉଦାହରଣଗୁଡ଼ିକ ଆହୁରି ପ୍ରାସଙ୍ଗିକ ହୋଇଯାଏ ।

ଶହ ଶହ ସାମାଜିକ ଗଣମାଧ୍ୟମ ସଂଯୋଗ ବନ୍ଧୁତା ସୃଷ୍ଟି କରେ ନାହିଁ ବନ୍ଧୁତା ବିଶ୍ୱାସ, ସମୟ ଏବଂ ତ୍ୟାଗ ଉପରେ ନିର୍ମିତ । ଏହା ଏକ ଗଛ ପରି – ଯଦି ପାଳନ କରାଯାଏ, ତେବେ ଏହା ଜୀବନ ସାରା ଫଳ ଦେଇଥାଏ । ବନ୍ଧୁତାର ମୂଲ୍ୟ କେବେବି ମାପି ହେବ ନାହିଁ । ଏହାକୁ ସୁନା କିମ୍ବା ରୂପା, କିମ୍ବା ସ୍ଥିତି କିମ୍ବା ସମ୍ମାନରେ ମାପି ହୁଏ ନାହିଁ । ଏହା କେବଳ ଆମ ଆଚରଣ, ଆମର କାର୍ଯ୍ୟ ଏବଂ ଆମ ହୃଦୟରେ ଆଦରଣୀୟ । ଇତିହାସ ଏବଂ ଶାସ୍ତ୍ର ଆମକୁ ଶିଖାଏ ଯେ ପ୍ରକୃତ ବନ୍ଧୁତା ଜଣେ ବ୍ୟକ୍ତିଙ୍କୁ ମହାନ ଏବଂ ସମାଜକୁ ଶକ୍ତିଶାଳୀ କରିଥାଏ ।

**ଔରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬**

# ଜନନୀ ସୁରକ୍ଷା ଯନ୍ତ୍ରଣା : ଟ୍ରାକଫରରେ ବୁହାହେଲେ ପ୍ରସୂତ

କେନ୍ଦୁଝର, (ଜିପ୍ର) : ଗର୍ଭ ଯନ୍ତ୍ରଣାରୁ ବଳି ଗଲା ଜନନୀ ସୁରକ୍ଷା ଯନ୍ତ୍ରଣା । ଗାଁକୁ ଆମ୍ବୁଲାନ୍ସ ନ ଯିବାରୁ ଟ୍ରାକଫରରେ ବୁହାହେଲେ ପ୍ରସୂତି । ଦୀର୍ଘ ୨ କିମି ପରେ ଆମ୍ବୁଲାନ୍ସରେ ଗଲେ ଡାକ୍ତରଖାନା । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝରଜିଲ୍ଲା ତେଲକୋଇ ବ୍ଲକ କରମଙ୍ଗି ପଞ୍ଚାୟତ ଅଲୁଣି ଗ୍ରାମର ହଳଦୀପାଣି ସାହିରେ । ଶନିବାର ସକାଳେ ଗ୍ରାମର ରୁବି ମୁର୍ମୁଙ୍କ ସ୍ତ୍ରୀ ସରସତୀ ମାରାଣ୍ଡି(୨୫)ଙ୍କ ପ୍ରଥମ ଗର୍ଭ ଯନ୍ତ୍ରଣା ହେବାରୁ ଆଶା ମାଳତୀ ହାଁସଦା ଆମ୍ବୁଲାନ୍ସକୁ ଡକାଇଥିଲେ । ଆମ୍ବୁଲାନ୍ସ ଆସିଲା ସତ କିନ୍ତୁ ରାସ୍ତା ଅବସ୍ଥା ଦୟନୀୟ ହୋଇଥିବାରୁ ଗାଁକୁ ଯାଇ ପାରିଲା ନାହିଁ । ଫଳରେ ଦୀର୍ଘ ଦୁଇ ଘଣ୍ଟା ପରେ ଏକ ଟ୍ରାକଫର ଯୋଗେ ଦୁଇ କିମି ଦୂର ନିକଟସ୍ଥ ବାଲିଯୋଡି ଗ୍ରାମ ନିକଟସ୍ଥ ଆମ୍ବୁଲାନ୍ସ ନିକଟକୁ ପ୍ରସୂତିଙ୍କୁ ନିଆଯାଇଥିଲା । ସକାଳ ୯ଟାରୁ ପୂର୍ବାହ୍ନ ୧୧ ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ କରାଯାଇଥିଲା । ଏଥିରେ ଗାଁଲୋକ ସହଯୋଗ କରିଥିଲେ । ପ୍ରଥମେ ତେଲକୋଇ ଓ ପରେ କେନ୍ଦୁଝର ଡାକ୍ତରଖାନାକୁ ପ୍ରସୂତିଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା । ସୂଚନାଯୋଗ୍ୟ ଯେ ଏହି ଅଲୁଣି ଗ୍ରାମରେ ୪ଟି ସାହି ରହିଛି । ଅଲୁଣି, ବିଜାଖୋଳ, କରଡାବଣି ଓ ହଳଦୀପାଣିର ସମସ୍ତ ଜନସାଧାରଣ ଆଦିବାସୀ ସମ୍ପ୍ରଦାୟ । ହଳଦୀପାଣିରେ ୩୫ ଟି ସାନ୍ତାଳୀ ପରିବାର ରହୁଛନ୍ତି । ସବୁ ଦିନିଆ ରାସ୍ତାଟିଏ ନ ଥିବାରୁ ଲୋକେ ଦୟନୀୟ ଜୀବନ ବିତାଉଛନ୍ତି । ପାଦଚଲା ମାଟି ରାସ୍ତା ।ଟିକିଏ ବର୍ଷା ହେଲେ ସାଇକେଲଟିଏ ଚଲାଇବା ମୁସ୍କିଲ । ଚକରେ କାଦୁଅ ଲାଗିଲେ ନାଁ ଆଗକୁ ନାଁ ପଛକୁ ଯିବା ସମ୍ଭବ । ମୁଖ୍ୟ ଗ୍ରାମକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ସାହି ଗୁଡ଼ିକର ସ୍ଥିତି ଦୟନୀୟ । ଯେଉଁଠି ଖରାଦିନେ ଆମ୍ବୁଲାନ୍ସ ଯାଉନାହିଁ, ସେଠି ବର୍ଷାଦିନ କଥା ନ କହିବା ଭଲ ।ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବଙ୍ଗଳା ଅଭିନେତା ରାହୁଲଙ୍କ ପରଲୋକ



ବାଲେଶ୍ୱର,୨୯।୩,(ସବ୍ୟୁ) : ତାଳଚେର ସମୁଦ୍ର ଅଞ୍ଚଳ ନିକଟରେ ଏକ ଫିଲ୍ମ ସୁଟିଂ ସମୟରେ ଦୁଃଖଦ ଘଟଣା ଘଟିଛି । ସୁଟିଂ ସମୟରେ ଦୁର୍ଘଟଣା ଘଟି ବଙ୍ଗଳା ଅଭିନେତା ରାହୁଲ ବାନାର୍ଜୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ସୁଟିଂ ସମୟରେ ସେ ଡଙ୍ଗାରୁ ସମୁଦ୍ରରେ ଖସି ପଡି ବୁଡି ଯାଇଥିଲେ । ତେବେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଦୀର୍ଘ ଜେନେରାଲ ହସ୍ପିଟାଲକୁ ନିଆଯାଇଥିଲା । ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଫିଲ୍ମ ସୁଟିଂ ସମୟରେ ଏଭଳି ଅଘଟଣ ଘଟଣା ଘଟିବା ନେଇ ଚିନ୍ତା ପ୍ରକାଶ ପାଇଛି । ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଥିଲା ତାର ତଦନ୍ତ ଚାଲିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆମେରିକା ଟାର୍ଗେଟରେ...

ଆକ୍ରମଣ କରି ଇରାନ ଜବାବ ଦେବା ପୂର୍ବରୁ ଫେରିଆସିବାକୁ ଯୋଜନା ରହିଛି । ତେବେ ଏହି ଆକ୍ରମଣ କିଛି ମାସ ମଧ୍ୟରେ ନୁହେଁ, କିଛି ସପ୍ତାହ ଭିତରେ ହୋଇପାରେ ବୋଲି କହିଛନ୍ତି ।

ସଠିକ୍ ଆକ୍ରମଣ ଦ୍ୱାରା ଇରାନର ସାମରିକ କ୍ଷମତାକୁ ନଷ୍ଟ କରିଦେବାକୁ ୱାସିଂଟନ ଯୋଜନା କରୁଛି । ଆମେରିକାର ସମ୍ଭାବ୍ୟ ଟାର୍ଗେଟ ମଧ୍ୟରେ ଇରାନର କ୍ଷେପଣାସ୍ତ୍ର ନିକ୍ଷେପ ପ୍ରଣାଳୀ, ବାୟୁ ପ୍ରତିରକ୍ଷା ଓ ଜାହାଜ ମାର୍ଗକୁ ବାଧା ଦେଉଥିବା ଉପକୂଳବର୍ତ୍ତୀ ପ୍ରତିଷ୍ଠାନଗୁଡ଼ିକ ରହିଛି । ଆମେରିକାର ଆକ୍ରମଣ ଯୋଜନାରେ ଇରାନର ସବୁଠୁ ଅଧିକ ତୈଳ ରପ୍ତାନିକାରୀ ଦ୍ୱୀପ ଖାର୍ଗ ରହିଛି । ଏହି ଦ୍ୱୀପକୁ କବ୍ଜାକୁ ନେଇଗଲେ ଇରାନର ଅର୍ଥନୀତିକୁ ବଡ଼ ଶକ୍ତ ଧକ୍କା ହେବ ଓ ତେହେରାନ ବୁଝାମଣା କରିବାକୁ ବାଧ୍ୟ ହେବ ବୋଲି ଆମେରିକା ଅନୁମାନ କରୁଛି । ହର୍ମୁଜ ପ୍ରଣାଳୀ ଉପରେ ଆକ୍ରମଣ ମଧ୍ୟ ଆମେରିକା ଯୋଜନରେ ସାମିଲ ହୋଇଛି, ଯଦ୍ୱାରା ପରିବହନ ଓ ସାମରିକ ଜାହାଜ ଚଳାଚଳ ସ୍ୱାଭାବିକ ହୋଇପାରିବ । ତେବେ ଏହା ଶେଷ ମୁହୂର୍ତ୍ତର ଯୋଜନା ନୁହେଁ, ବରଂ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଯୁଦ୍ଧ ରଣନୀତି ବୋଲି ଜଣେ ପୂର୍ବତନ ସେନା ଅଧିକାରୀ କହିଛନ୍ତି ।

ପେଣ୍ଟାଗନ୍ ଏଥିରେ ଚାରିଟି ଦିଗକୁ ଗୁରୁତ୍ୱ ଦେଉଛି, ଯେଉଁଥିରେ ଖାର୍ଗ ଦ୍ୱୀପ କବ୍ଜାକୁ ନେବା, ହର୍ମୁଜ ପ୍ରଣାଳୀ ନିୟନ୍ତ୍ରଣକୁ ନେବାରେ ସାହାଯ୍ୟ କରୁଥିବା ଲାରାକ ଦ୍ୱୀପକୁ ଟାର୍ଗେଟ କରିବା, ଅବୁ ମୁସା ସମେତ ୟୁଏଇ ସହିତ ବିବାଦରେ ଥିବା ଅନ୍ୟ ଦ୍ୱୀପ କବ୍ଜାକୁ ନେବା ଓ ଚତୁର୍ଥ ଯୋଜନାରେ ଇରାନରୁ ତୈଳ ପରିବହନ କରୁଥିବା ଜାହାଜଗୁଡ଼ିକୁ ଟାର୍ଗେଟ କରିବାକୁ ଯୋଜନା ରହିଛି । ଅଧିକ ଆକ୍ରାମକ ଯୋଜନାରେ ଇରାନର ଅଧିକ ଭିତରକୁ ପ୍ରବେଶ କରି ଏହାର ପରମାଣୁ କେନ୍ଦ୍ରରୁ ୟୁରାନିୟମ୍ ହାସଲ କରିବା ପାଇଁ ଯୋଜନା ରହିଛି । ଏଥିରେ ଉଭୟ ସ୍ଥଳ ଓ ବଡ଼ଧରଣ ଏୟାରଷ୍ଟ୍ରାଇକର ଆବଶ୍ୟକତା ପଡ଼ିବ ବୋଲି ଆମେରିକା ଅନୁମାନ କରୁଛି । ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କେରୋଲିନ୍ ଲିଭିଟ୍ କହିଛନ୍ତି, କୌଣସି ଚୁକ୍ତି ଚୂଡ଼ାନ୍ତ ହୋଇନପାରିଲେ ଏପରି ବଡ଼ଧରଣର ଆକ୍ରମଣ ଯୋଜନା କାର୍ଯ୍ୟକାରୀ ହେବ । ରାଷ୍ଟ୍ରପତି କିଛି ଭୁଲ କହୁନାହାନ୍ତି, ସେ ଏହି ନର୍କକୁ ସମାପ୍ତ କରିବାକୁ ପ୍ରସ୍ତୁତ ଅଛନ୍ତି ।

### ୩ ଗୁଣା ଚଢ଼ାଦରରେ...

ବେଳେ ୟୁନିଟ୍-୪ ହାଟରେ ଆଳୁ କେଜି ୧୭ରୁ ୨୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି । ସେହିପରି କୋଟିଲେଇ ହାଟରେ ଆଳୁ ୧୫ରୁ ୧୭ ଟଙ୍କା, ଭିଏସଏସ ନଗର ହାଟରେ ୧୭ ଟଙ୍କା, ଇନ୍ଦ୍ରଧନୁ ମାର୍କେଟରେ ୧୭ରୁ ୨୦ ଟଙ୍କା ଏବଂ ଅନ୍ୟ ଅଞ୍ଚଳ ଗୁଡ଼ିକରେ ଖୁଚୁରାରେ ଆଳୁ ଦର ୩ ଗୁଣା ଚଢ଼ା ଦରରେ ବିକ୍ରି କରାଯାଉଥିବା ଜଣାପଡିଛି ।

କେବଳ ଭୁବନେଶ୍ୱର ନୁହେଁ, ବିଭିନ୍ନ ସହରରେ ଆଳୁ ଏବେ ଚଢ଼ା ଦରରେ ମିଳୁଛି । ଅସାଧୁ ବ୍ୟବସାୟୀଙ୍କୁ ରୋକ ଲଗାଇବାରେ ସରକାର ବିଫଳ ହୋଇଛନ୍ତି । ଏଦିଗରେ ଯୋଗାଣ ବିଭାଗ କୌଣସି ପଦକ୍ଷେପ ନନେଇ ଚୁପ ବସି ଯାଇଛି । ଫଳରେ ଏହାର ସୁଯୋଗ ନେଉଛନ୍ତି ଖୁଚୁରା ବ୍ୟବସାୟୀ । ଖୁଚୁରା ବ୍ୟବସାୟୀମାନେ ଆଳୁ କେଜି ୨.୫ରୁ ୪ ଟଙ୍କାରେ ଆଳୁ କିଣି ୧୭ରୁ ୨୦ ଟଙ୍କା ବିକ୍ରି କରୁଛନ୍ତି । ଖୁଚୁରା ବ୍ୟବସାୟୀଙ୍କ ଚଢ଼ା ଦର କ୍ଷତି ସହୁଛନ୍ତି ସାଧାରଣ ଖାଉଟି । ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ଟିମ୍ ବିଭିନ୍ନ ହାଟ ଓ ମାର୍କେଟରେ ଚଢ଼ାଉ କରିବାକୁ ଦାବି ହେଉଛି ।

ଯେଉଁ ସମୟରେ ଆଳୁର ଅଭାବୀ ଥିଲା ସେତେବେଳେ ଆଳୁ ଚଢ଼ା ଦରରେ ବିକ୍ରି ହେଉଥିଲା । କାରଣ ଆଳୁ ଅଧିକ ମୂଲ୍ୟରେ କିଣିବାକୁ ପଡୁଥିବା ବେଳେ ଦର ଅଧିକ ଥିଲା । କିନ୍ତୁ ଏବେ ଆଳୁ ସମ୍ପୂର୍ଣ୍ଣ ଶସ୍ତା ହୋଇଯାଇଛି । ଆଇଗିଣିଆ ଗୋଦାମରେ ଆଳୁ ବସ୍ତା ୨୫୦ରୁ ୪୫୦ ଯାଏଁ ବିକ୍ରି ହେଉଛି । ହେଲେ ଖୁଚୁରା ବଜାରରେ ଏହି ଦର ୩ ଗୁଣା ହୋଇଯାଇଛି । ଏହି ଦରରେ ତୁରନ୍ତ ଗହ୍ନକୁ ଲାଗିବା ପାଇଁ ସାଧାରଣ ଦାବି ହୋଇଛି ।

### ସମ୍ବଲପୁରର ସୁଜାତା ମହିଳା...

ଲୋକପ୍ରିୟ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୩୨ତମ ସଂସ୍କରଣରେ ଆଜି ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ସେ ଦେଶବିଦେଶର ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ତେବେ ମହିଳା ସଶକ୍ତିକରଣ ଉପରେ ସମ୍ବଲପୁରର ସୁଜାତା ଭୂୟାଁଙ୍କୁ ପ୍ରଶଂସା କରିଥିଲେ ।

ସେହିପରି ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲା ଓମ୍ ପ୍ରକାଶ ଏବଂ ପଞ୍ଜାବର ମୋହାଲିର ଆଞ୍ଚଳ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଉପାୟ ପରାମର୍ଶ ଦେଇଥିଲା ବେଳେ ହରିୟାଣାର ଯମୁନାନଗର ନିବାସୀ ପ୍ରଥମ ବରାର ଏକ ସବୁଜ ଏବଂ ସ୍ୱଚ୍ଛ ଭାରତ ହେଉଛି ଏକ ସମୃଦ୍ଧ ଭାରତର ପଥ ବୋଲି ବାର୍ତ୍ତା ଦେଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

### ବିଧାୟିକାଙ୍କ କ୍ୱାର୍ଟର୍ସରେ...

ସ୍ୱାମୀ ଦୁର୍ଗାପ୍ରସାଦ ମହାନ୍ତି ୧୫ଦିନ ପୂର୍ବରୁ କେସିଙ୍ଗା ତହସିଲଦାରଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ । ତହସିଲଦାର ତାଙ୍କ ଗାଳିଗୁଲଜ ଓ ହତ୍ୟା ଧମକକୁ ନେଇ କେସିଙ୍ଗା ଥାନାରେ ଏତଲା କରିବା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ଦୁର୍ଗାପ୍ରସାଦ ମହାନ୍ତିଙ୍କୁ ଖୋଜଖବର କରୁଛି । ୧୫ଦିନ ହେବ ତାଙ୍କ ସନ୍ଧାନ ପୋଲିସ ପାଉନଥିବାରୁ ରବିବାର ତାଙ୍କ ସ୍ତ୍ରୀ ବିଧାୟିକା ମନୋରମା ମହାନ୍ତିଙ୍କ ଭୁବନେଶ୍ୱର ସ୍ଥିତ ଡିଏସ୍ ୧୫/୨ ସରକାରୀ କ୍ୱାର୍ଟର୍ସକୁ ଆସିଥିଲା । କେସିଙ୍ଗା ପୋଲିସ ଟିମ୍ ଆସିବା ବେଳେ ବିଧାୟିକା କ୍ୱାର୍ଟର୍ସରେ ନଥିଲେ । ତାଙ୍କ ସହାୟିକା ଓ ଝିଅ କ୍ୱାର୍ଟର୍ସରେ ଥିଲେ । ଘର ଭିତରକୁ ଯାଇ ଦୁର୍ଗାପ୍ରସାଦଙ୍କୁ ଖୋଜଖବର ଉଦ୍ୟମ କରିଥିଲା । ଝିଅ ଓ ସହାୟିକା ତାଙ୍କୁ ବାରଣ କରିବାରୁ ପୋଲିସ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ବିଧାୟିକା ଅଭିଯୋଗ କରିଛନ୍ତି । ପୋଲିସ ଆସିବା ବେଳେ କ୍ୱାର୍ଟର୍ସ ପାଖରେ ବିଜେଡି କର୍ମୀଙ୍କ ସହ ଯୁକ୍ତିତର୍କ ହୋଇଥିଲା । ବିଜେଡି କର୍ମୀଙ୍କ କହିବାନୁଯାୟୀ ଆମ ବିଧାୟିକାଙ୍କୁ ରାଜ୍ୟସଭା ନିର୍ବାଚନରେ ପ୍ରଭାବିତ କରିବାକୁ ବିଫଳ ହେବା ପରେ ତାଙ୍କ ସ୍ୱାମୀ ନାମରେ ମିଛ କେସ୍ କରାଯାଇ ହଇରାଣ ହରକତ କରାଯାଉଛି ।

ବିଧାୟିକା ମନୋରମା ମହାନ୍ତି କ୍ୱାର୍ଟର୍ସକୁ ଫେରିବା ପରେ ତାଙ୍କ ଝିଅ ସମସ୍ତ କଥା କହିଥିଲେ । ମା' ଝିଅଠାରୁ ପୋଲିସର ମାତ୍ରାଧିକ କାର୍ଯ୍ୟ ସମ୍ପର୍କରେ ଶୁଣିବା ପରେ ସାମ୍ବାଦିକ ସମ୍ମିଳନୀ କରି ପୋଲିସ ବିରୋଧରେ ଅଭିଯୋଗ କରିଛନ୍ତି । ବିଧାୟିକାଙ୍କ କହିବା କଥା ମୁଁ କ୍ୱାର୍ଟର୍ସରେ ଥିଲେ ପୋଲିସକୁ ଚାପୁଡା ମାରିଥାନ୍ତି । ଭାଗ୍ୟଭଲ ସେମାନେ ଆସିବା ବେଳକୁ ମୁଁ କ୍ୱାର୍ଟର୍ସରେ ନଥିଲି । ସୂଚନା ନଦେଇ ପୋଲିସ କାହିଁକି ଜଣେ ବିଧାୟିକାଙ୍କ କ୍ୱାର୍ଟର୍ସକୁ ଆସିଲା ବୋଲି ସେ କହିବା ସହ ତାଙ୍କ ଝିଅ ଓ ସହାୟିକାଙ୍କୁ ପୋଲିସ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ସେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

କଳାହାଣ୍ଡି ଏସ୍‌ପିଙ୍କ ବିଧାୟିକାଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ତାଙ୍କ କହିବା କଥା ପୋଲିସ ଦୁର୍ଗାପ୍ରସାଦଙ୍କୁ ପଚରାଉଚରା କରିବା ପାଇଁ ଭୁବନେଶ୍ୱର କାର୍ଟର୍ସକୁ ଯାଇଥିଲା । ପୋଲିସ ଟିମ୍ ତାଙ୍କ ସହାୟିକା ଓ ଝିଅକୁ ଗାଳିଗୁଲଜ କରିବା କଥା ମିଛ । ୧୫ଦିନ ହେବ ଏତଲା ହୋଇଥିବା ବେଳେ ଅଭିଯୁକ୍ତ ଦୁର୍ଗାପ୍ରସାଦଙ୍କ ସନ୍ଧାନ ପୋଲିସ ନପାଇବାରୁ ତାଙ୍କ ସ୍ତ୍ରୀଙ୍କ କ୍ୱାର୍ଟର୍ସକୁ ଯାଇଥିଲା । କ୍ୱାର୍ଟର୍ସରେ ତାଙ୍କୁ ପାଇଥିଲେ ପୋଲିସ ପଚରାଉଚରା କରି ଫେରିଥାନ୍ତା । ପୋଲିସ ଟିମ୍ ଦୁର୍ଗାପ୍ରସାଦ ଓ ତାଙ୍କ ସ୍ତ୍ରୀକୁ କ୍ୱାର୍ଟର୍ସରେ ନପାଇ ଫେରିଆସିଛି ।

### ପୋଲିସ ଏନକାଉଣ୍ଟରରେ...

ସମୟ ରହିଥିବା ବେଳେ ନକ୍ସଲ ବନ୍ଧୁକ ନଛାଡି ମୃତ୍ୟୁକୁ ଆପେଣିଛନ୍ତି । ଏବେ ବି ପୁଲିସ ଜଂଗଲରେ ବୁଲୁଥିବା ନକ୍ସଲଙ୍କୁ ସମୟ ଦେଉଛି ତୁରନ୍ତ ଶେଷ ସମୟ ସୀମା ପୂର୍ବରୁ ଆତ୍ମସମର୍ପଣ କରି ବାକି ଜୀବନ ଖୁସିରେ କଟାନ୍ତୁ ।

### ଚୀନ ପ୍ରସ୍ତାବକୁ...

ଆମେ ଏହାକୁ ଡବ୍ଲ୍ୟୁଟିଓ ଢାଞ୍ଚାରେ ଯୋଡ଼ିବାକୁ ଚାହୁନାହୁଁ ବୋଲି ସେ କହିଛନ୍ତି । ଚୀନ ନେତୃତ୍ୱରେ ଏକ ଗୋଷ୍ଠୀ ଗଳାବାଟରେ ଏହି ବିବାଦୀୟ ପ୍ରସ୍ତାବକୁ ଡବ୍ଲ୍ୟୁଟିଓ ଢାଞ୍ଚାରେ ସାମିଲ କରିବାକୁ ଉଦ୍ୟମ କରୁଛନ୍ତି । ଏହି ପ୍ରସ୍ତାବ କେବଳ ସେହି ଦେଶମାନଙ୍କ ପାଇଁ ପର୍ଯ୍ୟାପ୍ତ ଯେଉଁମାନେ ସେଥିରେ ସ୍ୱାକ୍ଷର କରିଛନ୍ତି । ଚୀନ ଉପରେ ନିର୍ଭରଶୀଳ ଦେଶଗୁଡ଼ିକ ପ୍ରଥମେ ୨୦୧୭ରେ ଏହି ଚୁକ୍ତିର ପ୍ରସ୍ତାବ ଦେଇଥିଲେ । ଏହା ଏକ ବହୁପାକ୍ଷିକ ଚୁକ୍ତି । ୧୬୦ଟି ଦେଶ ମଧ୍ୟରୁ ୧୨୮ ଟି ଦେଶ ଏଥିରେ ରାଜି ହୋଇଛନ୍ତି । ଏହା ଉପରେ ବିଶ୍ୱ ବାଣିଜ୍ୟ ସଂଗଠନକୁ ସତର୍କ କରାଇ ଭାରତ କହିଛି ଯେ ଶୁଳ୍କକୁ ଯଥାର୍ଥ କିମ୍ବା ବୈଧ କରିବାର ଘରୋଇ ନୀତିକୁ ଚ୍ୟାଲେଞ୍ଜ କରିବା ପାଇଁ ଡବ୍ଲ୍ୟୁଟିଓର ସ୍ୱଚ୍ଛତା ବ୍ୟବସ୍ଥାର ଅପବ୍ୟବହାର ନ କରାଯାଉ ।

# ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ : ଭିକ୍ଷା ବୃତ୍ତି ଆପଣାଇଲା ସ୍ତ୍ରୀ



ନୀଳଗିରି,(ସବ୍ୟୁ) : କଥାରେ ଅଛି ବାପ ଥିଲେ ପୁଅ ସଭା ରେ ହାରେନା । ପିଲା ମାନଙ୍କର ମେରୁଦଣ୍ଡ ହେଉଛନ୍ତି ବାପା । ବାପା ଦୁନିଆ ଛାଡ଼ି ଚାଲିଗଲା ପରେ ଅନାଥ ହୋଇ ପଡନ୍ତି ପିଲାମାନେ । ଶତ୍ରୁ ହୋଇଯାଆନ୍ତି ରକ୍ତ ର ସଂପର୍କୀୟ ମାନେ । ଶେଷରେ ଅନାଥ ବାପ ଛେଉଣ୍ଡ ପିଲା ମାନଙ୍କ ପେଟକୁ ମୁଠାଏ ଖାଇବାପାଇଁ ଭିକ୍ଷା ବୃତ୍ତିକୁ ଆପଣାଇ ନିଏ ବିଧବା ମାଆ । ଏପରି ଏକ ଘଟଣା ନିଳଗିରି ସହର ଅନ୍ତର୍ଗତ ଏନ୍.ଏ.ସି ର ୧୨ନମ୍ବର ଓ୍ୱାର୍ଡ ରାଇଗାଁ ର ରାଜେନ୍ଦ୍ର ପରିଡ଼ାଙ୍କ ପରିବାରରେ ଦେଖିବାକୁ ମିଳିଛି । ସ୍ୱାମୀ ରାଜ ମିସ୍ତ୍ରୀ ଭାବେ କାମ କରି ପରିବାରକୁ ଭରଣ ପୋଷଣ କରି ଆସୁଥିଲେ । ବଡ଼ ପୁଅ ମାନସ (୧୦) ଓ ସାନ ପୁଅ ମନୋଜ (୪) । ଆଜକୁ ପ୍ରାୟ ୬ମାସ ପୂର୍ବରୁ ସ୍ୱାମୀ ରାଜେନ୍ଦ୍ରର ଶେରଗଡ଼ ନିକଟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ଏହା ରାଜେନ୍ଦ୍ରର ମର ଶରୀର ବୋଲି ପରିବାର ଲୋକେ ଜାଣି ପାରିଲେ ନାହିଁ । ଦୁଇ ଦିନ ପରେ ସ୍ତ୍ରୀ ସୁମତି ତାଙ୍କ ସ୍ୱାମୀଙ୍କ ମୃତ ଦେହ ବୋଲି ଜାଣିଲା ପରେ ମର ଶରୀରକୁ ଗାଁ କୁ ଆଣି ମାଗି ଯାଚି ଶୁଦ୍ଧିକ୍ରିୟା ହୋଇଥିଲେ । ଏବେ ବିଧବା ସ୍ତ୍ରୀ ଟି ଦୁଇ ପିଲାଙ୍କୁ ସଠିକ୍ ଭାବେ ଖାଇବାକୁ ଦେଇ ପାରୁନଥିବା ବେଳେ ଶେଷରେ ଭିକ୍ଷା ବୃତ୍ତିକୁ ଆପଣାଇ ନେଇଛି । ନୀଳଗିରି ସହରରେ ଦୁଇ ପିଲାଙ୍କୁ ଧରି ଦୋକାନ ଦୋକାନ ବୁଲି ମାଗୁଥିବାର ଦେଖିବାକୁ ମିଳିଛି । ବଡ଼ ପୁଅ ବିମ୍ବୁରିଆ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ଏବେ ପଢାରେ ଡୋରି ବନ୍ଧା ହୋଇ ପାରେ ବୋଲି ମା ସୁମତି ପରିଡ଼ା ଛଳ ଛଳ ଆଖିରେ ନିଜର ଦୁଃଖଭରା କାହାଣୀ ପ୍ରକାଶ କରିବା ସହ ପଇସା କୋଉଠି ପାଇବି ପୁଅ କୁ ପାଠ ପଢାଇବି । ସବୁ ସେହି ଭଗବାନ ଙ୍କ ହାତରେ । ଯାହାବି ଜମିବାଡ଼ି ଅଛି ମୋତେ କିଛି ବି ଦେଉ ନାହାନ୍ତି । ବଡକଷ୍ଟ ରେ ଦୁଇ ପୁଅ ଙ୍କୁ ଚଳାଉଛି ବୋଲି କୋହ ଭରା କ=ରେ ପ୍ରକାଶ କରିଛନ୍ତି । ନା ଅଛି ଆବାସ ଗୃହ ନା ମିଳୁଛି ଭତ୍ତା । ଭତ୍ତା ପାଇଁ ଏ ଅଫିସ୍ ରୁ ସେ ଅଫିସ ଯାଇ ଯାଇ ନୟାନ୍ତ ହୋଇ ପଡିଛନ୍ତି ସୁମତି ରେସନ କାର୍ଡ ପାଇଁ ଆ ପାଖରୁ ତା ପାଖକୁ ଯାଇ ଯାଇ ନୟାନ୍ତ ହୋଇ ପଡ଼ିଥିବା ବେଳେ କେବେ ବିଧବା ମହିଳା ଙ୍କୁ ରାସନ୍ କାର୍ଡ ମିଳିବ, କି ପଦକ୍ଷେପ ନେବେ ନିର୍ବାହୀ ଅଧିକାରୀ ତାହା ଦେଖିବାକୁ ବାକି ରହିଲା ।

# ମଣିନାଥପୁର ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

ଭଣ୍ଡାରିପୋଖରୀ, (ସବ୍ୟୁ): :ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମଣିନାଥପୁର ନାଟ୍ୟ ମହୋତ୍ସବ ଶନିବାର ଉଦଯାପିତ ହୋଇଯାଇଛି । ଗ୍ରାମର "ଗୋପିନାଥଜୀଉ ଯୁବ ନାଟ୍ୟ ପରିଷଦ' ଆନୁକୂଲ୍ୟରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବକୁ ସମାଜସେବୀ ଉମାକାନ୍ତ ବେଉରିଆ ଉଦଘାଟନ କରିଥିଲେ । ସାମ୍ବାଦିକ ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପକ ଅନାଦି ଚରଣ ସାହୁ ମୁଖ୍ୟବକ୍ତା, ନାଟ୍ୟ ନିର୍ଦ୍ଦେଶକ ଅକ୍ଷୟ କୁମାର ଭାରତୀ, ଯଦୁମଣି ସାମଲ, ବ୍ରଜକିଶୋର ମଲ୍ଲିକ, ଗଜେନ୍ଦ୍ର ଦାସ, ଅରବିନ୍ଦ ନାୟକ, ସୁଶାନ୍ତ ବରାଳ ଓ ଭୋଳାନାଥ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବଙ୍ଗତ ନାଟ୍ୟ ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ନାୟକ ଓ ବରିଷ୍ଠ ନାଗରିକ ଖଗେଶ୍ୱର ସାମଲଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ଗ୍ରାମର ନାଟ୍ୟ ପରମ୍ପରାକୁ ବଜାୟ ରଖିଥିବା ଯୁବ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ । ନିର୍ଦ୍ଦେଶକ ଶ୍ରୀ ଭାରତୀଙ୍କ ନିର୍ଦ୍ଦେଶନାରେ "ଆଖିର କୋହକୁ ଦେଖିଛି କିଏ' ଓ "ଜହ୍ନ ରାତିରେ ଝଡ଼' ନାଟକ ଗ୍ରାମ୍ୟ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ନାଟ୍ୟ ପରିଷଦ ସଭାପତି ଅଜୟ ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ପାଦକ ବିବେକାନନ୍ଦ ମଲ୍ଲିକ, ସହସମ୍ପାଦକ ରାଜକିଶୋର ସାମଲ, ଉପସଭାପତି ନରେନ୍ଦ୍ର ଦାସ, କୋଷାଧ୍ୟକ୍ଷ ସନ୍ତୋଷ ସେଠୀ ପ୍ରମୁଖଙ୍କ ସମେତ ଗ୍ରାମବାସୀମାନେ ମହୋତ୍ସବ ପରିଚାଳନା କରିଥିଲେ ।

# ସମ୍ବର ମାରି ୪ ଶିକାରୀ ଗିରଫ



ଠାକୁରମୁଣ୍ଡା ,(ସବ୍ୟୁ) :ମୟୁରଭଞ୍ଜ ଜିଲ୍ଲା ଶିମିଳିପାଳ ବନ୍ୟପ୍ରାଣୀ ବନାଞ୍ଚଳ ଠାକୁରମୁଣ୍ଡା କାର୍ଯ୍ୟାଳୟ ବଡାଲିପସି ସେକ୍ସନର କର୍ମଚାରୀ ୨୭ ତାରିଖ ପେଟ୍ରୋଲିଂ କରୁଥିବା ବେଳେ ଅସନକୁଦର ମାହାଲି ସାହି ନିକଟ ଶିମିଳିପାଳ ଅଭୟାରଣ୍ୟ କ୍ୟାଣ୍ଟନମେଣ୍ଟ ନଂ ଟିଏଲ-୮ ନିକଟରେ ସମ୍ବର ମାରି ମାଂସ କାଟୁଥିବା ବେଳେ ନବିଭାଗ କର୍ମଚାରୀ ଙ୍କୁ ଦେଖି ଶିକାରୀ ଚମ୍ପଟ ମାରିଥିଲେ । ନବିଭାଗ ସର୍ଚ୍ଚ ଅପରେସନ କରୁଥିବା ବେଳେ ଅସନକୁଦର ଗ୍ରାମର ଅର୍ଜୁନ ମାହାଲି (୩୫) କୁ ଧରି ପଚରାଉଚରା କରିଥିଲେ । ଅର୍ଜୁନ ମାହାଲି ଠାରୁ ସୂଚନା ପାଇ ବନବିଭାଗ ୨୮ ତାରିଖ ସକାଳେ ଚଢ଼ାଉ କରି ଅଶନକୁଦୁର ଗ୍ରାମର ସୁନିଲ ମାହାଲି (୨୩), ବିକ୍ରମ ମାହାଲି (୪୧) ଏ ରାଣିଭୋଳ ଗ୍ରାମରିରଗା ଡାଙ୍ଗିଲ ( ୫୦) ଙ୍କୁ ଉଠାଇ ନେଇ ପଚରା ଉଚୁରା କରିଥିଲେ । ନବିଭାଗ କର୍ମଚାରୀ ୧୫୧ କିଲୋଗ୍ରାମ ସମ୍ବର ମାଂସ ଏବଂ ଦୁଇଟି କୁରାଢ଼ି କୁ ଘଟଣାସ୍ଥଳରୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା । ବନ୍ୟପ୍ରାଣୀ ବନାଞ୍ଚଳ କେଶ ନଂ ୫ ଟିଡବ୍ଲ୍ୟୁଏଲ, ବଣ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଧାରା ୯,୨୭,୨୯,୩୧,୩୯,୪୯ଇ ଓ ୫୨ ଆଧାରରେ ବାରିପଦା ସିଜେଏମ କୋର୍ଟରେ ହାଜର କରିବା ପରେ ଜାମିନ ନାମଞ୍ଜୁର କାରଣରୁ ଆସାମୀଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ଟି ବିରିଜ ତଳ ମହାନଦୀରେ ବୁଡ଼ି ମୃତ



ବାଙ୍କୀ ,(ସବ୍ୟୁ) : କଟକ ଜିଲ୍ଲା ବାଙ୍କୀ ବ୍ଲକ ବୈଦେଶ୍ୱର୍ ଟି ବ୍ରିଜ ତଳେ ମହାନଦୀ ପାଣିରେ ଗାଧୋଇବାକୁ ଯାଇ ୨ ଜଣଙ୍କର ମୃତ୍ୟୁ ହୋଇଯାଇଛି । ମୃତକ ୨ଜଣ ବୈଦେଶ୍ୱର ଗ୍ରାମର ଦୁଇ ସାଙ୍ଗ ଶୋଭନ ମହାନ୍ତି ଓ ଶୋଭନ ରାଉତ । ପ୍ରତି ଦିନ ଭଳି ରବିବାର ପୂର୍ବାହ୍ନ ୧୧ଟାରେ ଦୁହେଁ ଗାଧୋଇବା ବେଳେ ପ୍ରଥମେ ଶୋଭନ ମହାନ୍ତି ଭାସି ଯାଉ ଥିବାର ଦେଖି ଶୋଭନ ରାଉତ ତାଙ୍କୁ କୂଳକୁ ସ୍ରୋତରୁ ଟାଣି ଆଣି ଥିଲା, କିଛି ସମୟ ପରେ ନିଜେ ଶୋଭନ ରାଉତ ଗଭୀର ପାଣିରେ ଭାସି ଯାଇ ଥିଲା । ବୁଡ଼ି ଯାଉଛି ବୋଲି ମହାନ୍ତି ସାଙ୍ଗ ଚିତ୍କାର କରୁଥିବା ବେଳେ କିନ୍ତୁ କେଉଁ ଆଡ଼େ ଭାସି ଯାଇ ନିଖୋଜ ହୋଇ ଯାଇଥିବାର ସୂଚନା ଦେଇଥିଲେ ଶୋଭନ ମହାନ୍ତି । ଖବର ପାଇ ଅଗ୍ନିଶମ ବଡମ୍ବା ଓ ବାଙ୍କୀରୁ ତିନି ଗୋଟି ଅଗ୍ନିଶମ ବିଭାଗ ଟିମ ପହଞ୍ଚି ମହାନଦୀ ପାଣିରେ ଖୋଜା ଖୋଜି ଆରମ୍ଭ କରିଥିଲେ । ଦୀର୍ଘ ପାଞ୍ଚ ଘଣ୍ଟା କାଳ ଖୋଜା ଖୋଜି ପରେ ଗ୍ରାମର କିଛି ନାବିକ ଉଦ୍ଧାର କରି ଅଗ୍ନିଶମ ବିଭାଗକୁ ହସ୍ତାନ୍ତର କରିଥିଲେ ପରେ ଉଦ୍ଧାର ନାବାଳକକୁ ଚିକିତ୍ସା ପାଇଁ ବଡମ୍ବା ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ଉଭୟେ ସାଙ୍ଗ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଛନ୍ତି ।

# ସାଲନ୍ଦୀ ନର୍ସିଂ ସ୍କୁଲର ବକ୍ତୃତା ପ୍ରତିଯୋଗିତା

ଭଦ୍ରକ,(ସବ୍ୟୁ) : ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ-୨୦୨୬ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ସାଲନ୍ଦୀ ନର୍ସିଂ ସ୍କୁଲର ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ଭବନରେ ଓଡ଼ିଆ ଭାଷାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ସାଲନ୍ଦୀ ହସ୍‌ପିଟାଲ ସତ୍ତ୍ୱାଧିକାରୀ ଓ ସାଲନ୍ଦୀ ନର୍ସିଂ ସ୍କୁଲର ଚେୟାରମ୍ୟାନ ଡା.ପ୍ରଭାସ କୁମାର ମହାନ୍ତି ପରିଚାଳନା କରିଥିଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣ ପ୍ରସାଦ ସାହୁ,ଆରତୀ ମହାନ୍ତି ଏବଂ ଭାଗୀରଥି ମହାରଣା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ । ଏହି ପ୍ରତିଯୋଗିତାରେ ବରିଷ୍ଠ ବିଭାଗରଦେଶପ୍ରେମ ଓ ଛାତ୍ର ସମାଜବିଷୟ ବସ୍ତୁ ଉପରେ ବକ୍ତୃତାରେ ସରକାରୀ ଉଚ୍ଚବିଦ୍ୟାଳୟ,ଭଦ୍ରକର ସୁପ୍ରିୟା ଗିରି ପ୍ରଥମ,ପିରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭୋଳା ଶଙ୍କର ପଣ୍ଡା ଦ୍ୱିତୀୟ ଓ କାହ୍ନ ।ଚରଣ ହାଇସ୍କୁଲ,ଉତ୍ତର ବାହିନୀର ସୁଭମ କୁମାର ମହାରଣା ତୃତୀୟ ସ୍ଥାନ ଅଧିକାର କରିଥିଲେ । କନିଷ୍ଠ ବିଭାଗରେନବଡକିଳର ନିର୍ମାଣବିଷୟ ବସ୍ତୁ ସମ୍ବଳିତ ବକ୍ତୃତାରେ ଅପର୍ତ୍ତି ଚରଣ ଉଚ୍ଚ ବିଦ୍ୟାଳୟ,ଘଂଟେଶ୍ୱରର ସତ୍ୟବ୍ରତ ପାଣିଗ୍ରାହୀ ପ୍ରଥମ,ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ତିହିଡ଼ିର ଶର୍ମିଷ୍ଠା ଭୋଇ ଦ୍ୱିତୀୟ,ଡିଏଭି ମଦନ ମୋହନ ପବ୍ଲିକ ସ୍କୁଲର ମନିଶା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ପ୍ରତିଯୋଗୀତାରେ ଜିଲ୍ଲାରୁ ଶତାଧିକ ଛାତ୍ରଛାତ୍ରୀ ଭାଗନେଇଥିଲେ । ବରିଷ୍ଠ ବିଭାଗର ଶ୍ରେଷ୍ଠ ପ୍ରତିଯୋଗୀ ସୁପ୍ରିୟା ଗିରି ଆସନ୍ତା ଓଡ଼ିଶା ଦିବସ ଉପଲକ୍ଷେ ରାଜ୍ୟସ୍ତରରେ ହେବାକୁ ଥିବା ବକ୍ତୃତା ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାକୁ ପ୍ରତିନିଧିତ୍ୱ କରି ଅଂଶ ଗ୍ରହଣ କରିବା ପାଇଁ ବିବେଚିତ ହୋଇଛନ୍ତି । ସମସ୍ତ କୃତୀ ପ୍ରତିଯୋଗୀମାନେ ଆସନ୍ତା ଓଡ଼ିଶା ଦିବସ ଅପରାହ୍ନ ୫.୩୦ ସମୟରେ ଭଦ୍ରକ ସହୀଦସ୍ମୃତି ଭବନରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟଅତିଥିଙ୍କ ପାଖରୁ ପୁରସ୍କାର ଗ୍ରହଣ କରିବେ ।

# ଜନଗଣନା ୨୦୨୭ ପ୍ରଥମ ପର୍ଯ୍ୟାୟ ତାଲିମ

ଠାକୁରମୁଣ୍ଡା,(ସବ୍ୟୁ) :ଜନଗଣନା ୨୦୨୭ ପ୍ରଥମ ପର୍ଯ୍ୟାୟ ( ଗୃହ ଗଣନା )ତାଲିମ ଠାକୁରମୁଣ୍ଡାରେ ଅନୁଷ୍ଠିତ ହୋଇଯାଇଛି ।ତହସିଲଦାର ତଥା ଚାର୍ଜ ଅଫିସର ସମ୍ବିତ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣନାକାରୀ ଓ ସୁପରଭାଇଜର ମିଶାଇ ୨ ଟି ବ୍ୟାଚରେ ୧୦୦ ଜଣଙ୍କୁ ତାଲିମ ଦିଆଯାଇଛି । ବ୍ଲକ ସଭାଗୃହ ଏବଂ କୃଷି ବିଭାଗ ସଭା ଗୃହରେ ଏକକାଳୀନ ଆୟୋଜିତ ଏହି ତାଲିମ ୨୩ ତାରିଖରେ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହୋଇଛି । ତାଲିମ ଦାତା ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ, ଏମଆଇ ଦିଲ୍ଲୀପ କୁମାର ସାହୁ, ଗୋଷ୍ଠୀ କୃଷି ଅଧିକାରୀ କ୍ଷୀରୋଦ ବରେନ ଚାନ୍ଦ ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ ତାଲିମ ପ୍ରଦାନ କରିଥିଲେ ।ଗୃହ ଗଣନା ସମ୍ପୂର୍ଣ୍ଣ ଡିଜିଟାଲ ହୋଇଥିବାରୁ କିପରି ସତର୍କତାର ସହ କରାଯିବ ସେ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରାଯାଇଛି । ୨ ଟି ପର୍ଯ୍ୟାୟରେ ସମୁଦାୟ ୨୦୧ ଗଣନାକାରୀ ଓ ୪୦ ଜଣ ସୁପରଭାଇଜର ତାଲିମ ନେବେ । ଜନଗଣନା ପ୍ରଥମ ପର୍ଯ୍ୟାୟ( ଗୃହ ଗଣନା ) ଆସନ୍ତା ଏପ୍ରିଲ ୧୬ ତାରିଖରୁ ଆରମ୍ଭ ହୋଇ ମେ ମାସ ୧୫ ତାରିଖରେ ସମ୍ପୂର୍ଣ୍ଣ ହେବ । ଗୃହ ଗଣନା ଓ ଜନଗଣନା ଉଭୟ ଡିଜିଟାଲ ଏ । ୨୦୨୭ ଆପ ମାଧ୍ୟମରେ ହେବ ବୋଲି ତହସିଲଦାର ସମ୍ବିତ କର ସୂଚନା ଦେଇଛନ୍ତି ।ତାଲିମ କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ତହସିଲଦାର ବିଷ୍ଣୁ ଚରଣ ବାରିକ ଓ ବସନ୍ତ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ଗାଁ ଦାଣ୍ଡରେ ମାନସିକ ବିକାରଗ୍ରସ୍ତଙ୍କୁ ମାଡ ତିନି ଅଟକ : ଫାର୍ମ ମାଲିକ ଫେରାର

ଦଶପଲ୍ଲା ,(ସବ୍ୟୁ): ଚୋରଭାବି ଜଣେ ମାନସିକ ବିକାରଗସ୍ତ ଙ୍କୁ ଗାଁଉ ଦାଣ୍ଡରେ ନିସ୍ଥୁକ ମାଡ଼ ର ଭିଡିଓ ଭାଇରାଲ ହେବା ପରେ ଏହି ଘଟଣାରେ ପୋଲିସ ତିନି ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି । ଏହି ତିନି ଜଣ ହେଉଛନ୍ତି ସ୍ଥାନୀୟ ଖଣ୍ଡପଡା ଗ୍ରାମର ନିରଞ୍ଜନ ଗୋଛି,ମିଛୁ ସେଠି,ଚିନୁ ବରାଡ଼ ବୋଲି ଜଣାପଡିଛି । ଏହି ଘଟଣା ରେ ସମ୍ପୃକ୍ତ କେନ୍ଦୁଲିପ ଫରେଷ୍ଟର ରଶ୍ମିରଞ୍ଜନ ଘଡେଇ ,ସୁରିୟା ଫେରାର ଅଛନ୍ତି । ସୂଚନା ଯୋଗ୍ୟଯେ , ସୁନାଗେଞ୍ଜି ଠାରେ ରଶ୍ମି ରଞ୍ଜନ ଘଡେଇଙ୍କର ଏକ ଫାର୍ମ ହାଉସ ଅଛି । ଗତ କିଛିଦିନ ତଳେ ଏହି ଫାର୍ମ ହାଉସରେ ଥିବା ମୋଟର ଚୋରି ହିଇଯାଇଛି । ଗତ ଶୁକ୍ରବାର ସନ୍ଧ୍ୟାରେ ପବନ ସହ ବର୍ଷା ହୋଇଥିଲା । ଏହି ସମୟ ରେ ଗଂଜାମ ଜିଲ୍ଲା ଉଲ୍ଲୁଣ୍ଡା ଗ୍ରାମର ମାନସିକ ବିକାରଗସ୍ତ ଯୁବକ ନରେଶ ନାଏକ ଫାର୍ମ ସମ୍ମୁଖରେ ଅନ୍ଧାରରେ ଠିଆ ହିଇଥିଲା । ଫଳରେ ସେହି ଯୁବକ ମୋଟର ଚୋରି କରିଥିବା ସନ୍ଦେହ କରି ଫାର୍ମ ହାଉସ ମାଲିକ ରଶ୍ମିରଞ୍ଜନ ଘଡେଇ ଙ୍କ ସହ ମିଛୁ,ସୁରିୟା,ନିରଞ୍ଜନ,ଏବଂ ଚିନୁ ତାଙ୍କୁ ଘୋଷାଡି ଘୋଷଡି ମାଡ଼ ମାରିଥିଲେ । ଯାହାର ଭିଡିଓ ଭାଇରାଲ ହେବା ପରେ ପୋଲିସ ଏହାକୁ ଗୁରୁତର ସହ ଗ୍ରହଣ କରିବା ସହ ତିନିଜଣ ଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି । ନରେଶ ତାଙ୍କ ସମ୍ପର୍କୀୟ ଙ୍କ ଘର ସୁନାଗଞ୍ଜି ଗ୍ରାମ କୁ ଆସିଥିଲେ । ଏହି ମାଡ଼ ଜଣା ପଡିବା ପରେ ଗାଁ ର କିଛି ମହିଳା ଦଶପଲ୍ଲା ଥାନା ରେ ଅଭିଯୋଗ କରିଛନ୍ତି , ଭାଇରାଲ ଭିଡିଓ ଏବଂ ଏତଲା କୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଛି ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ପଶ୍ଚିମବଙ୍ଗ ନନ୍ଦୀଗ୍ରାମରେ ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ଟିଏମ୍‌ସିର ଜନବିରୋଧୀ ନୀତିରୁ ମୁକ୍ତି ପାଇବା ପାଇଁ ପଶ୍ଚିମବଙ୍ଗର ପ୍ରତିଟି ନାଗରିକ ସଂକଳ୍ପବଦ୍ଧ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଗସ୍ତ କରି ବିଜେପିର ବରିଷ୍ଠ ନେତା ତଥା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନିର୍ବାଚନମଣ୍ଡଳୀରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ପ୍ରଚାର କରିଛନ୍ତି । ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ନନ୍ଦୀଗ୍ରାମ କେବଳ ଏକ ଭୌଗୋଳିକ କ୍ଷେତ୍ର ନୁହେଁ, ବରଂ ଏହା ଏକ ପରିବର୍ତ୍ତନର ଚେତନାର ପ୍ରତୀକ । ବିଗତ ପ୍ରାୟ ୨୦ ବର୍ଷ ଧରି ନନ୍ଦୀଗ୍ରାମ ସହ ତାଙ୍କର ଏକ ଗଭୀର ଆଧ୍ୟାତ୍ମିକ ଓ ବ୍ୟକ୍ତିଗତ ସମ୍ପର୍କ ରହିଆସିଛି । ନନ୍ଦୀଗ୍ରାମର ମାଟି ବଙ୍ଗୀୟ ଅସ୍ମିତା ଏବଂ ସାହସର ପରିଚୟ ଦେଇଛି, ଯାହା ସମଗ୍ର ପଶ୍ଚିମବଙ୍ଗର ରାଜନୀତିକୁ ଦିଗଦର୍ଶନ ଦେଇଛି



। ଶ୍ରୀ ପ୍ରଧାନ କହିଛନ୍ତି ଯେ, ପଶ୍ଚିମବଙ୍ଗର ଜନସାଧାରଣ ବର୍ତ୍ତମାନର ଅନ୍ୟାୟ, ଦୁର୍ନୀତି ଏବଂ ତୁଷ୍ଟୀକରଣ ରାଜନୀତିରେ ଅତିଷ୍ଠ ହୋଇପଡ଼ିଛନ୍ତି । ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରର ଜନବିରୋଧୀ ନୀତିରୁ ମୁକ୍ତି ପାଇବା ପାଇଁ ବଙ୍ଗଳାର ପ୍ରତିଟି ନାଗରିକ ଏବେ ସଂକଳ୍ପବଦ୍ଧ । ସେଥିପାଇଁ ଆଜି ସାରା ରାଜ୍ୟରେ ପରିବର୍ତ୍ତନ କେବଳ ଏକ ସ୍ଲୋଗାନ ହୋଇ ରହିନାହିଁ, ବରଂ ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ନନ୍ଦୀଗ୍ରାମରେ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଥିବା ଅଦମ୍ୟ ଉତ୍ସାହ, ଅନୁଶାସନ ଏବଂ ସମର୍ପଣ ଭାବକୁ ପ୍ରଶଂସା କରି ସେ କହିଛନ୍ତି ଯେ, ଏଠାକାର ଜନତାଙ୍କ ଅକୁଣ୍ଠ ସମର୍ଥନ ପୁଣି ଥରେ ପଦ୍ମ ଫୁଟାଇବା ପାଇଁ ସ୍ପଷ୍ଟ ସଙ୍କେତ ଦେଉଛି । ପଶ୍ଚିମବଙ୍ଗରେ ପରିବର୍ତ୍ତନ ହେବ ଏବଂ ଏକ ନୂତନ ବିକଶିତ ବଙ୍ଗଳାର ନିର୍ମାଣ ହେବାର ସମୟ ଉପନୀତ ହୋଇଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ଏହି ପ୍ରଚାର କାଳରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ଅନ୍ନ ପ୍ରସାଦ ବିତରଣ କରିଥିଲେ ।

## ରାମଚରିତ ମାନସ ନବାହ୍ନ ପାରାୟଣ

କାକଟପୁର ,(ସବ୍ୟୁ): କାକଟପୁର ବ୍ଲକ ଅନ୍ତର୍ଗତ କଣ୍ଟାପଡାପଞ୍ଚାୟତ ଗମ୍ଭାରିପଦା ଠାରେ ଗାଦିବ୍ରହ୍ମ ଆଧ୍ୟାତ୍ମିକ ଜନ କଲ୍ୟାଣ ପରିଷଦ ତରଫରୁ ରାମଚରିତ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ ମହୋତ୍ସବ ଅନୁଷ୍ଠିତ ହାଇଯାଇଛି । ଏହି ନବ ଦିନ ଧରି ଆୟୋଜିତ ମହୋତ୍ସବରେ ପ୍ରତ୍ୟେହ ସନ୍ଧ୍ୟାରେ ର ଭଜନ କୀର୍ତ୍ତନ ଓ ହନୁମାନ ଚାଳିଶା ପାଠ ଅନୁଷ୍ଠିତ ହୋଇଥିଲା । ଓନାମଯଜ୍ଞ ର ପୂର୍ଣ୍ଣାହୁତି ଓ ପ୍ରବଚନ କାର୍ଯ୍ୟକ୍ରମ ର ଉଦଯାପନୀ ଉତ୍ସବ ରେ ଶ୍ରଦ୍ଧାଳୁ ମାନେ ଯୋଗଦେଇ ଘିଅ ଦ୍ୱୀପ ଜାଳି ନିଜର ମାନସିକ ପୂରଣ ଓ ପରିବାର ର ସୁଖ ମନାସି ଥିଲେ । ଗାଦିବ୍ରହ୍ମ ଆଧ୍ୟାତ୍ମିକ ଜନ କଲ୍ୟାଣ ପରିଷଦ ପକ୍ଷରୁ ସମସ୍ତ ସଭ୍ୟ ଓ ସ୍ଥାନୀୟ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।

## ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର, ୧୨୦ୟୁନିଟ ସଂଗୃହିତ

କଟକ, (ସ୍ୱପ୍ର): ଖରାଦିନେ ରକ୍ତ ଭଣ୍ଡାରରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆଶୀର୍ବାଦ ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ରବିବାର ସ୍ଥାନୀୟ ଅନ୍ଦରପୁର ସାଇବୃନ୍ଦାବନ ଗାର୍ଡେନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥିଭାବେ ବାରବାଟୀ ବିଧାୟିକା ଇଂ ସୋଫିଆ ଫିର୍ଦୌଷ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ମେୟର ସୁବାଷ ସିଂହ, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ଇଂ ପ୍ରକାଶ ସେଠୀ, ଡା. ଉମେଶ ରାୟ, ଡା. ନିରଞ୍ଜନ ତ୍ରିପାଠୀ, ଡା. ଭବାନୀ ଶଙ୍କର ପଣ୍ଡା, ପୋଲିସ ଏସିପି ଅମିତାଭ ମହାପାତ୍ର, ଇଂ ଏନ.କେ. ମହାନ୍ତି, କର୍ପୋରେଟର ସୌଭାଗିନ ଜେନା, ଅରବିନ୍ଦ ଜେନା, ଇଂ ସୁବ୍ରତ ଘଡ଼ାଇ, ଏମଡ଼ିଏ ସଭାପତି ସଞ୍ଜୟ ଜେନା, ଫ୍ରିଡମ ତେଲର ରାଜ୍ୟ ମୁଖ୍ୟ ଅମୀୟ ଧଳ, ବିଜେପି ନେତା ହୃଷିକେଶ ଜେନା, ସିନେ ଅଭିନେତା ଶକ୍ତି ବରାଳ, ଶାନ୍ତି ମହିଳା କ୍ଲବର ମମତା ରାଉତରାୟ, ମାନବେଶ ରାୟ, ବିଜେପି ନେତା ହୃଷିକେଶ ଜେନା ପ୍ରମୁଖ ଯୋଗ



ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରି ଫାଉଣ୍ଡେସନର କର୍ମକର୍ତ୍ତାଙ୍କ ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ । ରେଡକ୍ରସ୍ ସହାୟତାରେ ଏହି ଶିବିରରେ ୧୨୦ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ କୁମାର ଭୋଳ, ଫାଉଣ୍ଡେସନର ପ୍ରତିଷ୍ଠାତା ଦେବଦତ୍ତ ଧଳ, ଫାଉଣ୍ଡେସନର ସଂଯୋଜକ ସାମ୍ବାଦିକ ସମୀର କର, ବରିଷ୍ଠ ସଭ୍ୟ ବୀରକିଶୋର ସାହୁ, ସଭାପତି ମାଗୁଣୀ ଚରଣ ଦାସ, ସମ୍ପାଦକ ବିଶ୍ୱରଂଜନ ସାହ, ସାମ୍ବାଦିକ ପ୍ରଦୀପ୍ତ ରଥ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରିହର ସାମଲ, ସରୋଜ ରାଉତ, ବିନୋଦ ବେହେରା, ପ୍ରଭାକର ମଲ୍ଲିକ, ଚିତ୍ତରଞ୍ଜନ ନାଏକ, ଆଡଭୋକେଟ ପୂର୍ଣ୍ଣଚନ୍ଦ୍ର ମହାରଣା, ନିମାଁଇ ସ୍ୱାଇଁ, ସଞ୍ଜୟ ସାହୁଙ୍କ ସମେତ ଫାଉଣ୍ଡେସନର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

## ଧଉଳି ପାଦଦେଶରେ ବିଶ୍ୱ କଳାର ମହାକୁମ୍ଭ

# ଉଦ୍‌ଘାଟିତ ହେଲା ୭ମ ଆନ୍ତର୍ଜାତୀୟ କଳା ମହୋତ୍ସବ

ଭୁବନେଶ୍ୱର, (ସବ୍ୟୁ): ଐତିହାସିକ ଧଉଳି ଶାନ୍ତି ସ୍ତୂପ ନିକଟସ୍ଥ ହସ୍ତଶିଳ୍ପ ବଜାର ପରିସରରେ ସପ୍ତମ ଅନ୍ତର୍ଜାତୀୟ ଧଉଳି କଳାମହୋତ୍ସବ ଆଡ଼ମ୍ବର ସହକାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳା ମାଧ୍ୟମରେ ବିଶ୍ୱଶାନ୍ତିର ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା,ଏନ ଟି ପି ସି ର ବରିଷ୍ଠ ଅଧିକାରୀ ଧୀରଜ କୁମାର ଗୁପ୍ତା,ଗୁଲ୍ସନ ଟପୋ ଏବଂ




ବି ଆର ଏମ ର ସମ୍ପାଦକ ସସ୍ମିତା ମହାନ୍ତି ଭାରତର କଳା ଓ ସଂସ୍କୃତିର ଗାରିମା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ମହୋତ୍ସବର ଏକ ବିଶେଷ ଆକର୍ଷଣ ଥିଲା ୧୦୦ ଜଣ ପ୍ରତିଷ୍ଠିତ ଶିଳ୍ପୀଙ୍କୁ ନେଇ ଆୟୋଜିତ ଚିତ୍ରକଳା ଶିବିର। ଏହି ଶିବିରକୁ ବରିଷ୍ଠ ଚିତ୍ରଶିଳ୍ପୀ ପଞ୍ଚାନନ ସୁର୍ ଏବଂ ସମାଜସେବୀ ସୁଶାନ୍ତ କୁମାର ସାହୁ ଉଦ୍ଘାଟନ କରି ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ।ଭାରତ ସମେତ ଲଣ୍ଡନ, ଆମେରିକା, ନେପାଳ ଓ ଭିଏତନାମ୍ ପରି ବିଦେଶୀ ଶିଳ୍ପୀମାନଙ୍କର କଳାକୃତି ଏହି ପ୍ରଦର୍ଶନୀକୁ ଏକ ଆନ୍ତର୍ଜାତୀୟ ରୂପ ଦେଇଛି। ପଟଚିତ୍ରରୁ ଆରମ୍ଭ କରି ଆଧୁନିକ ଇନ୍‌ଷ୍ଟଲେସନ୍ ଆର୍ଟ ପର୍ଯ୍ୟନ୍ତ ସମସ୍ତ କଳାକୃତି ପର୍ଯ୍ୟଟକମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ପଞ୍ଚାନନ ସାମଲ ଶିଳ୍ପୀମାନଙ୍କୁ ସ୍ୱାଗତ କରି ଥିଲେ।

## ବ୍ରିକ୍ସ ସିସିଆଇ ଡବ୍ଲ୍ୟୁଇ ଶିଖର ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ) : ବ୍ରିକ୍ସ ସିସିଆଇ ଡବ୍ଲ୍ୟୁଇ (ମହିଳା ସଶକ୍ତିକରଣ) ବାର୍ଷିକ ମହିଳା ସମ୍ମିଳନୀ ଏବଂ ସମ୍ବର୍ଦ୍ଧନା ୨୦୨୬ ର ଷଷ୍ଠ ସଂସ୍କରଣକୁ ସମ୍ବୋଧିତ କରି ମାନ୍ୟବର ଯୁବ ବ୍ୟାପାର ଏବଂ କ୍ରୀଡ଼ା ରାଷ୍ଟ୍ର ମନ୍ତ୍ରୀ ଶ୍ରୀମତୀ ରକ୍ଷା ଖଡସେ କହିଛନ୍ତି, ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବା ପାଇଁ ଭାରତର ଲକ୍ଷ୍ୟ ଅନ୍ତର୍ଭୂକ୍ତ ଅଭିବୃଦ୍ଧିରେ ଦୃଢ଼ ଭାବରେ ନିହିତ ହୋଇଛି, ଯେଉଁଥିରେ ମହିଳା ସଶକ୍ତିକରଣ ଏକ କେନ୍ଦ୍ରୀୟ ସ୍ତମ୍ଭ ଅଟେ । ନବସୃଜନ ଏବଂ ଉଦ୍ୟମିତା ସୁଯୋଗ ସହିତ ଭାରତର ଯୁବକ ଏବଂ ମହିଳାଙ୍କୁ ସଶକ୍ତ କରିବା ରାଷ୍ଟ୍ର ନିର୍ମାଣର ଚାବିକାଠି ।' ବ୍ରିକ୍ସ ଏବଂ ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଉଦ୍ୟୋଗ, ବାଣିଜ୍ୟ ଏବଂ ବ୍ୟବସାୟକୁ ପ୍ରୋତ୍ସାହନ ଦେବା ଲାଗି ଉତ୍ସର୍ଗୀକୃତ ଏକ ଅଣ-ଲାଭକାରୀ ସଂସ୍ଥା ବ୍ରିକ୍ସ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ବ୍ରିକ୍ସ ସିସିଆଇ ଡବ୍ଲ୍ୟୁଇ)ର ମହିଳା ସଶକ୍ତିକରଣ ଭର୍ଟିକାଲ ବ୍ରିକ୍ସ ଡବ୍ଲୁବିଏ (ମହିଳା ବ୍ୟବସାୟ ମେଂଟ) ସହଯୋଗରେ ନବସୃଜନ, ବିଜ୍ଞାନ ନେତୃତ୍ୱ, ନବସୃଜନ ଏବଂ ଉଦ୍ୟମିତା (ଡବ୍ଲ୍ୟୁଇଏସଇ) ପ୍ରେରଣାଦାୟୀ ପରିବର୍ତ୍ତନ, ଆକୃତି ଭବିଷ୍ୟତର ବିଷୟବସ୍ତୁ ଉପରେ ତିନି ଦିନିଆ ଶିଖର ସମ୍ମିଳନୀ (ମାର୍ଚ୍ଚ ୨୧-୨୩) ଆୟୋଜନ କରିଥିଲା । ସ୍ୱାଗତ ଭାଷଣ ଦେଇ ବ୍ରିକ୍ସ ସିସିଆଇ ଡବ୍ଲ୍ୟୁଇ (ମହିଳା ସଶକ୍ତିକରଣ)ର ସଭାପତି ସୁଶ୍ରୀ ରୁବି ସିହ୍ନା କହିଛନ୍ତି, "ଏହି ସମ୍ମିଳନୀ ହେଉଛି କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ ।

## ରୂପଦେଇପୁର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା

# ସିଦ୍ଧାନ୍ତ ଓ ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ଭୁବନେଶ୍ୱର (ସବ୍ୟୁ): ରୂପଦେଇପୁର ମହୋତ୍ସବ ୨୦୨୬ର ଦ୍ୱିତୀୟ ଦିନ ଉତ୍ସାହ ଓ ଆନନ୍ଦ ସହକାରେ ଏକ ବର୍ଣ୍ଣାଢ୍ୟ



ପରିବେଶ ମଧ୍ୟରେ ଉଦଯାପିତ ହୋଇ ଯାଇଛି । ଉତ୍ସବ ପରିସରରେ ଦର୍ଶକମାନଙ୍କ ଅଭୂତ ପୂର୍ବ ଗହଳି ତଥା କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଫେଣ୍ଟା ଫେଣ୍ଟି ସମାହାର ସମବେତ କଳାପ୍ରେମୀ ମାନଙ୍କର ଉତ୍ସାହକୁ ଦ୍ୱିଗୁଣିତ କରିଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପ୍ରସିଦ୍ଧ ସିନେ ତାରକା ତଥା ଦିଗପହଣ୍ଡିର ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପିପିଲି ସାଂସ୍କୃତିକ ପରିଷଦର ସମ୍ପାଦକ ରମେଶ ମହାପାତ୍ର ଯୋଗଦେଇ ଓଡ଼ିଆ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ଦିଗରେ ରୂପଦେଇପୁର ର ଅଗ୍ରଣୀ ଭୂମିକା ରହିଛି ବୋଲି କହିଥିଲେ।

ପିପିଲି- ଡେଲାଙ୍ଗର ବିଧାୟକ ଆଶ୍ରିତ ପଟ୍ଟନାୟକ ମଧ୍ୟ ଉପସ୍ଥିତ ରହି ଯୁବ ଗୋଷ୍ଠୀ ମହୋତ୍ସବ ପାଳନ ମାଧ୍ୟମରେ ନିଜର ତଥା ସମାଜର ଉନ୍ନତି କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ରୂପଦେଇପୁରରେ ପ୍ରାଣୀଧନ ନୂତନ ଚିକିତ୍ସାଳୟ ସ୍ଥାପନ କରାଯିବା ସହ ଗ୍ରାମ ରାସ୍ତାର ପ୍ରଶସ୍ତିକରଣ କରିବା ନିମନ୍ତେ ବିଧାୟକ ମହୋଦୟ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ନୂତନ ଦୁଗ୍ଧ ସମବାୟ କେନ୍ଦ୍ର ସ୍ଥାପନ ନିମନ୍ତେ ମଧ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ , ଗୋପବନ୍ଧୁ ଯୁବ ବିକାଶ ପରିଷଦ ସଭାପତି ଓ ସମ୍ପାଦକ ମଞ୍ଚାସୀନ ଥିଲେ।

ଜାଗୃତି ଡାନ୍ସ ଏକାଡ଼େମୀ ଓ ବୀଣାକେଶରୀ ନୃତ୍ୟ ମଞ୍ଜରୀ ପ୍ରତିଷ୍ଠାନର କଳାକାର ମାନଙ୍କର ଚମତ୍କାର ନୃତ୍ୟାଭିନୟ ଦର୍ଶକମାନଙ୍କ ଭିତରେ ବିଶେଷ ରୋମାଞ୍ଚ ସୃଷ୍ଟି କରିଥିଲା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା "ସୁର ତାଲ୍ ମେଲୋଡି ନାଇଟ", ଯେଉଁଥିରେ ପ୍ରସିଦ୍ଧ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ତାଙ୍କର ଯାଦୁକରୀ କଣ୍ଠରେ ସମଗ୍ର ପରିସରକୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଏହି ଅବସରରେ ଗ୍ରାମର କୃତବିଦ୍ୟ ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କୁ ସମାଜ ପ୍ରତି ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ରୋଜିସ ମେକଓଭରର ଦ୍ୱିତୀୟ ବାର୍ଷିକ ଉତ୍ସବ

# ବସନ୍ତ ଉତ୍ସବରେ ମନ ମୋହିଲା ରାମ୍ପ ସୋ

କଟକ, (ସବ୍ୟୁ): ମହିଳା ମାନଙ୍କ ସୌନ୍ଦର୍ଯ୍ୟକୁ ସର୍ବଦା ନୂତନତ୍ୱ ଦେଇ ଆସୁଥିବା ମହାନଦୀବିହାରର ରୋଜିସ ମେକଓଭରର ଦ୍ୱିତୀୟ ବାର୍ଷିକ ଉତ୍ସବ ପ୍ରତିଷ୍ଠାତା, ବିୟୁଟିସୀୟାନ ତଥା ମିସ୍ରେସ ଇଣ୍ଡିଆ ଆଖ୍ୟା ଅର୍ଜନ କରିଥିବା କୃଷ୍ଣ ପ୍ରିୟା ତ୍ରିପାଠୀଙ୍କ ନେତୃତ୍ୱରେ ଆଜି ମହାନଦୀ ଭବନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗ ଦେଇଥିବା ବେଳେ, ମୁଖ୍ୟ ବକ୍ତା ଭାବେ ଓଡ଼ିଶା ସିନେ ତାରକା ସଂଘର ସାଧାରଣ ସମ୍ପାଦକ ଶ୍ରୀତମ ଦାସ ଏବଂ ସାଇକୋଲୋଜିଷ୍ଟ ପ୍ରଫେସର ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ, ସମ୍ମାନିତ ଅତିଥି ଭାବେ ଓରମାସ ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, କସ୍ତୁରବା ଟ୍ରଷ୍ଟର ମୁଖ୍ୟ ଗାୟତ୍ରୀ ଦାସଙ୍କ ସମେତ ସ୍ଥାନୀୟ କର୍ପୋରେଟର ସୁବ୍ରତ ଘଡ଼େଇ, ଏମଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବଟିକୁ ଉଦଘାଟନ କରିଥିଲେ । ଏହି ଅବସରରେ ବସନ୍ତ ଋତୁ ଆଗମନରେ ଏକ ବିଶେଷ କାର୍ଯ୍ୟକ୍ରମ ବସନ୍ତ ଉତ୍ସବ -୨୦୨୬ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ଏମଡିଏ ସଭାପତି, ସମ୍ପାଦକଙ୍କ ସମେତ ୧୦ଜଣ ସପତ୍ନିକ ରିୟାମ୍ପ ସୋରେ ବିଭିନ୍ନ ଢ଼ଙ୍ଗରେ ଚାଲିଥିଲେ । ଏଥିସହିତ ବରିଷ୍ଠ ମହିଳା ମାନେ ମଧ୍ୟ ମନଛୁଆଁ ଗୀତାର ତାଳେ ତାଳେ ନୃତ୍ୟ ପରିବେଷଣ କରିଥିବା ବେଳେ କଣ୍ଠଶିଳ୍ପୀ ସ୍ୱୟଂ ପ୍ରଭାସ ପାଢ଼ୀ ଏବଂ ଅସୀମା ପତିଙ୍କ ସୃତିମଧୁର ସଙ୍ଗୀତରେ ଉପସ୍ଥିତ ଦର୍ଶକ ମନୋରଞ୍ଜନ କରିଥିଲେ ।

## ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ

# ୨୭ତମ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ ସପ୍ତାହ

ଭୁବନେଶ୍ୱର, (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଗତ ମାର୍ଚ୍ଚ ୨୮, ୨୦୨୬ ରେ ଭୁବନେଶ୍ୱରଠାରେ ୨୭ତମ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ (ଏମ୍‌ଇଆଣ୍ଡଏମସି) ସପ୍ତାହ ୨୦୨୫-୨୬ର ଉଦଯାପନୀ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍) ର ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ (ଥିମ୍) ଥିଲା "ଡିଜିଟାଲ୍ ମାଇନିଂ: ଟ୍ରାନ୍ସଫର୍ମିଂ ଟୁଡେ, ସଷ୍ଟେନିଂ ଟୁମୋରୋ" (ଡିଜିଟାଲ୍ ଖନନ: ଆଜିର ପରିବର୍ତ୍ତନ, ଆଗାମୀ କାଲିର ସୁରକ୍ଷା) ।

ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଘୋରାବୁରହାଣୀ ସାଗାସାହି ଖଣି ଚାରୋଟି ପୁରସ୍କାର ହାସଲ କରିଛି, ଯେଉଁଥିରେ ଖଣିଜ ସଂରକ୍ଷଣ ପାଇଁ ପ୍ରଥମ ପୁରସ୍କାର, ସାମଗ୍ରିକ ପ୍ରଦର୍ଶନ ପାଇଁ ପ୍ରଥମ ପୁରସ୍କାର, ବନୀକରଣ ପାଇଁ ଦ୍ୱିତୀୟ ପୁରସ୍କାର ଏବଂ ବ୍ୟବସ୍ଥିତ ଓ ବୈଜ୍ଞାନିକ ବିକାଶ ପାଇଁ ତୃତୀୟ ପୁରସ୍କାର ଅନ୍ତର୍ଭୁକ୍ତ। ସେହିଭଳି ଏଏମ୍/ ଏନ୍‌ଏସ୍ ଇଣ୍ଡିଆର ଠାକୁରାଣୀ ଖଣି ପ୍ରଚାର ଓ ପ୍ରସାର କ୍ଷେତ୍ରରେ ତୃତୀୟ ପୁରସ୍କାର ପାଇଛି ।ଭାରତୀୟ ଖଣି ବ୍ୟୁରୋର ଏକ ପ୍ରତିନିଧି ଦଳ ଦ୍ୱାରା କରାଯାଇଥିବା ବିସ୍ତୃତ ମୂଲ୍ୟାଙ୍କନ ଆଧାରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୮୭ ରୁ ଅଧିକ ଖଣି କମ୍ପାନୀ ଅଂଶଗ୍ରହଣ କରିଥିଲେ ।

ଭାରତୀୟ ଖଣି ବ୍ୟୁରୋର କଣ୍ଟ୍ରୋଲର୍ ଜେନେରାଲ୍ ପଙ୍କଜ କୁଲଶ୍ରେଷ୍ଠ ଏହି




କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇବିଏମ୍ (ପୂର୍ବ ଜୋନ୍) ର କଣ୍ଟ୍ରୋଲର୍ ଅଫ୍ ମାଇନ୍ସ ଡଃ ପୁଖରାଜ ନେନିୱାଲ୍ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ୨୭ତମ ଏମ୍‌ଇଆଣ୍ଡଏମସି ସପ୍ତାହର ଆବାହକ ତଥା ଆଇବିଏମ୍ ଭୁବନେଶ୍ୱରର ଆଞ୍ଚଳିକ କଣ୍ଟ୍ରୋଲର୍ ଅଫ୍ ମାଇନ୍ସ ଅରୁଣ କୁମାର, ଆଇବିଏମ୍ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ଖଣି ଭୂବିଜ୍ଞାନୀ ସଞ୍ଜୀବ କୁମାର ମହାପାତ୍ର, ୨୭ତମ ଏମ୍‌ଇଆଣ୍ଡଏମସି ସପ୍ତାହର ଅଧ୍ୟକ୍ଷ ତଥା ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସିନିୟର ଜେନେରାଲ୍ ମ୍ୟାନେଜର (ମାଇନ୍ସ ଅପରେସନ୍ସ) ଅମିତ କୁମାର ଦୁବେ, ୨୭ତମ ଏମ୍‌ଇଆଣ୍ଡଏମସି ସପ୍ତାହର ସହ-ଅଧ୍ୟକ୍ଷ ତଥା ଜେଏସଡବ୍ଲୁର ବିଜନେସ୍ ହେଡ୍ ପ୍ରସନ୍ନ କୁମାର ପଣ୍ଡା, ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଠାକୁରାଣୀ ଖଣି ପରିଚାଳକ ଇନ୍ଦ୍ରକାନ୍ତ ସାହା, ସାଗାସାହି ଖଣି ପରିଚାଳକ ସତ୍ୟକାମ ଦାସ ଏବଂ ଏଏମ୍/ ଏନ୍‌ଏସ୍ ଇଣ୍ଡିଆର ମାଇନ୍ ପ୍ଲାନିଂ ହେଡ୍ ପୂର୍ଣ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଖଣି କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ, ଶିଳ୍ପ ଜଗତର ନେତୃତ୍ୱ ଏବଂ ଅଂଶୀଦାରମାନେ ଉପସ୍ଥିତ ଥିଲେ।

## ଶହୀଦ ଲକ୍ଷ୍ମଣ ନାଏକଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ

ଭୁବନେଶ୍ୱର, (ସବ୍ୟୁ): ଭାରତର ସ୍ୱାଧୀନତା ସଂଗ୍ରାମରେ ଜନଜାତି ଅସ୍ମିତା ଓ ସ୍ୱାଭିମାନର ଅଦମ୍ୟ ପ୍ରତୀକ ଶହୀଦ ଲକ୍ଷ୍ମଣ ନାଏକ ନିର୍ଭୀକତା, ତ୍ୟାଗ ଓ ଦେଶପ୍ରେମର ଉଜ୍ଜ୍ୱଳ ଉଦାହରଣ। ଜନଜାତିମାନଙ୍କ ଅଧିକାର ଓ ସ୍ୱାଧୀନତା ପାଇଁ ତାଙ୍କର ଅବିରତ ସଂଗ୍ରାମ ଏବଂ ବଳିଦାନ ଆଜିମଧ୍ୟ ସମାଜକୁ ପ୍ରେରିତ କରୁଛି। ତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆଜି ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଗଭୀର ଶ୍ରଦ୍ଧା ଓ ଗରିମାମୟ ପରିବେଶରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସକାଳ ୮ ଘଟିକାରେ ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଏବଂ ସକାଳ ଘ. ୮.୩୦ ମିନିଟ୍‌ରେ କଳିଙ୍ଗ ହସ୍ପିଟାଲ୍ ଛକସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ପବିତ୍ର ସ୍ମୃତିକୁ ସ୍ମରଣ କରାଯାଇଥିଲା। ପରବର୍ତ୍ତୀରେ ସକାଳ ୯ ଘଟିକାରେ ଓଡ଼ିଶା ବିଧାନ ସଭା ପାର୍ଶ୍ୱ ଗେଟ୍ ନମ୍ବର-୧ ସ୍ଥିତ ପ୍ରତିମୂର୍ତ୍ତିରେ ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି ଓ ସାଂସଦ ମୁଜିବୁଲ୍ଲା (ମୁନା) ଖାନଙ୍କ ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଶ୍ରୀଯୁକ୍ତ ଗୁରବୀର ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତ୍ତାମାନେ, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଭାଗବତ ଦାଶ ଓ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହାସହ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶହୀଦ ଲକ୍ଷ୍ମଣ ନାଏକଙ୍କ ଦେଶପ୍ରେମ, ସଂଗ୍ରାମମୟ ଜୀବନ ଓ ବଳିଦାନ ଜାତି ପାଇଁ ଅନନ୍ୟ ପ୍ରେରଣା ହୋଇ ରହିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା।

# ଖଣିଜ ପଦାର୍ଥରୁ ନିଯୁକ୍ତି ପର୍ଯ୍ୟନ୍ତ ରାଜ୍ୟ ଗୁଡ଼ିକର ଅବଦାନ

ଭୁବନେଶ୍ୱର, (ସବ୍ୟୁ): ଯେତେବେଳେ ଭାରତ ତାର ଭିଜନ ୨୦୪୭ ମହତ୍ତ୍ୱକୁ ସ୍ପଷ୍ଟ କରୁଛି ଏବଂ ରାଜ୍ୟଗୁଡ଼ିକ ସେମାନଙ୍କର ଶିଳ୍ପ ରଣନୀତିକୁ ପୁନଃନିର୍ମାଣ କରୁଛନ୍ତି, ସେତେବେଳେ ଗୋଟିଏ ସାଂରଚନିକ ପ୍ରଶ୍ନ ଉଠୁଛି: କିଛି ଖଣିଜ ପଦାର୍ଥ-ସମୃଦ୍ଧ ରାଜ୍ୟ ପ୍ରାକୃତିକ ସମ୍ପଦକୁ ସ୍ଥାୟୀ ନିଯୁକ୍ତିରେ କାହିଁକି ପରିବର୍ତନ କରିଛନ୍ତି, ଯେତେବେଳେକି ଅନ୍ୟମାନେ ମୁଖ୍ୟତଃ କଂଚା ଇନପୁଟ୍ ଯୋଗାଣକାରୀ ରହିଛନ୍ତି। ଆଇଆଇଟି ଖଡ଼ଗପୁରର ପୂର୍ବତନ ପ୍ରଫେସର ସୁରେଶ ଚନ୍ଦ୍ର ମିଶ୍ରଙ୍କ ଅନୁସାରେ, ଭାରତର ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବା ଦିଗରେ ଯାତ୍ରା ଏକ ସ୍ପଷ୍ଟ ମୂଲ୍ୟ-ଶୃଙ୍ଖଳା ବ୍ୟବଧାନ ଦ୍ୱାରା ପଛକୁ ଯାଉଛି। ଏହା ଓଡ଼ିଶା ପରି ଆଉ କୌଣସି ସ୍ଥାନରେ ଦେଖାଯାଇପାରିବ ନାହିଁ, ଯେଉଁଠାରେ ଦେଶର ଅଧାରୁ ଅଧିକ ବକ୍ସାଇଟ୍ ସଂରକ୍ଷଣ ରହିଛି, ତଥାପି ଆମର ରିଫାଇନାରୀଗୁଡ଼ିକ ଏବେ ବି ଅନିଶ୍ଚିତ, ପ୍ରାୟତଃ ବାଧାପ୍ରାପ୍ତ ଆମଦାନୀ ଉପରେ ନିର୍ଭର କରେ। କଳାହାଣ୍ଡି ଏବଂ ରାୟଗଡ଼ାରେ ବକ୍ସାଇଟ୍ ଖଣି ଖୋଲିବା କେବଳ ଶିଳ୍ପ ପ୍ରଗତିକୁ ତ୍ୱରାନ୍ୱିତ କରିବା ନୁହେଁ ବରଂ ଭାରତର କଂଚାମାଲ ଭବିଷ୍ୟତକୁ ସୁରକ୍ଷିତ କରିବା ଏବଂ ଆର୍ଥିକ ସ୍ଥିରତା ନିର୍ମାଣ କରିବା ବିଷୟରେ।

ସେହି ସମୟରେ, ଏକ ବକ୍ସାଇଟ୍ ଶିଳ୍ପ କରିଡର ନିର୍ମାଣ କରିବା ଦ୍ୱାରା ଆଲୁମିନିୟମକୁ ଭାରତର ଅଭିବୃଦ୍ଧିର ପରବର୍ତୀ ପର୍ଯ୍ୟାୟର ଏକ ମୂଳଦୁଆ ଭାବରେ ବନ୍ଧକ କରିବାରେ ସାହାଯ୍ୟ କରିବ। ସେମିକଣ୍ଡକ୍ଟର, ସ୍ୱଚ୍ଛ ଶକ୍ତି ଏବଂ ଭିତିଭୂମିରୁ ଗତିଶୀଳତା ଏବଂ ପ୍ରତିରକ୍ଷା ପର୍ଯ୍ୟନ୍ତ, ଆଲୁମିନିୟମ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ହୃଦୟରେ ଅବସ୍ଥିତ ଯାହା ଭାରତର ଦୃଷ୍ଟିକୋଣ ୨୦୪୭ ଏବଂ ଓଡ଼ିଶା ଦୃଷ୍ଟିକୋଣ ୨୦୩୬କୁ ସାକାର କରିବ। ଆମ ପାଖରେ ଏବେ ଏକ ବିକଳ୍ପ ଅଛି, ସମ୍ଭାବନାର ଯୋଗାଣକାରୀ ରହିବା, କିମ୍ବା ଦେଶ ଭିତରେ ଦୃଢ଼, ସମନ୍ୱିତ ମୂଲ୍ୟ ଶୃଙ୍ଖଳ ନିର୍ମାଣ କରିବା। ଆମର ବକ୍ସାଇଟ୍ ସମ୍ପଦଗୁଡ଼ିକୁ ଏକ ସ୍ପନ୍ଦନଶୀଳ, ସ୍ଥାନୀୟ ଆଲୁମିନିୟମ ଇକୋସିଷ୍ଟମ ସହିତ ସଂଯୋଗ କରି, ଆମେ ନିଯୁକ୍ତି ସୃଷ୍ଟି କରିପାରିବା, ଗଝଗରଗୁଡ଼ିକୁ ସମର୍ଥନ କରିପାରିବା ଏବଂ ଅଧିକ ସନ୍ତୁଳିତ ଆଂଚଳିକ ବିକାଶକୁ ଆଗେଇ ନେଇପାରିବା।

ଭାରତ ଏହାର ୯୫% ରୁ ଅଧିକ ଲୁହା ପଥର, ୫୫% ବକ୍ସାଇଟ୍ ଏବଂ ୯୦% କ୍ରୋମାଇଟ୍ ଘରୋଇ ଭାବରେ ଉତ୍ପାଦନ କରେ। କେବଳ ଓଡିଶା ଭାରତର ଅଧାରୁ ଅଧିକ ବକ୍ସାଇଟ୍ ସଂରକ୍ଷଣ ଏବଂ ଏହାର ଲୁହା ପଥର ଉତ୍ପାଦନର ଏକ ତୃତୀୟାଂଶ ଅଟେ। ଏଗୁଡ଼ିକ ଭାରତର ଇସ୍ପାତ, ଆଲୁମିନିୟମ, ଭିତିଭୂମି ଏବଂ ଶକ୍ତି ପରିବର୍ତନ ମହତ୍ୱାକାଂକ୍ଷାକୁ ଆଧାର କରୁଥିବା ରଣନୈତିକ ସମ୍ପତି ଅଟନ୍ତି। ତଥାପି ଖଣିଜ ପଦାର୍ଥର ପ୍ରାଧାନ୍ୟ ସ୍ୱୟଂଚାଳିତ ଭାବରେ ଉତ୍ପାଦନ ଗଭୀରତାରେ ପରିଣତ ହୁଏ ନାହିଁ କିମ୍ବା ଚାକିରି ଘନତା ଗ୍ୟାରେଂଟି ଦିଏ ନାହିଁ। ସମଗ୍ର ଭାରତରେ, ପ୍ରମାଣ ସୂଚାଇ ଦିଏ ଯେ ଖଣିଜ ବିକାଶ ଡାଉନଷ୍ଟ୍ରିମ୍ ଶିଳ୍ପ ସହିତ କଡ଼ା ଭାବରେ ଜଡିତ ହେଲେ ନିଯୁକ୍ତି ଲାଭ ହୁଏ।

ଉଦାହରଣ ସ୍ୱରୂପ, ବକ୍ସାଇଟ୍ ସମୃଦ୍ଧ ଓଡ଼ିଶା ପୂର୍ବରୁ ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀଗୁଡ଼ିକରେ ଯଥେଷ୍ଟ ନିବେଶ ଆକର୍ଷିତ କରିଛି। ତଥାପି, ଏହି ପ୍ରାକୃତିକ ଏବଂ ଭିତିଭୂମି ସୁବିଧା ସତ୍ତ୍ୱେ, ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ କମ୍ ବ୍ୟବହାର କରାଯାଉଛି କାରଣ ରାଜ୍ୟ ମଧ୍ୟରେ ପ୍ରମୁଖ କ୍ୟାପ୍ଟିଭ୍ ବକ୍ସାଇଟ୍ ଖଣିଗୁଡ଼ିକ ଅଣକାର୍ଯ୍ୟକ୍ଷମ ରହିଛି। ଫଳସ୍ୱରୂପ ଏକ ସୁଯୋଗ ହରାଇ ଦିଆଯାଇଛି - କେବଳ ଉତ୍ପାଦନ ଦୃଷ୍ଟିରୁ ନୁହେଁ, ବରଂ ଚାକିରି, ସ୍ଥାନୀୟ ଉଦ୍ୟୋଗ ବିକାଶ ଏବଂ ଆଂଚଳିକ ଆର୍ଥିକ ଗୁଣକ ପ୍ରଭାବରେ। ଭାରତର ଖଣିଜ ଭୂଦୃଶ୍ୟରେ ଓଡ଼ିଶା ଏକ ଅନନ୍ୟ ସ୍ଥାନ ଅଧିକାର କରିଛି। ଏହା ଦେଶର ଆଲୁମିନିୟମ ଏବଂ ଇସ୍ପାତ କ୍ଷମତାର କେନ୍ଦ୍ରସ୍ଥଳ ଏବଂ ପ୍ରମୁଖ ରିଫାଇନାରୀ ଏବଂ ପ୍ରକ୍ରିୟାକରଣ ସୁବିଧା ପ୍ରଦାନ କରେ। ତଥାପି, ଡାଉନଷ୍ଟ୍ରିମ୍ ଉତ୍ପାଦନ ଏବଂ ଘରୋଇ ଖଣିଜ ଉତ୍ପାଦନ ଇକୋସିଷ୍ଟମର ଗଭୀରତା ଅସମାନ ରହିଛି, ବିଶେଷକରି ପଶ୍ଚିମ ଏବଂ ଦକ୍ଷିଣ ଜିଲ୍ଲାଗୁଡ଼ିକରେ ଯେଉଁଠାରେ ସମ୍ବଳ ଆଧାରର ଅଧିକାଂଶ ସ୍ଥାନ ଅବସ୍ଥିତ। ଓଡ଼ିଶାର ବିପୁଳ ଖଣିଜ ସମ୍ପଦ - ବିଶେଷକରି ବକ୍ସାଇଟ୍, ଲୁହାପଥର ଏବଂ କୋଇଲା - ରାଜ୍ୟକୁ ଶିଳ୍ପ ଅଭିବୃଦ୍ଧି ପାଇଁ ଭାରତର ସବୁଠାରୁ ରଣନୈତିକ ଇଞ୍ଜିନ ଭାବରେ ସ୍ଥାନିତ କରିଛି, ଏହି ସମ୍ପଦଗୁଡ଼ିକୁ ବୃହତ ଉତ୍ପାଦନ ଏବଂ ନିଯୁକ୍ତିରେ ପରିଣତ କରିବା ପାଇଁ ଦକ୍ଷ ଲଜିଷ୍ଟିକ୍ସ ଏବଂ ସଂଯୋଗୀକରଣକୁ ଏକ ଗୁରୁତ୍ୱପୂର୍ଣ୍ଣ ଜରୁରୀ କରିଥାଏ। ଅଧିକ ବ୍ୟାପକ ଭାବରେ କହିବାକୁ ଗଲେ, ଭାରତର ଶିଳ୍ପ ପ୍ରତିଯୋଗିତା କେବଳ ପ୍ରାକୃତିକ ସମ୍ପଦ ଉପଲବ୍ଧତା ଉପରେ ନୁହେଁ ବରଂ ମୂଲ୍ୟ ବୃଦ୍ଧି ଉପରେ ନିର୍ଭର କରେ। ପ୍ରକ୍ରିୟାକୃତ ଇନପୁଟ୍ ଆମଦାନୀ କରିବା ସମୟରେ କଂଚାମାଲ ରପ୍ତାନି କରିବା ନିଯୁକ୍ତି ସମ୍ଭାବନାକୁ ସୀମିତ କରେ। ଆଲୁମିନିୟମ-ଆଧାରିତ କ୍ଲଷ୍ଟର ଏବଂ ଉପାଦାନ ଶିଳ୍ପ ସମେତ ଡାଉନଷ୍ଟ୍ରିମ୍ ଉତ୍ପାଦନ କ୍ଲଷ୍ଟର ସହିତ ଖଣିଜ ଉତ୍ପାଦନକୁ ଏକୀକୃତ କରିବା ଦ୍ୱାରା ଶକ୍ତିଶାଳୀ ଯୋଗାଣ ଶୃଙ୍ଖଳ ସୃଷ୍ଟି ହୋଇପାରିବ, ଏମଏସଏମଇଗୁଡ଼ିକୁ ସମର୍ଥନ କରାଯାଇପାରିବ ଏବଂ ନିଯୁକ୍ତି ସୃଷ୍ଟି ହୋଇପାରିବ।

# ଇରାନର ରଣନୀତିକ ବନ୍ଦର ଧ୍ୱସ୍ତ

ତେହେରାନ/ତେଲ୍ ଅଭିଭ୍: ଇରାନର ଗୁରୁତ୍ୱପୂର୍ଣ୍ଣ ରଣନୈତିକ ବନ୍ଦର 'ବନ୍ଦର-ଇ-ଖମିର' ଉପରେ ଆମେରିକା ଓ ଇସ୍ରାଏଲ ମିଳିତ ଆକ୍ରମଣ କରି ଏହାକୁ ଛାରଖାର କରିଦେଇଛନ୍ତି। ଏହି ନିର୍ଦ୍ଦିଷ୍ଟ ସାମରିକ ଆକ୍ରମଣ ବର୍ତ୍ତମାନର ସଂଘର୍ଷରେ ଏକ ବିପଜ୍ଜନକ ମୋଡ଼ ଆଣିଛି, ଯାହା ସମଗ୍ର ବିଶ୍ୱ ଅର୍ଥନୀତିର ମେରୁଦଣ୍ଡକୁ ଦୋହଲାଇ ଦେବ ବୋଲି କୁହାଯାଉଛି। ଏହି ପରିବହନ ଭିତ୍ତିଭୂମିକୁ ଧ୍ୱସ୍ତ କରି ମିଳିତ ବାହିନୀ କେବଳ ସାମରିକ ଶକ୍ତି ପ୍ରଦର୍ଶନ କରିନାହାଁନ୍ତି, ବରଂ ଇରାନର ରପ୍ତାନି ଓ ଯୋଗାଣ କ୍ଷମତାକୁ ସମ୍ପୂର୍ଣ୍ଣ ରୂପେ ପଙ୍ଗୁ କରିବାର ଏକ ରଣନୈତିକ ସଙ୍କେତ ଦେଇଛନ୍ତି। ଆଜି ଭୋର୍ ସମୟରେ ହୋଇଥିବା ଏହି ଆକ୍ରମଣରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏହି ଆକ୍ରମଣରେ କେତେକ ନିର୍ଦ୍ଦିଷ୍ଟ



ଜେଟିକୁ ଲକ୍ଷ୍ୟ କରାଯାଇଥିଲା, ଯାହା କାର୍ଗୋ ପରିବହନ ପାଇଁ ବ୍ୟବହୃତ ହେଉଥିଲା। ଆକ୍ରମଣରେ ଅନେକ ମାଲବାହୀ ଗାଡ଼ି ଭସ୍ମୀଭୂତ ହୋଇଯାଇଛି ଏବଂ ବନ୍ଦରରେ ଲଙ୍ଗର ପକାଇଥିବା ଦୁଇଟି ବଡ଼ ଜାହାଜ ମଧ୍ୟ ସାଂଘାତିକ କ୍ଷତିଗ୍ରସ୍ତ ହୋଇଛି। ଆମେରିକା ପକ୍ଷରୁ ଏହି ବନ୍ଦରକୁ ଅସ୍ତ୍ରଶସ୍ତ୍ର ଚାଲାଣର କେନ୍ଦ୍ର ବୋଲି କୁହାଯାଇଥିବା ବେଳେ ତେହେରାନ ଏହାକୁ 'ବେସାମରିକ ଅଞ୍ଚଳ ଉପରେ ଏକ ଅମାନୁଷିକ ଆକ୍ରମଣ'ବୋଲି ଅଭିହିତ କରିଛି। ଆଜି ଦକ୍ଷିଣାଞ୍ଚଳରେ ବନ୍ଦର ଉପରେ ଆକ୍ରମଣ ଚାଲିଥିବା ବେଳେ ଇରାନର ରାଜଧାନୀ ତେହେରାନ ମଧ୍ୟ ଭୟଙ୍କର ବିସ୍ଫୋରଣର ଶବ୍ଦରେ ଥରି ଉଠିଥିଲା। ସହରର ଉତ୍ତର ଏବଂ ଉତ୍ତର-ପୂର୍ବ ଜିଲ୍ଲାଗୁଡ଼ିକରେ ଅତିକମରେ ୬ଟି ଶକ୍ତିଶାଳୀ ବିସ୍ଫୋରଣ ଶୁଣାଯାଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓରେ ସାଦତ୍ ଆବାଦ ଅଞ୍ଚଳରେ ବ୍ୟାପକ ଧ୍ୱଂସଲୀଳା ଦେଖିବାକୁ ମିଳିଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଦାବି କରିଛି ଯେ ସେମାନେ ଇରାନର କମାଣ୍ଡ ସେଣ୍ଟର ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ କେନ୍ଦ୍ରକୁ ଧ୍ୱସ୍ତ କରିଛନ୍ତି। ଅନ୍ୟପଟେ ଇରାନ ଅଧିକାରୀଙ୍କ କହିବା ଅନୁଯାୟୀ, ଏହି ଆକ୍ରମଣର ପ୍ରଭାବରେ ସାଧାରଣ ଲୋକଙ୍କ ବସବାସ କରୁଥିବା ଆପାର୍ଟମେଣ୍ଟଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି, ଯାହା ଲୋକଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିଛି। ଆର୍ଥିକ ବିଶ୍ଳେଷକମାନେ ଆଜି ଚେତାବନୀ ଦେଇଛନ୍ତି ଯେ ଇରାନ ଶକ୍ତି ଓ ପରିବହନ ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରହିଲେ ବିଶ୍ୱ ଶକ୍ତି ବଜାରର ମାନଚିତ୍ର ବଦଳିଯାଇପାରେ। ସୂଚନାଯୋଗ୍ୟ, ଇରାନ ଯୁଦ୍ଧ ବର୍ତ୍ତମାନ ଏକ ବହୁପାକ୍ଷିକ ରୂପ ନେଇଛି। ୟେମେନର ହୁତି ବିଦ୍ରୋହୀମାନେ ଇରାନ ସମର୍ଥନରେ ଆଜି ପୁଣି ଦକ୍ଷିଣ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଲେବାନନ ପଟୁ ହେଜବୋଲ୍ଲା ମଧ୍ୟ ରକେଟ ଓ ଡ୍ରୋନ୍ ଆକ୍ରମଣ ଜାରି ରଖିଛି।

# କ୍ଷେପଣାସ୍ତ୍ର ଇଞ୍ଜିନ୍ ପରୀକ୍ଷା କଲା ଉତ୍ତର କୋରିଆ

ସିଓଲ୍ : ଇରାନ ଯୁଦ୍ଧକୁ ଦେଖି ସତର୍କ ଉତ୍ତର କୋରିଆର ନେତା କିମ୍ ଜଙ୍ଗ ଉନ୍ ତାଙ୍କ ଦେଶର ସାମରିକ ସାମର୍ଥ୍ୟ ବୃଦ୍ଧି ଉପରେ ଜୋର ଦେଉଛନ୍ତି। ସେ ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର ପାଇଁ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଇନ୍ଧନ ଇଞ୍ଜିନର ପରୀକ୍ଷଣ କରିଛନ୍ତି। ଏହି ପରୀକ୍ଷଣ ଦର୍ଶାଉଛି ଯେ କିମ୍ ସମ୍ଭବତଃ ଆମେରିକାର ମୁଖ୍ୟ ଭୂଖଣ୍ଡରେ ପହଞ୍ଚିବାକୁ ସକ୍ଷମ କ୍ଷେପଣାସ୍ତ୍ରର ଆଧୁନିକୀକରଣ କରିବାକୁ ଚାହୁଁଛନ୍ତି।

ରବିବାର କୋରିଆନ୍ ସେଣ୍ଟ୍ରାଲ୍ ନ୍ୟୁଜ୍ ଏଜେନ୍ସିର ଏହି ରିପୋର୍ଟ ଆସିଛି, ଯେଉଁଥିରେ କିମ୍ ଉତ୍ତର କୋରିଆ ସଂସଦରେ ଏକ ଭାଷଣ ଦେଇ ଏକ ଆଣବିକ ଶକ୍ତି ଭାବରେ ତାଙ୍କ ଦେଶର ସ୍ଥିତିକୁ ଦୃଢ଼ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଦର୍ଶାଇ ସେ ଆମେରିକାକୁ ସାରା ବିଶ୍ୱରେ ରାଷ୍ଟ୍ର-ପ୍ରାୟୋଜିତ ଆତଙ୍କବାଦ ଚଳାଇ ଆକ୍ରମଣ କରୁଥିବା ଅଭିଯୋଗ କରିଥିଲେ।

ପର୍ଯ୍ୟବେକ୍ଷକମାନେ କହିଛନ୍ତି ଯେ, କିମ୍ ଇଞ୍ଜିନ୍ ଶକ୍ତି ବୃଦ୍ଧି କରିବା ମୂଳରେ ଅଛି, ଦରକାର ହେଲେ ଆମେରିକାକୁ କଡ଼ା ଜବାବ ଦେବାର ଇଚ୍ଛା। ଗୋଟିଏ କ୍ଷେପଣାସ୍ତ୍ରରେ ଏକାଧିକ ଯୁଦ୍ଧାସ୍ତ୍ର ସ୍ଥାପନ କରିବାର ପ୍ରୟାସ ସହିତ ଏହା ଜଡିତ ହୋଇପାରେ। କେସିଏନ୍ଏ କେବେ ଓ କେଉଁଠାରେ ପରୀକ୍ଷା ହୋଇଥିଲା ତାହା ଜଣାଇ ନାହିଁ। ଦେଶର ପାଞ୍ଚବର୍ଷିଆ ସାମରିକ ବୃଦ୍ଧି କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ଏହି ପରୀକ୍ଷଣ କରାଯାଇଥିଲା।

ଉକ୍ତ ଆଣବିକ ସକ୍ଷମ ଅନ୍ତର୍ମହାଦେଶୀୟ ବାଲିଷ୍ଟିକ୍



କ୍ଷେପଣାସ୍ତ୍ର ଆମେରିକାର ମୁଖ୍ୟ ଭୂଭାଗକୁ ଟାର୍ଗେଟ୍ କରିପାରିବ। କିମ୍ କହିଛନ୍ତି, ଦେଶର ରଣନୀତିକ ସାମରିକ ଶକ୍ତିକୁ ସର୍ବୋଚ୍ଚ ସ୍ତରରେ ରଖିବାରେ ସର୍ବଶେଷ ଇଞ୍ଜିନ୍ ପରୀକ୍ଷଣର ବହୁତ ଗୁରୁତ୍ୱ ରହିଛି। ୨୦୧୯ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କିମ୍ଙ୍କ ଉଚ୍ଚ କୂଟନୈତିକ ସମ୍ପର୍କ ଭାଙ୍ଗିବା ପରଠାରୁ ଉତ୍ତର କୋରିଆ ଏହାର ଆଣବିକ ଅସ୍ତ୍ରଶସ୍ତ୍ରର ବିସ୍ତାର କରିବାକୁ କଠିନ ପରିଶ୍ରମ କରିଆସିଛି।

# ମିନାବ ସ୍କୁଲ ଆକ୍ରମଣ ପଛରେ ଥିବା ଆମେରିକୀୟ ଅଧିକାରୀଙ୍କ ଫଟୋ ଜାରି କଲା ଇରାନ

ତେହେରାନ: ଇରାନ ମିନାବର ଏକ ବିଦ୍ୟାଳୟ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ପାଇଁ ଦାୟୀ ଥିବା ଦୁଇଜଣ ଆମେରିକୀୟ ନୌସେନା ଅଧିକାରୀଙ୍କୁ ସର୍ବସାଧାରଣରେ ଚିହ୍ନଟ କରିଛି, ଯେଉଁଥିରେ ପ୍ରାୟ ୧୭୫ ଜଣ ଲୋକ ପ୍ରାଣ ହରାଇଥିଲେ। ଭାରତ, ଦକ୍ଷିଣ ଆଫ୍ରିକା ଓ ନାଇଜେରିଆରେ ଥିବା ଇରାନ ଦୂତାବାସ ରବିବାର ଅଧିକାରୀଙ୍କ ଫଟୋ ଜାରି କରି ସେମାନଙ୍କ ନାମ କମାଣ୍ଡିଂ ଅଫିସର ଲେ ଆର୍ ଟେଟ୍ ଓ ୟୁଏସ୍ଏସ୍ ସ୍ପ୍ରୁଆନ୍ସର କାର୍ଯ୍ୟନିର୍ବାହୀ ଅଧିକାରୀ ଜେଫ୍ରି ଇ ୟର୍କ ବୋଲି କହିଛି। ଏକ୍ସରେ ଏକ ପୋଷ୍ଟରେ ଦୂତାବାସ ଅଭିଯୋଗ କରିଛି ଯେ, ଏହି ଦୁଇ ଅଧିକାରୀ ତିନିଥର ଟୋମାହକ୍ କ୍ଷେପଣାସ୍ତ୍ର ମାଡ଼ କରିବାକୁ ଅନୁମତି ଦେଇଥିଲେ, ଯାହା ଫଳରେ ଫେବ୍ରୁଆରି ୨୮ରେ ମାରାତ୍ମକ ଆକ୍ରମଣ ହୋଇଥିଲା।

ଏହି ଦୁଇ ଅପରାଧୀଙ୍କୁ ମନେପକାନ୍ତୁ। ଭାରତରେ ଥିବା ଇରାନ ଦୂତାବାସ ଏକ୍ସରେ ଏକ ପୋଷ୍ଟରେ କହିଛି ଯେ, କମାଣ୍ଡର ଲେ ଆର୍ ଟେଟ୍ ଓ ୟୁଏସ୍ଏସ୍ ସ୍ପ୍ରୁଆନ୍ସର କାର୍ଯ୍ୟନିର୍ବାହୀ ଅଧିକାରୀ ଜେଫ୍ରି ଇ ୟର୍କ, ଯିଏ ତିନିଥର ଟୋମାହକ୍ କ୍ଷେପଣାସ୍ତ୍ର ମାଡ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଯେଉଁଥିରେ ମିନାବର ଏକ ବିଦ୍ୟାଳୟରେ ୧୬୮ ନିରୀହ ପିଲା ପ୍ରାଣ ହରାଇଥିଲେ। ଏପରିକି ଦକ୍ଷିଣ ଆଫ୍ରିକାରେ ଥିବା ଇରାନ ଦୂତାବାସ ମଧ୍ୟ ଏକ୍ସରେ ସମାନ ପୋଷ୍ଟ ସେୟାର କରି ପ୍ରଶ୍ନ କରିଛି ଯେ, ଦୁଇ ଆମେରିକୀୟ ଅଧିକାରୀଙ୍କର ନିଜର ସନ୍ତାନ ଅଛି କି ନାହିଁ? ସେହିଭଳି, ନାଇଜେରିଆରେ ଥିବା ଦେଶର ଦୂତାବାସ ଆଶ୍ଚର୍ଯ୍ୟ ହୋଇଛି ଯେ, ଏହି ଦୁଇ ଆମେରିକୀୟ ଅଧିକାରୀ ରାତିରେ କିପରି ଶାନ୍ତିରେ ଶୋଉଛନ୍ତି।

ନିକଟରେ ଜେନେଭାରେ ଏକ ଜରୁରୀ ବିତର୍କ ସମୟରେ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି ଶାଜାରେହ ତାୟେବେହ ବାଳିକା ବିଦ୍ୟାଳୟ ଉପରେ ହୋଇଥିବା ଆକ୍ରମଣକୁ ଯୁଦ୍ଧର ପ୍ରଥମ ଦିନରେ କରାଯାଇଥିବା ଏକ ନୃଶଂସ ଆକ୍ରମଣ ବୋଲି ବର୍ଣ୍ଣନା କରିଛନ୍ତି। ସେ ଦାବି କରିଛନ୍ତି ଯେ, ଏହି ଆକ୍ରମଣରେ ୧୭୫ରୁ ଅଧିକ ଛାତ୍ର ଓ ଶିକ୍ଷକ ନିହତ ହୋଇଛନ୍ତି।

ନ୍ୟୁୟର୍କ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଏହି କ୍ଷେପଣାସ୍ତ୍ରଟି ପ୍ରାଥମିକ ବିଦ୍ୟାଳୟ ନିକଟରେ ଅବସ୍ଥିତ ଏକ ଇରାନ ସାମରିକ ସୁବିଧା ପାଇଁ ଉଦ୍ଦିଷ୍ଟ ଥିଲା, ଯାହା ପୂର୍ବରୁ ସମାନ କମ୍ପ୍ଲେକ୍ସର ଅଂଶ ଥିଲା। ଭୁଲ୍ କିମ୍ବା ପୁରୁଣା ମ୍ୟାପିଂ ତଥ୍ୟ ଆଧାରରେ ସାମରିକ ପରିସର ଭାବି ଭୁଲ୍ରେ ବିଦ୍ୟାଳୟକୁ ଆକ୍ରମଣ କରାଯାଇ ଥାଇପାରେ। ଆମେରିକାର ସାମରିକ କର୍ତ୍ତୃପକ୍ଷ କହିଛନ୍ତି, ଅନୁସନ୍ଧାନ ଜାରି ରହିଛି ଏବଂ ଆକ୍ରମଣ ପୂର୍ବରୁ ଗୁଇନ୍ଦା ସୂଚନା କାହିଁକି ଯାଞ୍ଚ କରାଯାଇ ନାହିଁ ତାହା ସମେତ ପ୍ରମୁଖ ପ୍ରଶ୍ନ ତଦନ୍ତ ପରିସରଭୁକ୍ତ ରହିଛି। ୱାସିଂଟନ କହିଛି ଯେ ଏହା ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ୍ କରେ ନାହିଁ ଏବଂ ଭୁଲ୍ କାହିଁକି ହେଲା ତାହାର ସମୀକ୍ଷା କରାଯାଉଛି।

# ୬୦୦୦ ପିଏନ୍‌ଜି ଗ୍ରାହକ ଛାଡିଲେ ଏଲପିଜି କନେକ୍ସନ

ନୂଆଦିଲ୍ଲୀ : ପାଖାପାଖି ୬ ହଜାର ପିଏନଜି ଗ୍ୟାସ୍ ଗ୍ରାହକ ସେମାନଙ୍କ ଏଲପିଜି କନେକ୍ସନ ଛାଡି ଦେଇଛନ୍ତି। ଏହି ସୂଚନା ଦେଇଛନ୍ତି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳ ସଚିବ ନିରଜ ମିତ୍ତଲ। ଏହା ଦ୍ୱାରା ଦେଶରେ ଲୋକଙ୍କୁ ଏଲପିଜି ଯୋଗାଇ ଦେବା ଆହୁରି ସହଜ ହୋଇଯାଇଛି। ଏ ନେଇ ମିତ୍ତଲ ତାଙ୍କ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟ କରିଥିବା ବେଳେ ଯେଉଁମାନଙ୍କ ପାଇପଲାଇନ ଗ୍ୟାସ କନେକ୍ସନ ଅଛି ସେମାନଙ୍କୁ ଏଲପିଜି କନେକ୍ସନ ଛାଡିବାକୁ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ଯେଉଁମାନଙ୍କ ଘର ଆଖପାଖରେ ପିଏନଜି ସୁବିଧା ନାହିଁ ସେମାନେ ଏହାର ଲାଭ ପାଇପାରିବେ ବୋଲି ମିତ୍ତଲ କହିଛନ୍ତି।

ମନ୍ତ୍ରାଳୟ ଅନୁସାରେ ଶନିବାର ସାରା ଦେଶରେ ୫୪ ଲକ୍ଷରୁ ଅଧିକ ଏଲପିଜି ସିଲିଣ୍ଡର ଡେଲିଭରି ହୋଇଛି। ବୈଶ୍ୱିକ ସ୍ତରରେ ଯୋଗାଣ ଶୃଙ୍ଖଳା ପ୍ରଭାବିତ ହୋଇଥିବା ସତ୍ତ୍ୱେ ଘରୋଇ ସ୍ତରରେ ଯୋଗାଣ ଏବେବି ସ୍ୱାଭାବିକ ଥିବା କୁହାଯାଇଛି। ସରକାର ଏହା ବି ଦାବି କରିଛନ୍ତି ଯେ ଡିଲରଙ୍କ ନିକଟରେ ଏଲପିଜି ଶେଷ ହୋଇଥିବାର ରିପୋର୍ଟ ମଧ୍ୟ ନାହିଁ। ତେବେ ଏହି ସମୟରେ ଦେଶରେ ଅନଲାଇନ ବୁକିଂ ବଢି ୯୧% ହୋଇଯାଇଥିବା କୁହାଯାଇଛି। ସେହିପରି ଦେଶରେ ପେଟ୍ରୋଲ ଓ ଡିଜେଲର ଅଭାବ ନଥିବା ମଧ୍ୟ ମନ୍ତ୍ରାଳୟ କହିଛନ୍ତି । ଦେଶର ରିଫାଇନାରୀ ଏବେବି ପୂର୍ଣ୍ଣ କ୍ଷମତାର ସହିତ କାମ କରୁଥିବା କୁହାଯାଇଛି।

ତେବେ ମନ୍ତ୍ରାଳୟ କହିଛନ୍ତି ଯେ କିଛି ରାଜ୍ୟରେ ଗୁଜବ କାରଣରୁ ଲୋକେ ଅଧିକ କ୍ରୟ କରିପକାଇଛନ୍ତି। ଏଣୁ କିଛି ଫିଲିଂ ଷ୍ଟେସନରେ ଅଚାନକ ଭିଡ ଓ ବିକ୍ରି ଅଧିକ ବଢିଯାଇଥିବା ଦେଖା ଯାଇଛି। ତେବେ ଦେଶରେ ଅଶୋଧିତ ତୈଳ ପର୍ଯ୍ୟାପ୍ତ ମହଜୁଦ ଥିବା ଓ ରିଫାଇନାରୀ ଲଗାତାର କାମ କରୁଥିବା ମନ୍ତ୍ରାଳୟ ପକ୍ଷରୁ ସୂଚିତ କରାଯାଇଛି। ତେବେ ଗ୍ୟାସ୍ କ୍ଷେତ୍ରରେ ଘରୋଇ ଆବଶ୍ୟକତାକୁ ପ୍ରାଥମିକତା ଦିଆଯାଉଛି। ପାଇପରେ ମିଳୁଥିବା ଗ୍ୟାସ୍ (ପିଏନଜି) ଓ ସିଏନଜିର ୧୦୦% ଯୋଗାଣ ସୁନିଶ୍ଚିତ କରାଯାଇଛି। ଏହା ଛଡା ଉଦ୍ୟୋଗଙ୍କୁ ସେମାନଙ୍କ ଆବଶ୍ୟକତାର ୮୦% ଗ୍ୟାସ୍ ଯୋଗାଇ ଦିଆଯାଇଥିବା କୁହାଯାଇଛି।

ଦେଶରେ ଏଲପିଜି ଚୋରି ରୋକିବା ପାଇଁ ସାରା ଦେଶରେ ଚଢଉ ଜାରି ରହିଛି। ଏଥି ପାଇଁ ଏପର୍ଯ୍ୟନ୍ତ ହୋଇଥିବା ୨,୯୦୦ ଟି ଚଢଉରେ ୧୦୦୦ ଚୋରା ସିଲିଣ୍ଡର ଜବତ ହୋଇଛି। ବୟାନରେ କୁହାଯାଇଛି ଯେ ରାଜ୍ୟମାନଙ୍କରେ ତଦାରଖ ବଢାଇବା, ଦୈନିକ ସୂଚନା ଦେବା, ଗୁଜବ ଉପରେ ରୋକ ଲଗାଇବା ଓ ଗ୍ୟାସ୍ ସମ୍ପର୍କିତ ନିର୍ମାଣ କାମକୁ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଣୁ ଲୋକେ ଗୁଜବ ଉପରେ ବିଶ୍ୱାସ ନ କରିବାକୁ ଓ ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ ଅନାବଶ୍ୟକ ଅଧିକ କିଣାକିଣି ନ କରିବାକୁ ସରକାର ନିବେଦନ କରିଛନ୍ତି।

# କଟାମୁଣ୍ଡକୁ ଧରି ଗାଁ ସାରା ବୁଲାଇଲା ଅଭିଯୁକ୍ତ

ନୂଆଦିଲ୍ଲୀ: ସାମାନ୍ୟ କଥାକୁ ନେଇ ମର୍ଡର। ହତ୍ୟାକାଣ୍ଡ ଏତେ ବିଭତ୍ସ ଯେ ଯୁବକଙ୍କ ମୁଣ୍ଡ କାଟି ନେଇଗଲା ହତ୍ୟାକାରୀ। ଲୋକେ ଆତଙ୍କିତ, କେବଳ ସାଜିଲେ ଦେଖଣାହାରୀ। ଉତ୍ତର ପ୍ରଦେଶର ବାରବାଙ୍କିରେ ଏହି ହତ୍ୟାକାଣ୍ଡକୁ ନେଇ ଚାଞ୍ଚଲ୍ୟ। ସାମାନ୍ୟ କଥାକୁ ନେଇ ସାଇକେଲରେ ଆଇସକ୍ରିମ ବିକ୍ରୟ କରୁଥିବା ଜଣେ ଯୁବକଙ୍କ ମୁଣ୍ଡ କାଟି ଦିଆଯାଇଥିଲା। ଅଭିଯୁକ୍ତ ଅପରାଧ କରିବା ପରେ ମୁଣ୍ଡ ଘରକୁ ନେଇଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ ଭୟଭୀତ ହୋଇ ଗାଁ ଲୋକେ ତାଙ୍କୁ ଧରିବାକୁ ସାହସ ଜୁଟାଇ ପାରି ନଥିଲେ। ରିପୋର୍ଟ ଅନୁଯାୟୀ, ଟିକୈତନଗର ଥାନା ଅଞ୍ଚଳରେ ଅବସ୍ଥିତ ପାର୍ସାୱାଲ ଗାଁରେ ଏକ ସାମାନ୍ୟ ଝଗଡ଼ା ହିଂସାତ୍ମକ ରୂପ ନେଇଥିଲା। ଦରିଆବାଦର ବାସିନ୍ଦା ବବଲୁ ସାଇକେଲରେ ଗାଁରୁ ଗାଁକୁ ଆଇସକ୍ରିମ ବିକ୍ରୟ କରୁଥିଲେ। ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ପାର୍ସାୱାଲ ଗାଁର ବାସିନ୍ଦା ଶଙ୍କର ଯାଦବ ଏବଂ ଆଇସକ୍ରିମ ବିକ୍ରେତା ବବଲୁଙ୍କ ମଧ୍ୟରେ ସାମାନ୍ୟ ଝଗଡ଼ା ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଶଙ୍କର ଏବଂ ବବୁଲଙ୍କ ମଧ୍ୟରେ ଝଗଡ଼ା ସମୟରେ ବବଲୁ ତଳେ ପଡ଼ିଗଲେ। ତା'ପରେ ଶଙ୍କର ତାଙ୍କ ଘରୁ ଏକ ମାରଣାସ୍ତ୍ର ବାହାର କରି ତାଙ୍କ ବେକରେ ଅନେକ ଥର ଛୁରି ଭୁଷି ଦେଇଥିଲେ। ଯାହା ଫଳରେ ବବଲୁ ଘଟଣାସ୍ଥଳରେ ଯନ୍ତ୍ରଣାରେ ମୃତ୍ୟୁବରଣ କରିଥିଲେ। ଗ୍ରାମବାସୀ କହିଛନ୍ତି ଯେ ବବଲୁ ବରଫ ବିକ୍ରୟ କରି ଜୀବିକା ନିର୍ବାହ କରୁଥିଲା ଏବଂ ପ୍ରଥମ ଥର ପାଇଁ ଏହି ଗାଁକୁ ବରଫ ବିକ୍ରୟ କରିବାକୁ ଆସିଥିଲା।

ଆଇସକ୍ରିମ ବିକ୍ରେତା ବବଲୁଙ୍କୁ ତଳେ ପଡ଼ିଥିବା ଦେଖି ତାଙ୍କ ମୁଣ୍ଡ କାଟି ଘରକୁ ଆଣିଥିବା ସୂଚନା ମିଳିଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ଗ୍ରାମବାସୀ ଅଭିଯୁକ୍ତଙ୍କୁ ଅଟକାଇବା କିମ୍ବା ଧରିବାକୁ ସାହସ ଜୁଟାଇ ପାରିଲେ ନାହିଁ। ସୂଚନା ପାଇ ପୋଲିସ ଗ୍ରାମକୁ ଘେରାବନ୍ଦୀ କରି ପଳାୟନ କରୁଥିବା ଅଭିଯୁକ୍ତ ଶଙ୍କର ଯାଦବଙ୍କୁ ଗିରଫ କରିଥିଲା। ପୋଲିସ ଅଧୀକ୍ଷକ ଅର୍ପିତ ବିଜୟବର୍ଗୀୟ ଘଟଣାସ୍ଥଳରେ ପହଞ୍ଚି ଘଟଣାସ୍ଥଳ ଯାଞ୍ଚ କରିଥିଲେ। ଏସପି କହିଛନ୍ତି ଯେ ଅଭିଯୁକ୍ତ ଜଣେ ମାନସିକ ରୋଗୀ। ଗିରଫ କରାଯାଇଛି ଏବଂ ପଚରାଉଚରା କରାଯାଉଛି। ସ୍ଥାନୀୟ ପୋଲିସ ଘଟଣାର ଅନ୍ୟାନ୍ୟ ଦିଗ ମଧ୍ୟ ତଦନ୍ତ କରୁଛି।

# ଯୁଦ୍ଧ ଯୋଗୁ ଦୁର୍ବଳ ହୋଇଛି ଅର୍ଥନୀତି, ବଢ଼ିପାରେ ଦରଦାମ

ନୂଆଦିଲ୍ଲୀ: ମାନିଲେ ସାରକାର। ଯୁଦ୍ଧ ଯୋଗୁ ମନ୍ଥର ହୋଇପାରେ ଭାରତର ଅର୍ଥନୀତି। ରବିବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ମାର୍ଚ୍ଚ ୨୦୨୬ ପାଇଁ ମାସିକ ଅର୍ଥନୈତିକ ସମୀକ୍ଷା ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ଅନୁଯାୟୀ, ଭାରତୀୟ ଅର୍ଥନୀତି ଏବେ ସାମାନ୍ୟ ହ୍ରାସ ପାଇବାର ଆଶଙ୍କା ରହିଛି। ଏହାର ମୁଖ୍ୟ କାରଣ ହେଉଛି ପଶ୍ଚିମ ଏସିଆରେ ଜାରି ଉତ୍ତେଜନା ଏବଂ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି। ମନ୍ତ୍ରଣାଳୟ ସ୍ୱୀକାର କରିଛି ଯେ ଏହି ବାହ୍ୟ ଝଟକା ଯୋଗୁ, ଦେଶ ଭିତରେ ଇନପୁଟ୍ ଖର୍ଚ୍ଚ ଅର୍ଥାତ୍ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି। ଏହି କାରଣରୁ ଆର୍ଥିକ କାର୍ଯ୍ୟକଳାପ ଉପରେ ଚାପ ପଡ଼ିଛି। ରିପୋର୍ଟ ଅନୁସାରେ ଭାରତୀୟ ଅର୍ଥନୀତି ଫେବୃଆରୀ ପର୍ଯ୍ୟନ୍ତ ଦୃଢ଼ ସ୍ଥିତିରେ ଥିଲା। ଘରୋଇ ଚାହିଦା, ଭିତ୍ତିଭୂମି ସମ୍ପ୍ରସାରଣ ଏବଂ ସରକାରୀ ନୀତି ଦ୍ୱାରା ସମର୍ଥିତ ଯୋଗାଣ ଏବଂ ଚାହିଦା ଉଭୟ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିଲା। ଉତ୍ପାଦନ ଏବଂ ସେବା କ୍ଷେତ୍ର ଅଭିବୃଦ୍ଧି ହେବା ସହ ଯାନବାହାନ ବିକ୍ରୟ ଏବଂ ଡିଜିଟାଲ୍ ପେମେଣ୍ଟରେ ମଧ୍ୟ ଅଭିବୃଦ୍ଧି ହୋଇଥିଲା। ମନ୍ତ୍ରଣାଳୟ ଅନୁଯାୟୀ, ମାର୍ଚ୍ଚ ୨୦୨୬ରେ ବିଶ୍ୱ ପରିସ୍ଥିତି ପରିବର୍ତ୍ତନ ହେବା ଆରମ୍ଭ ହୋଇଥିଲା। ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା ଶକ୍ତି ବଜାର ଏବଂ ଲଜିଷ୍ଟିକ୍ସକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଏହାର ସିଧାସଳଖ ପ୍ରଭାବ ଭାରତର ପ୍ରତ୍ୟକ୍ଷ କ୍ଷେତ୍ରରେ ପଡ଼ିଛି। ଇ-ୱେ ବିଲ୍ ଜେନେରେସନ୍ ହ୍ରାସ ଏବଂ ଦୁର୍ବଳ ଫ୍ଲାସ୍ (ପର୍ଚେଜିଂ ମ୍ୟାନେଜର୍ ଇଣ୍ଡେକ୍ସ) ତଥ୍ୟକୁ ଉଲ୍ଲେଖ କରି ମାସିକ ଆଧାରରେ ଅର୍ଥନୀତି ସାମାନ୍ୟ ହ୍ରାସ ପାଇଛି ବୋଲି ଅର୍ଥମନ୍ତ୍ରଣାଳୟ ଜାରି କରିଥିବା ରିପୋର୍ଟରେ କୁହାଯାଇଛି।

ଏହି ଚାପ ମଧ୍ୟରେ ବଡ଼ କଥା ହେଉଛି ଯେ ଘରୋଇ ଚାହିଦା ମଜଭୁତ୍ ରହିଛି। ଯାନବାହାନ ପଞ୍ଜୀକରଣ ଏବଂ ଡିଜିଟାଲ୍ କାରବାର ତଥ୍ୟ ସୂଚାଇ ଦେଉଛି ଯେ ଲୋକମାନେ କିଣାବିକା ଜାରି ରଖିଛନ୍ତି। ତେବେ ଗ୍ରାମାଞ୍ଚଳର ସ୍ଥିତିକୁ ନେଇ ରିପୋର୍ଟରେ ଚିନ୍ତା ପ୍ରକଟ କରାଯାଇଛି। ମନ୍ତ୍ରଣାଳୟ ଉଲ୍ଲେଖ କରିଛି ଯେ ଗ୍ରାମାଞ୍ଚଳରେ ମନୋଭାବ ସାମାନ୍ୟ ଦୁର୍ବଳ ରହିଛି। ତେବେ ଏହି ମାନ୍ଦାବସ୍ଥା ବ୍ୟବହାରର ଅଭାବ ଯୋଗୁ ନୁହେଁ, ବରଂ ବୃଦ୍ଧି ପାଉଥିବା ଖର୍ଚ୍ଚ ଏବଂ ଯୋଗାଣ ପ୍ରତିବନ୍ଧକ ଯୋଗୁ ହୋଇଛି।

ଅର୍ଥନୀତି ଉପରେ ପଡୁଥିବା ଚାପ ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇବାର ସଙ୍କେତ ଦେଖାଇଛି। ଏପର୍ଯ୍ୟନ୍ତ, ମୁଦ୍ରାସ୍ଫୀତିର ମୁଖ୍ୟ ବାହକ ଖାଦ୍ୟ ମୂଲ୍ୟ ଥିଲା, କିନ୍ତୁ ଏବେ ତୈଳ ଦର ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ତେବେ ମନ୍ତ୍ରଣାଳୟ ସତର୍କ କରାଇ ଦେଇଛି ଯେ ବୃଦ୍ଧି ପାଉଥିବା ଅଶୋଧିତ ତୈଳ ମୂଲ୍ୟର ସମ୍ପୂର୍ଣ୍ଣ ପ୍ରଭାବ ଏପର୍ଯ୍ୟନ୍ତ ଘରୋଇ ବଜାରରେ ପ୍ରତିଫଳିତ ହୋଇ ନାହିଁ। ଯଦି ଯୁଦ୍ଧ ଦୀର୍ଘଦିନ ଏମିତି ଲାଗି ରହିଲା, ତେବେ ସ୍ଥିତି ସାଂଘାତିକ ହୋଇପାରେ ବୋଲି କୁହାଯାଉଛି। ଯଦି ବିଶ୍ୱବ୍ୟାପୀ ଶକ୍ତି ମୂଲ୍ୟ ଉଚ୍ଚ ରେ ତେବେ ଆଗାମୀ ଦିନରେ ମୁଦ୍ରାସ୍ଫୀତି ଆହୁରି ବୃଦ୍ଧି ପାଇପାରେ। ଏହା ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରେ। ଏମିତିରି ବି ଫେବୃଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୩.୨୧%କୁ ବୃଦ୍ଧି ପାଇଛି।

## ବାପାମା'ଙ୍କୁ ଅବହେଳା କଲେ କଟିବ ଦରମା

ହାଇଦ୍ରାବାଦ: ତେଲେଙ୍ଗାନା ସରକାର ରବିବାର ବିଧାନସଭାରେ ଐତିହାସିକ ତେଲେଙ୍ଗାନା କର୍ମଚାରୀଙ୍କ ଦାୟିତ୍ୱ ଏବଂ ଅଭିଭାବକ ସହାୟତା ବିଲ୍, ୨୦୨୬ ପାରିତ କରିଛନ୍ତି। ସରକାରୀ କର୍ମଚାରୀ ହୁଅନ୍ତୁ କି ଘରୋଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ବାପାମା'ଙ୍କ ଅବହେଳା କଲେ କିମ୍ବା ସେମାନଙ୍କ ବାପାଙ୍କୁ ସହାୟତା ନକଲେ ସେମାନଙ୍କ ଦରମା କଟାଯିବାକୁ ଏହି ବିଲ୍ରେ ପ୍ରସ୍ତାବ ରହିଛି।

ଏହି ଆଇନ ବିଧାୟକ ଓ ସାଂସଦଙ୍କ ସମେତ ସମସ୍ତ ନିର୍ବାଚିତ ପୌର ଓ ପଞ୍ଚାୟତ ପ୍ରତିନିଧିଙ୍କ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ ହେବ। ବିଲ୍ ଦରମାର ୧୫% କିମ୍ବା ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ କାଟିବାକୁ ଅନୁମତି ଦିଏ, ଯାହା କମ୍ ହେବ। ବିଲ୍ ଉପରେ ବିତର୍କବେଳେ ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀ କହିଛନ୍ତି, ଅଭିଭାବକଙ୍କ ଅଧିକାର ସଦିଚ୍ଛାରେ ସୁରକ୍ଷିତ ରଖାଯିବା କଥା। କିନ୍ତୁ ବିଲ୍ ନିଶ୍ଚିତ କରେ ଯେ ଯେତେବେଳେ ପିତାମାତାଙ୍କୁ ଅବହେଳା କରାଯାଏ ସେତେବେଳେ ଆଇନ ସେମାନଙ୍କ ସପକ୍ଷରେ ରହିଥାଏ।

# ପାକିସ୍ତାନକୁ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀ କହିଲା ଆମେରିକା



ୱାଶିଂଟନ: ଆମେରିକା ପୁଣି ଥରେ ପାକିସ୍ତାନକୁ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀ ଭାବରେ ବର୍ଣ୍ଣନା କରିଛି। ଆତଙ୍କବାଦ ପ୍ରସଙ୍ଗରେ ପାକିସ୍ତାନର ଅସଲ ଚେହେରାକୁ ପୁଣି ଥରେ ବିଶ୍ୱ ଦରବାରରେ ପଦାରେ ପକାଇଛି ଆମେରିକା। ଆମେରିକା କଂଗ୍ରେସର ଏକ ସ୍ୱତନ୍ତ୍ର ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଏବେ ବି ଆତଙ୍କବାଦୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି। ବିଶେଷ କରି ଭାରତ ବିରୋଧୀ ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାକିସ୍ତାନ ପ୍ରଶ୍ରୟ ଦେଉଥିବା ଏହି ରିପୋର୍ଟରେ ଚେତାବନୀ ଦିଆଯାଇଛି। ଆମେରିକା କଂଗ୍ରେସର ରିସର୍ଚ୍ଚ ସର୍ଭିସର ଏକ ରିପୋର୍ଟ ପାକିସ୍ତାନରୁ କାର୍ଯ୍ୟ କରୁଥିବା ଆତଙ୍କବାଦୀ ଗୋଷ୍ଠୀ, ବିଶେଷକରି ଜମ୍ମୁ ଏବଂ କାଶ୍ମୀର ଉପରେ କେନ୍ଦ୍ରିତ ବିଷୟରେ ଭାରତର ଦୀର୍ଘକାଳୀନ ଚିନ୍ତାକୁ ପୁନର୍ବାର ପ୍ରକାଶ କରିଛି। ଏହି ରିପୋର୍ଟରେ ଭାରତ ଏବଂ କାଶ୍ମୀର ଉପରେ କେନ୍ଦ୍ରିତ ଅନେକ ଗୋଷ୍ଠୀ ଉପରେ ଆଲୋକପାତ କରାଯାଇଛି। ଲସ୍କର-ଏ-ତୈବା, ଜୈଶ-ଏ-ମହମ୍ମଦ, ହରକତ-ଉଲ-ଜିହାଦ ଇସଲାମି, ହରକତ-ଉଲ-ମୁଜାହିଦ୍ଦିନ ଏବଂ ହିଜବୁଲ ମୁଜାହିଦ୍ଦିନ ସମେତ ଏହି ଗୋଷ୍ଠୀଗୁଡ଼ିକ ପାକିସ୍ତାନୀ କ୍ଷେତ୍ରରୁ କାର୍ଯ୍ୟ ଜାରି ରଖିଛନ୍ତି ଏବଂ ନିରନ୍ତର ସୁରକ୍ଷା ଚ୍ୟାଲେଞ୍ଜ ସୃଷ୍ଟି କରୁଛନ୍ତି।

ବିଶ୍ଳେଷଣ ଅନୁସାରେ, ପାକିସ୍ତାନ ବିଭିନ୍ନ ସଶସ୍ତ୍ର ଅଣ-ରାଷ୍ଟ୍ରୀୟ ଗୋଷ୍ଠୀ ପାଇଁ ଏକ କେନ୍ଦ୍ର ଏବଂ ଲକ୍ଷ୍ୟସ୍ଥଳ ଭାବରେ ରହିଛି, ଯେଉଁଥିରୁ ଅନେକ ୧୯୮୦ ଦଶକରୁ ସକ୍ରିୟ ଅଛନ୍ତି। ବାରମ୍ବାର ସାମରିକ ଅଭିଯାନ ଏବଂ ନୀତିଗତ ପଦକ୍ଷେପ ସତ୍ତ୍ୱେ, ଆମେରିକା ଏବଂ ଜାତିସଂଘ ଦ୍ୱାରା ଆତଙ୍କବାଦୀ ସଂଗଠନ ଭାବରେ ନାମିତ ଏହି ଗୋଷ୍ଠୀଗୁଡ଼ିକର ନେଟୱାର୍କଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଦିଆଯାଇନାହିଁ।

# ପାକିସ୍ତାନରେ ଲାଗିବ ସ୍ମାର୍ଟ ଲକଡାଉନ୍

ଇସଲାମାବାଦ: ଇରାନ୍ ଉପରେ ଇସ୍ରାଏଲ ଏବଂ ଆମେରିକା ଆକ୍ରମଣ ଜାରି ରଖିଛନ୍ତି । ଏହାର ପ୍ରତିଜବାବ ବି ଦେଉଛି ଇରାନ୍ । ଏହା ସହ ତେହେରାନ ଉପସାଗରୀ ଦେଶଗୁଡ଼ିକ ଉପରେ ମଧ୍ୟ ଆକ୍ରମଣ କରୁଛି । ଏସବୁ ପରିସ୍ଥିତିରେ, ବିଶ୍ୱର ବିଭିନ୍ନ ଦେଶରେ ଶକ୍ତି ସଙ୍କଟ ଦେଖା ଦେଇଛି । ପଶ୍ଚିମ ଏସିଆରେ ଜାରି ସଂଘର୍ଷ ମଧ୍ୟରେ ପାକିସ୍ତାନରେ ପେଟ୍ରୋଲ-ଡିଜେଲ୍ ଘୋର୍ ଅଭାବ ଦେଖାଦେଇଛି । ଏଭଳି ସ୍ଥିତିର ମୁକାବିଲା କରିବାକୁ ବଡ଼ ନିଷ୍ପତ୍ତି ନେଇଛନ୍ତି ଶାହବାଜ ସରକାର । ଇରାନ ଯୁଦ୍ଧ ପରେ, ବିଶ୍ୱବ୍ୟାପୀ ତୈଳ ସଙ୍କଟ ଦେଖାଦେଇଛି। ଏହି ସଙ୍କଟ ଯୋଗୁଁ ପାକିସ୍ତାନର ପରିସ୍ଥିତି ଖରାପ ହୋଇଛି। ଏହି ସଙ୍କଟର ସମାଧାନ ପାଇଁ, ଶାହବାଜ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ପାକିସ୍ତାନରେ ଏକ ସ୍ମାର୍ଟ ଲକଡାଉନ୍ ଲାଗୁ ହେବାକୁ ଯାଉଛି । ଏହି ଲକଡାଉନ୍ ଏପ୍ରିଲ ୪-୫ ରୁ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି । ଏହି ନିଷ୍ପତ୍ତି ଆଧାରରେ ପ୍ରତି ସପ୍ତାହରେ ଦୁଇ ଦିନ ଲାଗିବ ସ୍ମାର୍ଟ ଲକଡାଉନ୍ । ସ୍ମାର୍ଟ ଲକଡାଉନ ନିଷ୍ପତ୍ତି ଆଧାରରେ ପ୍ରଥମେ ଏପ୍ରିଲ ୪ (ଶନିବାର) ରାତି ୧୨ଟାରୁ ରବିବାର ଦିନ ୧୨ଟା ପର୍ଯ୍ୟନ୍ତ ପାକିସ୍ତାନର ସମସ୍ତ ଦୋକାନ ବନ୍ଦ ରହିବ। ଏହା ବ୍ୟତୀତ, ମୋଟରୱେ ଏବଂ ରାଜପଥଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ରହିବ । ଅର୍ଥାତ୍ ରାଜପଥରେ ଗଡ଼ିବନି ଗାଡ଼ି ମୋଟର । ଏହି ସ୍ମାର୍ଟ ଲକଡାଉନରେ ସ୍ଥିର ହୋଇଥିବା ବିବାହ ମଧ୍ୟ ହୋଇପାରିବ ନାହିଁ ।ଉଚ୍ଚ ମୁଦ୍ରାସ୍ଫୀତି ଏବଂ ଦାରିଦ୍ର୍ୟର ସମ୍ମୁଖୀନ ହେଉଥିବା ପାକିସ୍ତାନରେ ଇରାନ୍ ଯୁଦ୍ଧର ପ୍ରଭାବ । ତେଲ ଓ ଗ୍ୟାସର ଅଭାବ ଯୋଗୁଁ ପାକିସ୍ତାନର ସମସ୍ୟା ବହୁଗୁଣିତ ହୋଇଛି । ଏଲପିଜି ଠାରୁ ପେଟ୍ରୋଲ ଏବଂ ଡିଜେଲ ପର୍ଯ୍ୟନ୍ତ ସବୁକିଛିର ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହା ଲୋକଙ୍କ ପକେଟକୁ ପ୍ରଭାବିତ କରୁଛି। ପଡ଼ୋଶୀ ଦେଶ ଶକ୍ତି ସଙ୍କଟର ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ଜଣାପଡ଼ିଛି । ପାକିସ୍ତାନରେ, ୧୧.୬୭ କିଲୋଗ୍ରାମର ସିଲିଣ୍ଡରର ମୂଲ୍ୟ ୩,୯୦୦ ରୁ ବୃଦ୍ଧି ପାଇ ୫,୧୩୫ ହୋଇଛି । ଏହା ପୂର୍ବରୁ ସିଲିଣ୍ଡର ମୂଲ୍ୟ ୩,୧୫୦ ରୁ ୩, ୯୫୦ ମଧ୍ୟରେ ରହିଥିଲା । ଏହି ଦର ବୃଦ୍ଧି ସାଧାରଣ ଲୋକଙ୍କଠାରୁ ପରିବହନ କ୍ଷେତ୍ର ପର୍ଯ୍ୟନ୍ତ ସମସ୍ତଙ୍କୁ ପ୍ରଭାବିତ କରୁଛି। ରିକ୍ସା, ବସ୍ ଏବଂ ମିନିବସ୍ ଭଳି ଏଲପିଜି ଚାଳିତ ଯାନର ଭଡ଼ା ମଧ୍ୟ ବୃଦ୍ଧି ପାଇଛି । ଫଳରେ ନିମ୍ନ ଏବଂ ମଧ୍ୟବିତ୍ତ ଶ୍ରେଣୀର ଲୋକ ସମସ୍ୟା ଭୋଗୁଛନ୍ତି । ସେପଟେ ଭାରତରେ ମଧ୍ୟ ଲକଡାଉନ୍ ହୋଇପାରେ ବୋଲି ଚର୍ଚ୍ଚା ହେଉଛି । କିନ୍ତୁ ଏନେଇ କେନ୍ଦ୍ର ସରକାର ସ୍ପଷ୍ଟୀକରଣ ଦେଇଛନ୍ତି ।

# ଏମ୍‌ଏସ୍‌ଏମ୍‌ଇ ପାଇଁ ରିଲିଫ୍ ପ୍ୟାକେଜ୍

ନୂଆଦିଲ୍ଲୀ: ପଶ୍ଚିମ ଏସିଆ ସଙ୍କଟ ବଢ଼ିଲେ ମୁଦ୍ରାସ୍ଫୀତି ବେଲଗାମ ହେବା ଆଶଙ୍କା ରହିଛି। ତାହାକୁ ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ସରକାର ଅଣୁଏ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ସମେତ ଅର୍ଥନୀତିର ଦୁର୍ବଳ ବର୍ଗ ପାଇଁ ଅଧିକ ରିଲିଫ୍ ପ୍ୟାକେଜ୍ ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଛି। ଯୁଦ୍ଧ ପ୍ରଭାବର ମୁକାବିଲା କରିବାକୁ ସରାକର ମାସକ ଭିତରେ ପେଟ୍ରୋଲ ଓ ଡିଜେଲ୍ ଉପରୁ ଉତ୍ପାଦ ଶୁଳ୍କ ହ୍ରାସ କରିବା, ଡିଜେଲ ଓ ବିମାନ ଇନ୍ଧନ ରପ୍ତାନି ଉପରେ ଶୁଳ୍କ ଲଗାଇବା ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଅର୍ଥନୀତିର ଦୁର୍ବଳ କ୍ଷେତ୍ରଗୁଡ଼ିକୁ ସହଯୋଗ କରିବା ପାଇଁ ଆହୁରି ପଦକ୍ଷେପ ଘୋଷଣା ହେବା ଆଶା କରାଯାଉଛି। ରପ୍ତାନିକାରୀମାନେ ଭୋଗୁଥିବା ସମସ୍ୟାର ସମାଧାନ କରିବା ପାଇଁ ସରକାର ସେମାନଙ୍କୁ



କିଛି ରିହାତି ପ୍ରଦାନ କରିଛନ୍ତି। ମାଲ ପରିବହନ ବୃଦ୍ଧି, ବୀମା ପ୍ରିମିୟମ ବୃଦ୍ଧି ଓ ଯୁଦ୍ଧ ସମ୍ବନ୍ଧୀୟ ରପ୍ତାନି ବିପଦକୁ ରପ୍ତାନିକାରୀମାନେ ସାମ୍ନା କରୁଛନ୍ତି। ସେମାନଙ୍କ ପାଇଁ ସରକାର ୪୭୯ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହି ପଦକ୍ଷେପ ଦେଶର ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା ସହ ଏମ୍ଏସ୍ଏମ୍ଇ ରପ୍ତାନିକାରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବ। ସେମାନେ ଦେଇଥିବା ବରାଦ ବାତିଲକୁ ରୋକିବ ଏବଂ କର୍ମଚାରୀଙ୍କ ନିଯୁକ୍ତି ସୁରକ୍ଷିତ କରିବ।

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ବିଶ୍ୱବ୍ୟାପୀ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧିର ପ୍ରଭାବରୁ ଗ୍ରାହକମାନଙ୍କୁ ସୁରକ୍ଷା ଦେବା ପାଇଁ ସରକାର ପେଟ୍ରୋଲ ଉପରେ ଉତ୍ପାଦ ଶୁଳ୍କକୁ ଲିଟର ପିଛା ୩ ଟଙ୍କାକୁ ହ୍ରାସ କରିଛନ୍ତି ଓ ଡିଜେଲକୁ ଶୁଳ୍କରୁ ମୁକ୍ତ କରିଛନ୍ତି। ଗତ ଫେବ୍ରୁଆରି ୨୮ ତାରିଖରେ ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ ସାମରିକ ଆକ୍ରମଣ ଆରମ୍ଭ କରିବା ପରଠାରୁ ବିଶ୍ୱବ୍ୟାପୀ ଅଶୋଧିତ ତେଲର ମୂଲ୍ୟ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ଘଟିଛି। ତେଲର ବ୍ୟାରେଲ୍ ପିଛା ଦର ୧୧୯ ଡଲାରରେ ପହଞ୍ଚିଛି। କିଛି ଦିନ ତଳେ ତାହା ୧୦୦ ଡଲାରକୁ ହ୍ରାସ ପାଇଥିଲା। ଭାରତ ଏହାର ୮୮ ପ୍ରତିଶତ ତୈଳ ଆବଶ୍ୟକତା ଆମଦାନି ଜରିଆରେ ପୂରଣ କରୁଛି।ଇରାନ ସହିତ ଯୁକ୍ତରାଷ୍ଟ୍ର-ଇସ୍ରାଏଲ ଯୁଦ୍ଧ ଯୋଗୁଁ ହର୍ମୁଜ୍ ପ୍ରଣାଳୀ ପାଖରେ ସୁରକ୍ଷା ଚିନ୍ତା ବୃଦ୍ଧି ପାଇବା ଯୋଗୁଁ ଜାହାଜଗୁଡ଼ିକର ଦିଗ ପରିବର୍ତ୍ତନ, ଲମ୍ବା ପରିବହନ ମାର୍ଗ, ସମୁଦ୍ର ପଥରେ ଭିଡ଼ ଏବଂ ଜରୁରୀକାଳୀନ ସଂଘର୍ଷ-ସଂଯୁକ୍ତ ସରଚାର୍ଜ ଭଳି ବିପଦ ସୃଷ୍ଟି ହାଇଛି। ଏହା କେବଳ ଅଧିକ ଲଜିଷ୍ଟିକ୍ସ ଖର୍ଚ୍ଚ ସୃଷ୍ଟି କରିନାହିଁ ବରଂ ଏହି ଅଞ୍ଚଳକୁ କିମ୍ବା ଏହି ଅଞ୍ଚଳ ଦେଇ ଯାଉଥିବା ମାଲ ପ୍ରତି ଅନିଶ୍ଚିତତା ମଧ୍ୟ ସୃଷ୍ଟି କରିଛି। ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି ଅନନ୍ତ ନାଗେଶ୍ୱରନ କହିଛନ୍ତି ଯେ ଭାରତକୁ ସବୁଠାରୁ ପ୍ରଭାବିତ ଓ ଦୁର୍ବଳ ବ୍ୟବସାୟ କ୍ଷେତ୍ରକୁ ତୁରନ୍ତ ରିଲିଫ୍ ଯୋଗାଇବାକୁ ପଡିବ।

## ଆଇପିଏଲ ମହାସମର

# ମୁମ୍ବାଇକୁ ଜିତାଇଲେ ରୋହିତ, ରିକେଲଟନ୍

ମୁମ୍ବାଇ, ୨୯।୩ (ଏଜେନ୍ସି) :ଐତିହାସିକ ୱାଙ୍ଖେଡେ ଷ୍ଟାଡିୟମରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସ ଦଳ ବିଜୟରୁ ଆଇପିଏଲ୍ ଅଭିଯାନ ଆରମ୍ଭ କରିଛି। ମୁମ୍ବାଇ ୬ ୱିକେଟରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ଧରାସାୟୀ କରିଥିଲା। ଏହି ମ୍ୟାଚରେ ଉଭୟ ପକ୍ଷରୁ ଚୌକା - ଛକାର ବର୍ଷା ଦେଖିବାକୁ ମିଳିଥିଲା। କେକେଆର ଅଧିନାୟକ ୪୦ ବଲରୁ ୬୭, ଅଙ୍ଗକ୍ରିଶ ରଘୁବଂଶୀ ୨୯ ବଲରୁ ୫୧ ରନ କରିବାରୁ କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରୁ ୪ ୱିକେଟ ହରାଇ ୨୨୦ ରନର ବିଶାଳ ସ୍କୋର କରିଥିଲା। ଜବାବ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ରିୟାନ ରିକେଲଟନଙ୍କ ୮୧ ରନ୍ ଓ ରୋହିତ ଶର୍ମାଙ୍କ ୭୮ ରନର ବିସ୍ଫୋରକ ଇନିଂସ ସହାୟତାରେ ୧୯.୧ ଓଭରରେ ୪ ୱିକେଟ ହରାଇ ୨୨୪ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା। ଚଳିତ ସଂସ୍କରଣରେ ମୁମ୍ବାଇ ବିଜୟରୁ ଅଭିଯାନ ଆରମ୍ଭ କରିଛି।

ଏହି ମ୍ୟାଚରେ ମୁମ୍ବାଇ -ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି କୋଲକାତା ଭଲ ଆରମ୍ଭ କରିଥିଲା। ପାୱାର ପ୍ଲେ ଅର୍ଥାତ୍ ପ୍ରଥମ ୬ ଓଭରରେ ଦଳ ୧ ୱିକେଟ ହରାଇ ୭୮ ରନ କରିଥିଲା। ଓପନର ଆଜିଙ୍କ୍ୟ ରାହାଣେଙ୍କ ସହ ଫିନ ଆଲିନ ଜମାଣିଆ ଆରମ୍ଭ ଦେଇଥିଲେ। ଆଲିନ ୧୭ ବଲରୁ ୩୭ ରନ କରି ଆଉଟ୍ ହୋଇଥିଲେ। ପ୍ରଥମ ୱିକେଟ ପାଇଁ ୬୯ ରନର ପାର୍ଟନରସିପ ହୋଇଥିଲା। ଆଜିଙ୍କ୍ୟ ରାହାଣେ ଓ କାମେରନ ଗ୍ରିନ୍ ଦ୍ୱିତୀୟ ୱିକେଟ ପାଇଁ ୨୧ ବଲରୁ ୪୦ ରନ ଯୋଡିଥିଲେ। ରାହାଣେ ଓ ଅଙ୍ଗକ୍ରିଷ ରଘୁବଂଶଙ୍କ ମଧ୍ୟରେ ତୃତୀୟ ୱିକେଟ ପାଇଁ ୩୬ ରନର ପାର୍ଟନରସିପ ହୋଇଥିଲା। ରାହାଣେ ୪୦ ବଲର ସମ୍ମୁଖୀନ ହୋଇ ୩ ଟି ଚୌକା ଓ ୫ ଟି ଛକା ସହାୟତାରେ ୬୭ ରନ କରିଥିଲେ। କାମେରନ ଗ୍ରୀନ ୧୦ ଟି ବଲର ସମ୍ମୁଖୀନ ହୋଇ ଗୋଟିଏ ଲେଖାଏଁ ଚୌକା ଓ ଛକା ସହାୟତାରେ ୧୮ ରନ କରିଥିଲେ। ଅଙ୍ଗକ୍ରିଷ ରଘୁବଂଶୀ ୨୯ ବଲର ସମ୍ମୁଖୀନ ହୋଇ



୬ ଟି ଚୌକା ଓ ୨ ଟି ଛକା ସହାୟତାରେ ୫୧ ରନ କରିଥିଲେ। ମଧ୍ୟମ କ୍ରମରେ ରିଙ୍କୁ ସିଂ ୨୧ ବଲରୁ ୪ ଟି ଚୌକା ମାରି ୩୩ ରନ କରିଥିଲେ। ତେଣୁ କୋଲକାତା ୨୦ ଓଭରରେ ୪ ୱିକେଟ ହରାଇ ୨୨୦ ରନର ବଡ ସ୍କୋର କରିଥିଲା। ମୁମ୍ବାଇର ସାର୍ଦ୍ଦୁଲ ଠାକୁରଙ୍କୁ ୩ ୱିକେଟ ସଫଳତା ମିଳିଥିଲା।

୨୨୧ ରନର ବିଜୟ ଲକ୍ଷ୍ୟ ମୁମ୍ବାଇ ପାଇଁ ସହଜ ନଥିଲା। କିନ୍ତୁ ଏହାକୁ ସହଜ କରିଥିଲେ ଓପନର ରିଆନ ରିକେଲଟନ୍ ଓ ରୋହିତ ଶର୍ମା। ପ୍ରଥମ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୧୧.୫ ଓଭରରେ ୧୪୮ ରନର ପାର୍ଟନରସିପ ହୋଇଥିଲା। ମୂଳଦୁଆ ମଜଭୁତ ହେବାରୁ ମୁମ୍ବାଇର ବିଜୟ ସହଜ ହୋଇଥିଲା। ଜମାଣିଆ ଫର୍ମରେ ଥିବା ରୋହିତ ୩୮ ବଲର ସମ୍ମୁଖୀନ ହୋଇ ୬ ଟି ଲେଖାଏଁ ଚୌକା ଓ ଛକା ମାରି ୭୮ ରନ କରିଥିଲେ। କିନ୍ତୁ ସାଥି ଖେଳାଳି ରିଆନ ରିକେଲଟନ୍ ୮୧ ରନର ଇନିଂସ ଖେଳି ମୁମ୍ବାଇକୁ ବିଜୟୀ କରିଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୧ ବଲରୁ ୧୮ ଓ ନମନ ଧୀର ୨ ବଲରୁ ୫ ରନ କରି ମ୍ୟାଚ ଶେଷ କରିଥିଲେ। କୋଲକାତାର ବୈଭବ ଅରୋରା, କାର୍ତ୍ତିକ ତ୍ୟାଗି ଓ ସୁନୀଲ ନାରିନ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ।

### ଆଜିର ମ୍ୟାଚ

- ରାଜସ୍ଥାନ - ଚେନ୍ନାଇ
- ସ୍ଥାନ- ଗୋହାଟୀ
- ସମୟ- ସନ୍ଧ୍ୟା ୭ଟା ୩୦
- ପ୍ରସାରଣ: ଷ୍ଟାର ନେଟୱର୍କ

# ବିରାଟଙ୍କ ରୋମାଣ୍ଟିକ୍ ମୋମେଣ୍ଟ ଭାଇରାଲ

ନୂଆଦିଲ୍ଲୀ, ୨୯।୩(ଏଜେନ୍ସି) : ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କୁ ଆଇପିଏଲର ଉଦ୍‌ଘାଟନୀ ମ୍ୟାଚରେ କୋହଲିଙ୍କ ଖେଳ ଦେଖିବାକୁ ଉପସ୍ଥିତ ଥିଲେ। କୋହଲି ଏହି ମ୍ୟାଚରେ ଅର୍ଦ୍ଧଶତକ ହାସଲ କରି ଚମତ୍କାର ଇନିଂସ ଖେଳିଥିଲେ। ଆଇପିଏଲର ପ୍ରଥମ ମ୍ୟାଚରେ ବିରାଟଙ୍କ ଚମତ୍କାର ବ୍ୟାଟିଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ବିଜୟୀ କରିଥିଲା। ଏହି ସମୟରେ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କ ଏକ ରୋମାଣ୍ଟିକ ମୁହୂର୍ତ୍ତ ଭାଇରାଲ ହୋଇଛି। ବିଜୟ ପରେ ବିରାଟ ସର୍ବସାଧାରଣରେ ଅନୁଷ୍କା ଶର୍ମାଙ୍କୁ ଫ୍ଲାଇଙ୍ଗ୍ କିସ୍ ଦେଇଥିଲେ। ଦର୍ଶକଙ୍କ ମଧ୍ୟରେ ବସିଥିବା ଅନୁଷ୍କା ତାଳି ମାରି ଉତ୍ସାହର ସହିତ ତାଙ୍କ ପାଇଁ ଖୁସି ହେଉଥିବା ଦେଖାଯାଇଥିଲା। ଅନୁଷ୍କାଙ୍କ ଉପରେ କୋହଲିଙ୍କ ନଜର ପଡିଥିଲା। ସେ ଷ୍ଟାଡିୟମର ମଧ୍ୟ ଭାଗରୁ ଏକ ଫ୍ଲାଇଙ୍ଗ୍ କିସ୍ ଦେଇଥିଲେ। ଏହି ସମୟରେ ତାଙ୍କ ପାଖରେ ବସିଥିବା ଅନନ୍ୟା ବିର୍ଲା ଖୁସି ଅନୁଭବ କରିଥିଲେ। ଦମ୍ପତିଙ୍କ ଏହି ରୋମାଣ୍ଟିକ ମୋମେଣ୍ଟ ସୋସିଆଲ ମିଡିଆରେ ଖୁବ୍ ଜୋରରେ ଭାଇରାଲ ହେଉଛି।





# କ୍ୱାର୍ଟରରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ

ଭୁବନେଶ୍ୱର, ୨୯।୩(ସବ୍ୟୁ) : ଶ୍ରୀ ଜୟଦେବ କ୍ରୀଡା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ ୧୭ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତା ପାଣ୍ଡରା ନିକଟସ୍ଥ ହାଇ ଟେକ୍ କଲେଜ ଖେଳ ପଡିଆରେ ତୃତୀୟ ପ୍ରି କ୍ୱାଟର ଫାଇନାଲ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ଟସରେ ବିଜୟ ଲାଭ କରି ପ୍ରଥମେ କ୍ଷେତ୍ର ରକ୍ଷଣ କରିବାର ନିଷ୍ପତି ନେଇଥିଲେ। ଗ୍ରୀନସ କ୍ରିକେଟ ଏକାଡେମୀ ନିର୍ଦ୍ଧାରିତ ୨୦ ଓଭରରେ ୯ ଗୋଟି ୱିକେଟ ହରାଇ ୧୦୨ ରନ ସଂଗ୍ରହ କରିଥିଲେ, ଦଳ ପକ୍ଷରୁ ସର୍ବାଧିକ ଦିପ୍ତାଂଶୁ ଦାସ ୪୦ ବଲରୁ ୩୯ ରନ ସଂଗ୍ରହ କରିଥିଲେ, ଅପର ପକ୍ଷର ବୋଲର ସ୍ୱସ୍ତିକ ଦେହୁରୀ ୪ ଓଭରରେ ୧୭ ରନ ବିନିମୟ କରି ୫ ଗୋଟି ୱିକେଟ ହାସଲ କରିଥିଲେ। ଏହାର ଜବାବରେ ପ୍ରଗତି ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭର ମଧ୍ୟରେ ୯ ଗୋଟି ୱିକେଟ ହରାଇ ୯୫ ରନ କରିବାକୁ ସକ୍ଷମ ହୋଇଥିଲେ। ଦଳ ପକ୍ଷରୁ ସର୍ବାଧିକ ଅସୀମ ବାରାଦ ୩୭ ବଲରୁ ୫୫ ରନ ସଂଗ୍ରହ କରିଥିଲେ, ଅପର ପକ୍ଷର ବୋଲର ଆର୍ଯ୍ୟାନ୍ ମହାନ୍ତି ୩ ଗୋଟି, ଶୁଭମ୍ ମହାନ୍ତି ଅଭିଷେକ ସେନାପତି ଓ ଜଗନ୍ନାଥ ବେହେରା ୨ ଗୋଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ, ଗୀନସ କ୍ରିକେଟ ଏକାଡେମୀ ୭ ରନରେ ବିଜୟ ଲାଭ କରିଥିଲା। ଆର୍ଯ୍ୟାନ୍ ମହାନ୍ତିଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ଶ୍ରୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ରଣଜୀ ଖେଳାଳି ଓ କୋଚ, ଶ୍ରୀ ପ୍ରଦ୍ୟୁମ୍ନ କୁମାର ଜେନା, ପାରାମାଉଣ୍ଟ ସ୍ପୋର୍ଟିଂର ପ୍ରତିଷ୍ଠାତା ପୁରସ୍କୃତ କରିଥିଲେ।




ଚତୁର୍ଥ ପ୍ରି କ୍ୱାଟର ଫାଇନାଲ ମ୍ୟାଚରେ ଟାଉନ କ୍ଲବ୍ ଟସରେ ବିଜୟ ଲାଭ କରି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲେ ନିର୍ଦ୍ଧାରିତ ୨୦ ଓଭର ମଧ୍ୟରେ ୬ ଗୋଟି ୱିକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସର୍ବାଧିକ ଇଶାନ ମହାପାତ୍ର ୫୩ ବଲରୁ ୬୩ ରନ ସଂଗ୍ରହ କରିଥିଲେ, ଅପ ପକ୍ଷର ବୋଲର ଭାବୋତୋଷ ବିଶ୍ୱାଳ ୪ ଗୋଟି ୱିକେଟ ହାସଲ କରିଥିଲେ, ଏହାର ଜବାବରେ ହାଇ ଟେକ କ୍ରିକେଟ ଏକାଡେମୀ ଦଳ ୧୪.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୭୬ ରନ ସଂଗ୍ରହ କରି ପାରିଥିଲା। ଟାଉନ କ୍ଲବ୍ ୬୨ ରେ ବିଜୟ ଲାଭ କରିଥିଲା, ଶ୍ରେଷ୍ଠ ଖେଳାଳୀ ଭାବେ ଇଶାନ୍ ମହାପାତ୍ରଙ୍କୁ ଶ୍ରୀ ସୁରେଶ ନାୟକ, ପିଇଟି, ହାଇଟେକ ମେଡିକାଲ କଲେଜ ପୁରସ୍କୃତ କରିଥିଲେ। ଶ୍ରୀ ଜୟଦେବ ସଂଘର ଖେଳାଳୀ ଜଗମୋହନ ସ୍ୱାଇଁ, ଆୟୁଷ ପ୍ରଧାନ, ପବିତ୍ର ବରାଳ ଉପସ୍ଥିତ ଥିଲେ।

# ଭାରତୀୟ ବଧିର କ୍ରିକେଟ୍ ଦଳରେ ସନ୍ତୋଷ

ଭୁବନେଶ୍ୱର, ୨୯।୩ (ସବ୍ୟୁ) : ଦ. ଆଫ୍ରିକା ଗସ୍ତ ଲାଗି ଭାରତୀୟ ବଧିର କ୍ରିକେଟ ଦଳ ଘୋଷିତ ହୋଇଛି। ଏହି ୧୪ ଜଣିଆ ଦଳରେ ଓଡିଶାର ସନ୍ତୋଷ କୁମାର ମହାପାତ୍ରଙ୍କୁ ସ୍ଥାନ ମିଳିଛି। ଭାରତ ଏହି ଗସ୍ତରେ ଘରୋଇ ଦଳ ବିପକ୍ଷରେ ୩ ଟି ଟି -୨୦ ଓ ଦୁଇଟ ଦିନିକିଆ ମ୍ୟାଚ ଖେଳିବ। ଏପ୍ରିଲ ୨୬ ରୁ ମେ ୨ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏପ୍ରିଲ ୨୬ ଓ ୨୮ରେ ଦିନିକିଆ, ଏପ୍ରିଲ ୩୦, ମେ ୧ ଓ ୨ ତାରିଖରେ ଟି -୨୦ ମ୍ୟାଚ ଖେଳାଯିବ। ଏହି ଗସ୍ତ ପୂର୍ବରୁ ଏପ୍ରିଲ ୨୮ ରୁ ୨୩ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ। ଅନୁଗୁଳ ଜିଲ୍ଲା ତାଳଚେର ସନ୍ତୋଷ ଜଣେ ଭଲ ଅଲରାଉଣ୍ଡର। ସେ ଚମତ୍କାର ବ୍ୟାଟିଂ ଓ ବୋଲିଂ କରିବା ସହ ଫିଲ୍ଡିଂରେ ପାରଦର୍ଶିତା ଦେଖାଛନ୍ତି। ସେ ୨୦୦୬ ରୁ ତାଳଚେର ସ୍ଥିତ ୟୁଥ ସ୍ପୋର୍ଟ୍ସ କ୍ଲବ ଓ ୨୦୦୮ ଅନୁଗୁଳ ଜିଲ୍ଲା କ୍ରିକେଟ୍ ସହ ଅନୁବନ୍ଧିତ ଅଛନ୍ତି। ଗତ ମାସରେ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଏସିଆ କପ୍ ବଧିର କ୍ରିକେଟ ପ୍ରତିଯୋଗିତାରେ ସନ୍ତୋଷ ଚମତ୍କାର ପ୍ରଦର୍ଶନ କରିଥିଲେ। ତାଙ୍କର ଏହି ସଫଳତା ଲାଗି ଜାତୀୟ ଦଳରେ ସ୍ଥାନ ସୁରକ୍ଷିତ ରଖିପାରିଛନ୍ତି। ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ସନ୍ତୋଷଙ୍କୁ ଓଡିଶା ବଧିର କ୍ରିକେଟ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

ଭାରତୀୟ ଦଳ : ବିରେନ୍ଦ୍ର ସିଂ, ସାଇ ଆକାଶ, ଉମର ଅସରର୍ଫ, ଅଭିଶେକ ସିଂ, ସାନିତ ସେଟ୍ଟୀ, ଯଶୋବନ୍ତ ନାଇଡୁ, କୁଲଦୀପ ସିଂ, ବିବେକ କୁମାର , ପ୍ରନିଲ ମୋରେ, ସୁଦର୍ଶନ ଇ, ହିଲାଲ୍ ୱାନି, ସନ୍ତୋଷ କୁମାର ମହାପାତ୍ର, ଦିପକ ଲାମ୍ବା, ଅମନ ଚୌକସି।

## ଲକ୍ଷ୍ମୀପ୍ରିୟା ସ୍ମାରକୀ ସ୍କୁଲ ଓପନ ଚେସ୍

# ଆରିଶ ବିଜେତା



ଭୁବନେଶ୍ୱର, ୨୯।୩ (ସବ୍ୟୁ) : କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ତୃତୀୟ ଲକ୍ଷ୍ମୀପ୍ରିୟା ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ଦିନିକିଆ ପ୍ରତିଯୋଗିତାରେ ୟୁନିଟ୍ ୮ ଡିଏଭି ପବ୍ଲିକ ସ୍କୁଲର ଆରିଶ ନନ୍ଦ ଗୋସ୍ୱାମୀ ବିଜେତା ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ୧ ର ଆୟୁଷ୍ମାନ ବେହେରା ଦ୍ୱିତୀୟ, ସ୍ୱସ୍ତି ଷଡଙ୍ଗୀ ତୃତୀୟ, ସତଭିକ ମହାନ୍ତି ଚତୁର୍ଥ ଏବଂ ଶ୍ରୀୟାଂସି ବେହେରା ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ୯, ୧୧, ୧୩, ୧୫ ଓ ବାଳିକା ବର୍ଗରେ ଦୁଇଜଣ ଲେଖାଏଁ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଏତଦ୍ ବ୍ୟତୀତ ୪ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ ସ୍କୁଲର ଭାଇସ୍ ପ୍ରିନସପାଲ୍ ପ୍ରଜ୍ଞାପରମିତା ସାହୁ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ରାଜ୍ୟ ଚେସ୍ ଆସୋସିଏସନ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତଃ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ବୋହୂ ନିବେଦିତା ପଟ୍ଟନାୟକ ଏବଂ ନାତୁଣୀ ସୌମ୍ୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଗଣେଶ ଗାଙ୍ଗ ବିଜୟୀ



ଫୁଲନଖରା (ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ଅରଡିଆପଦା ଗ୍ରାମର ଢିଅସାହି ଖେଳ ପଡିଆରେ ମା ନବ ମଲ୍ଲିକା କ୍ରିକେଟ କ୍ଲବର ଆନୁକୂଲ୍ୟରେ ଆୟୋଜିତ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମାପ୍ତ ହୋଇଯାଇଛି। ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଗଣେଶ ଗାଙ୍ଗ ଦଳ ଦୃଢ଼ ପ୍ରଦର୍ଶନ କରି ମା ତାରେଣୀ ୱାରିଅର୍ସ ଦଳକୁ ୧୨ ରନରେ ପରାସ୍ତ କରି ବିଜେତା ହୋଇଛି। ମ୍ୟାଚର ଉଦଯାପନୀ ଉତ୍ସବ ଗ୍ରାମର ସମ୍ପାଦକ ଅଜୟ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଟକ ସଦର ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ ମୁଖ୍ୟ ଅତିଥି ,ଯୁବ ସଂଗଠକ ନଳିନୀକାନ୍ତ ପଟ୍ଟନାୟକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଟୱିନ ସିଟି ପ୍ରେସ କ୍ଲବର ସଭାପତି ଅମିତ କୁମାର ପରିଡା, ବିଶିଷ୍ଟ ଉଦ୍ୟୋଗୀ ରଞ୍ଜିତ କୁମାର ବେଉରା, ଗ୍ରାମର କୋଷାଧ୍ୟକ୍ଷ ଶୈଳଜା ନନ୍ଦ ସାହୁ, ଓ୍ୱାର୍ଡ ସଭ୍ୟ ବରାଦ ପ୍ରସାଦ ବେଉରା, ବାନାମ୍ବର ପରିଡା, ଦିଲ୍ଲୀପ କୁମାର ବେଉରା, ହେମନ୍ତ କୁମାର ବେଉରା ଓ ପ୍ରତିଶ କୁମାର ବେଉରା ପ୍ରମୁଖ ଯୋଗଦେଇ କ୍ରୀଡା ସଂସ୍କୃତିର ଉନ୍ନତି ପାଇଁ ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ।

# ଉତ୍କଳ କରାଟେ ସ୍କୁଲରେ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର, ବ୍ଲାକ୍‌ବେଲ୍ଟ ପରୀକ୍ଷା

ଭୁବନେଶ୍ୱର, ୨୯।୩ (ସବ୍ୟୁ) : ଚଳିତ ମାସ ୨୭ ଓ ୨୮ ତାରିଖ ଦୁଇଦିନ ଧରି ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଓ ବ୍ଲକ୍‌ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଓଡିଶାର ବିଭିନ୍ନ ଜିଲ୍ଲାରୁ ୫୦ ଜଣ ପ୍ରଶିକ୍ଷକ ଶିବିରରେ ଭାଗ ନେଇ ଓଡିଶାରେ କରାଟେ କ୍ରୀଡାର ମାନ ବୃଦ୍ଧି କରିବା ସହ କରାଟେ କ୍ରୀଡାକୁ ପ୍ରସାର କରିବା ସହ ପ୍ରଶିକ୍ଷଣ ଓ ସେମିନାରରେ ଭାଗ ନେଇଥିଲେ। ସ୍କୁଲର ବ୍ଲାକବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡର ସେନସାଇ, ଗଣେଶ ଚନ୍ଦ୍ର ବେହେରା, ପଞ୍ଚମ ଡାନ୍ ହାସଲ କରିଥିବା ବେଳେ ଦୁଇଜଣ ୨ୟ ଡାନ୍ ଓ ୫୫ ଜଣ ପ୍ରଥମ ଡାନ ବ୍ଲାକବେଲ୍ଟରେ କୃତକାର୍ଯ୍ୟ ହୋଇଛନ୍ତି। ହାନସି ହରିପ୍ରସାଦଙ୍କ ତତ୍ତ୍ୱାବଧାନରେ



ଏହି ଶିବିର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପ୍ରଶିକ୍ଷକ ଖାରବେଳ ମଲ୍ଲିକ, ରାଜିବ ସିଂ, ଗୌରୀ ମହାନ୍ତି, ଦୀପକ ସାମନ୍ତରା,ଜୟଦେବ ପଟ୍ଟନାୟକ, ମହେଶଚନ୍ଦ୍ର ବରାଳ, ସୁରେଶ ଚନ୍ଦ୍ର ଜାଲ, ଗୋପାଳ ଦାସ, ଗୋପାଳ କଅଁର, ସନ୍ତୋଷ ମହାରଣା, ବିଜନ ଦଳ ବେହେରା, ବିଜୟ କୁମାର ସାମଲ, ଉମାକାନ୍ତ ବେହେରା, ଭବାନୀ ଶଙ୍କର ପଣ୍ଡା, ସୁଭେନ୍ଦୁ ଲେଙ୍କା, ଯୋଗେଶ ବରିହା, ସୁସ୍ମିନ ପାଲଟାସିଂ, ସାଗର ସ୍ୱାଇଁ, ବିନୋଦିନୀ ସିକା ପ୍ରମୁଖ ଶିବିର ପରିଚାଳନାରେ ଭାଗ ନେଇଥିଲେ।

# ଆମେରିକା ଟି -୨୦ ଲିଗ ଖେଳିବେ ଅଶ୍ୱିନ

ନୂଆଦିଲ୍ଲୀ, ୨୯।୩(ଏଜେନ୍ସି) : ଭାରତର ପୂର୍ବତନ ଅଫ ସ୍ପିନର ଅବିଚନ୍ଦ୍ର ଅଶ୍ୱିନ ଆମେରିକା ଟି -୨୦ ଲିଗ ଖେଳିବେ। ସେ ସାନ ଫ୍ରାନ୍ସିସ କୋ ୟୁନିକନର୍ସ ଟିମ ସହ ଚୁକ୍ତି କରିଛନ୍ତି। ୨୦୨୪ ରେ ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଏହାପରେ ୨୦୨୫ରେ ସେ ଚେନ୍ନାଇ ସୁପର କିଂସ୍ ପକ୍ଷରୁ ଖେଳିଥିଲେ। ଏହି ସଜନ ତାଙ୍କ ପାଇଁ ସେଭଳି ଉତ୍ସାହଜନକ ରହିନଥିଲା। ସେ ଆଇପିଏଲରୁ ମଧ୍ୟ ଅବସର ଘୋଷଣା କରିଥିଲେ। ଏବେ ସେ ଗ୍ଲୋବାଲ୍ ଲିଗରେ ଖେଳିବା ପାଇଁ ମନ ବଳାଇଛନ୍ତି। ପ୍ରଥମ ଥର ଅଶ୍ୱିନ ଭାରତ ବାହାରେ କୌଣସି ଲିଗ୍ ଖେଳିବାକୁ ଯାଉଛନ୍ତି। ପୂର୍ବରୁ ସେ ବିଗ୍‌ବାସ ଲିଗ୍‌ରେ ସିଡନି ଥଣ୍ଡର୍ସ ସହ ଚୁକ୍ତି କରିଥିଲେ ମଧ୍ୟ ଆହତ ଯୋଗୁଁ ଖେଳିପାରିନଥିଲେ। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲମ୍ପିକ୍ସ ପୂର୍ବରୁ ଆମେରିକାରେ କ୍ରିକେଟ ବେସ୍ ଲୋପ୍ରିୟ ହେଉଛି। ମେଜର ଲିଗ୍ କ୍ରିକେଟରେ ଆଇପିଏଲର ୬ ମାଲିକ ୩ ଟି ଦଳ ସହ ଜଡିତ ଅଛନ୍ତି। ଏମଆର ନ୍ୟୁୟର୍କ, ଟେକ୍ସସାସ ସୁପର କିଂସ୍ ଓ ଏଲଏ ନାଇଟ୍ ରାଇଡର୍ସ। ଜୁନ୍ ୧୮ ରୁ ଏମଏଲସିର ଚତୁର୍ଥ ସଂସ୍କରଣ ଆରମ୍ଭ ହେବ। ଟେକ୍ସସାସ୍, ଲସ୍ ଏଞ୍ଜେଲସ୍ ଏବଂ ଅକଲାଣ୍ଡରେ ମ୍ୟାଚ ଗୁଡିକ ଖେଳାଯିବ। ଜୁନ ୧୮ ରେ ଫାଇନାଲ ମ୍ୟାଚ ହେବ।

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକୃତି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

## ଏଲଏଲ୍‌ସିସି କପ୍

# ରେଡ୍‌ଷ୍ଟାର ଚାମ୍ପିଅନ

ଭୁବନେଶ୍ୱର, ୨୯।୩(ସବ୍ୟୁ) : ପଞ୍ଚମ ଏଲଏଲ୍‌ସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଦିବାରାତ୍ର ଫାଇନାଲରେ ରେଡ୍ ଷ୍ଟାର ୭ ୱିକେଟରେ ଆୟୋଜକ ଏଲଏଲସିସିକୁ ପରାଜିତ କରି ଚାମ୍ପିଅନ ହୋଇଛି। ଏହି ମ୍ୟାଚରେ ଏଲଏଲସିସି ୩୫ ଓଭରରେ ୫ ୱିକେଟ ହରାଇ ୧୯୬ ରନ କରିଥିଲା। ଦଳ ପକ୍ଷରୁ ତେଜସ୍ୱର ପଣ୍ଡା ୨୮, ଆଶୀର୍ବାଦ ପ୍ରଧାନ ୨୮, ଆର୍ଯ୍ୟନ ପାଟସାଣୀ ୪୧, ଜୟଦୀପ ନାୟକ ୬୮ ରନ କରିଥିଲେ। ଓମ ସାହୁଙ୍କୁ ୩ ୱିକେଟ୍ ସଫଳତା ମିଳିଥିଲା। ଜବାବରେ ରେଡଷ୍ଟାର ୨୩ ଓଭରରେ ୩ ୱିକେଟ ହରାଇ ୧୯୯ ରନ ସଂଗ୍ରହ କରି ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅମିତ କୁମାର ସାହୁ ୪୪, ଆର୍ଯ୍ୟନ ଷଡଙ୍ଗୀ ୪୪ ରନ, ଓମଶ୍ରୀ ସାହୁ ଅପରାଜିତ ୫୬ ରନ ଏବଂ ଧନରାଜ ରାୟ ଅପରାଜିତ ୩୩ ରନ କରି ମ୍ୟାଚ ଶେଷ କରିଥିଲେ। ସୁନୀଲ ନାୟକଙ୍କୁ ୩ ୱିକେଟ ସଫଳତା ମିଳିଥିଲା।

ସମଗ୍ର ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ସ୍କୋରର ଭାବେ ଅଭିଶେକ ଜେନା, ଶ୍ରେଷ୍ଠ ଉଦୀୟମାନ ଖେଳାଳି ଆର୍ଯ୍ୟନ ମୋରେ, ଶ୍ରେଷ୍ଠ ଉଦୀୟମାନ ଖେଳାଳି (୧୨ ବର୍ଷରୁ କମ୍) ରିଷି, ଶ୍ରେଷ୍ଠ କ୍ୟାଚ ପୁପୁନ ବେହେରା, ଶ୍ରେଷ୍ଠ ଫିଲ୍ଡର ରୋହିତ ବିହାର,ଶ୍ରେଷ୍ଠ ୱିକେଟ୍ କିପର ଆର୍ଯ୍ୟନ ଷଡଙ୍ଗୀ, ଶ୍ରେଷ୍ଠ ୱିକେଟ କିପର (ବାଳିକା) ଅନନ୍ୟା ଦାସ, ଶ୍ରେଷ୍ଠ ବୋଲର ମୋହିତ ପଙ୍କଜ ସାହୁ, ଶ୍ରେଷ୍ଠ ବୋଲର (ବାଳିକା) ମିତାଲି ଶର୍ମା, ଶ୍ରେଷ୍ଠ ବ୍ୟାଟର ଅମିତ, ବାଳିକା ଶ୍ରେଷ୍ଠ ବ୍ୟାଟର ତନଭି ରଞ୍ଜନ, ମ୍ୟାନ ଅଫ ଦ ସିରିଜ ଓମ୍‌ଶ୍ରୀ ସାହୁ, ପ୍ଲେୟାର ଅଫ ଦ ସିରିଜ ବାଳିକା ମିତାଲି ଶର୍ମା, ଗେମ୍ ଚେଞ୍ଜର ଓମଶ୍ରୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ସେମିଫାଇନାଲରେ ପରାଜିତ ଦଳ ସହିଦ ସ୍ପୋର୍ଟିଂ ଓ ପାରାମାଉଣ୍ଟକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସେହିଭଳି ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପ୍ରଗତି ସ୍ପୋର୍ଟିଂ ପୁରସ୍କୃତ ହୋଇଛି। ଉଦଯାପନୀ ଉତ୍ସବରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ଅତିଥି ଭାବେ ଓଡିଶା କ୍ରିକେଟ ଆସୋସିଏସନ ସଭାପତି ପଙ୍କଜ ଲୋଚନ ମହାନ୍ତି, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ରଣଜୀ ଖେଳାଳି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏବଂ ୨୫ ନଂ ୱାର୍ଡ କର୍ପୋରେଟର ମାନସୀରାଣୀ ସୁନ୍ଦର ରାୟ ପ୍ରମୁଖ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି